

ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି

▶ପୃଷ୍ଠା-୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-201 •FRIDAY •16 JANUARY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୦୧ •ଶୁକ୍ରବାର •୧୬ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଇରାନ ମୁହାଁ ଆମେରିକା ଯୁଦ୍ଧ ଜାହାଜ

## ଚୀନ ସାଗରରୁ ବାହାରି ମଧ୍ୟପ୍ରାଚ୍ୟ ଯାଉଛି ଷ୍ଟ୍ରାଇକ୍ ଗ୍ରୁପ୍

### ଟ୍ରମ୍ପଙ୍କ ଧମକ ପରେ ନରମିଲା ଇରାନ

### ଫାଶୀ ଦଣ୍ଡ ସ୍ଥଗିତ

### ଏବେ ଯୁଦ୍ଧ ହୋଇନପାରେ

### ବାୟୁ ସୀମା ଖୋଲିଲା ଇରାନ



■ ୱାସିଂଟନ, ୧୫ ।୧ (ଏଜେନ୍ସି): ଇରାନରେ ସୁପ୍ରିମ ନେତା ଅଲ୍ଲୀ ଖାମନେଇଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ସରକାର ମଧ ଦମନଲୀଳା ଜାରି ରଖିଛନ୍ତି। ଏଥିରେ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ଆମରିକାର ଯୁଦ୍ଧ ଜାହାଜ ଏବେ ଇରାନ ଆଡ଼କୁ ମାଡ଼ିଯାଉଥିବା ଖବର ମିଳିଛି। ଇରାନକୁ ଚାରିପଟୁ ଘେରାଉ କରିବା ପରେ ଇରାନର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିପାରନ୍ତି ଆମେରିକା ସେନା। ।ତେବେ ଟ୍ରମ୍ପଙ୍କ ଧମକ ପରେ ଇରାନ ବିକ୍ଷୋଭକାରୀଙ୍କୁ ମୃତ୍ୟୁଦଣ୍ଡ ଦେବା ସ୍ଥଗିତ ରଖିଥିବାରୁ ଇରାନ ଉପରେ ଆମେରିକା ଏବେ ଆକ୍ରମଣ କରିନପାରେ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ମୃତ୍ୟୁଦଣ୍ଡ ନଦେବାଲାଗି ଇରାନ ପ୍ରତିଶ୍ରୁତି ଦେବାପରେ ଟ୍ରମ୍ପ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଛନ୍ତି। ଇରାନ ଆକ୍ରମଣ ଆଶଙ୍କାରେ କତାରରୁ ସେନା ପ୍ରତ୍ୟାହାର କରିଥିବା ଆମେରିକା ଏହି ସେନାକୁ ପୁଣି କତାର ପଠାଇଛି। ପରିସ୍ଥିତି ଶାନ୍ତ ପଡୁଥିବାରୁ ଇରାନ ଏହାର ଆକାଶ ସୀମାକୁ ମଧ ଖୋଲିଦେଇଛି।

ଅନ୍ୟପକ୍ଷରେ ଇରାନର ଆଖପାଖ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତିକୁ ବୃଦ୍ଧି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆମେରିକା। ନୌସେନାର ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ଦକ୍ଷିଣ ଚୀନ୍ ସାଗରରୁ ମଧ୍ୟପ୍ରାଚ୍ୟକୁ ଯାତ୍ରା କରିବା ଆରମ୍ଭ କରିଛି। ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ ହେଉଛି ଆମେରିକା ନୌସେନାର ଏକ ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧ ବିମାନ ବାହକ। ଏହାକୁ ବିଶ୍ୱର ସବୁଠାରୁ ବଡ଼ ଓ ସବୁଠାରୁ ଶକ୍ତିଶାଳୀ ଯୁଦ୍ଧଜାହଜଗୁଡିକ ମଧ୍ୟରେ ଗୋଟିଏ ବୋଲି ବିବେଚନା କରାଯାଏ। ଆମେରିକା ସମାଚାର ୱେବ୍‌ସାଇଟ୍ ନ୍ୟୁଜ ନେସନର ଏକ ରିପୋର୍ଟ ଅନୁଯାୟୀ, ଇରାନ ଆକାଶ ସୀମା ବନ୍ଦ ହେବାର ମାତ୍ର ଗୋଟିଏ ଘଣ୍ଟା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟ ଅନୁସାରେ ଚୀନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଏହି ଷ୍ଟ୍ରାଇକ ଗ୍ରୁପ୍ ଦକ୍ଷିଣ ଚୀନ ସାଗରରେ ମୁତୟନ କରାଯାଇଥିଲା। କିନ୍ତୁ ଏବେ ଏହା ଇରାନ ଆଡକୁ ଯିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ମଧ୍ୟପ୍ରାଚ୍ୟରେ ଏହା ପହଞ୍ଚିବାକୁ ଅତିକମ୍‌ରେ ଗୋଟିଏ ସପ୍ତାହ ସମୟ ଲାଗିବ। ଏପର୍ଯ୍ୟନ୍ତ ଆମେରିକା ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ସୂଚନା ଦେଇନାହାନ୍ତି ବା କିଛି ସ୍ପଷ୍ଟ କରିନାହାନ୍ତି। ଆକ୍ରମଣ କରିବା ପୂର୍ବରୁ ଆମେରିକା ସମାନ ଢଙ୍ଗରେ ଭେନେଜୁଏଲା ଉପକୂଳରେ ଏହାକୁ ମୁତୟନ କରିଥିଲା। ଏହି ଷ୍ଟ୍ରାଇକ ଗ୍ରୁପ୍ ଏବେ ଦକ୍ଷିଣ ଚୀନ ସାଗରରୁ ସେଣ୍ଟ୍ରାଲ କମାଣ୍ଡ (ସିଇଏନଟିସିଓଏମ୍) କ୍ଷେତ୍ର ଆଡକୁ ଗତି କରୁଛି। ଏହା ମଧ୍ୟପ୍ରାଚ୍ୟ, ଉତ୍ତରପୂର୍ବ ଆଫ୍ରିକା, କେନ୍ଦ୍ର ଏସିଆ ଓ ଦକ୍ଷିଣ ଏସିଆର ୨୧ଟି ଦେଶକୁ କଭର କରିବ। ଏବେ କିନ୍ତୁ ମଧ୍ୟପ୍ରାଚ୍ୟରେ ଆମେରିକାର କୌଣସି ଷ୍ଟ୍ରାଇକ୍ ଗ୍ରୁପ୍ ମୁତୟନ ହୋଇନାହିଁ। ▶ପୃଷ୍ଠା-୭

## ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ଚଢ଼ଉ ମାମଲା

# ସୁପ୍ରିମକୋର୍ଟରେ ମମତାଙ୍କୁ ଝଟ୍‌କା



### ଏଜେନ୍ସିର କାର୍ଯ୍ୟରେ ବାଧା ଏକ ଗୁରୁତର ପ୍ରସଙ୍ଗ: ସୁପ୍ରିମ୍‌କୋର୍ଟ

### କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ

### ଇଡି ଅଧିକାରୀଙ୍କ ବିରୋଧରେ ଏଫ୍ଆଇଆର୍ ଉପରେ ରୋକ୍

■ ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): କୋଇଲା ଦୁର୍ନୀତି ମାମଲାରେ ଆଇ-ପାକ୍ ଅଫିସରେ ଚଢ଼ଉକୁ ନେଇ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଥିବା ବେଳେ ଏହି ମାମଲାରେ ସୁପ୍ରିମ କୋର୍ଟରେ ମମତା ବାନାର୍ଜୀଙ୍କୁ ଝଟକା ଲାଗିଛି। ଇଡି ଚଢ଼ଉ ଚଳାଇଥିବା ବେଳେ ମମତା ଏବଂ ତାଙ୍କର ଅଧିକାରୀ ଏଥିରେ ଯେଉଁପ୍ରକାର ବାଧା ସୃଷ୍ଟି କଲେ, ତାହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ମମତା ବାନାର୍ଜୀ ଏବଂ ତାଙ୍କ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାସହିତ ଇଡି ଅଧିକାରୀଙ୍କ ବିରୋଧରେ ରାଜ୍ୟ ପୁଲିସର ଏଫଆଇଆର ଉପରେ ରୋକ୍ ଲଗାଇଛନ୍ତି।

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଆଜି ଶୁଣାଣି ବେଳେ ଇଡି ବନାମ୍ ମମତା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ କେନ୍ଦ୍ରୀୟ ଏଜେନ୍ସିର ତଦନ୍ତ ଏବଂ ଏଥିରେ ରାଜ୍ୟ ଏଜେନ୍ସି ଦ୍ୱାରା ହସ୍ତକ୍ଷେପ ସଂପର୍କରେ ଇଡି ଏହାର ପିଟିସନରେ ଯେଉଁ ପ୍ରସଙ୍ଗ ଉଠାଉଛି, ତାହା ଅତି ଗୁରୁତର ଥିବା ଜଣାପଡୁଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି, ଯାହାର ଉତ୍ତର ଦିଆଯିବା ଦରକାର। ଏହାର ଉତ୍ତର ନମିଳିଲେ ବିଶୃଙ୍ଖଳା ସୃଷ୍ଟି ହେବ। ଯଦି ଏକ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ଗୁରୁତର ମାମଲାର ତଦନ୍ତ କରୁଛି, ସେଥିରେ ଦଳୀୟ କର୍ମକର୍ତ୍ତା ବାଧା ଦେବା ଉଚିତ କି? ସରକାର ଇଡିର କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ଓ ଏଜେନ୍ସିଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯିବା ▶ପୃଷ୍ଠା-୭

## ମହଙ୍ଗା ପଡ଼ିଲା ଦଳବିରୋଧୀ କାର୍ଯ୍ୟ

# ବିଜେଡିରୁ ନିଲମ୍ବିତ ହେଲେ ବିଧାୟକ ସନାତନ, ଅରବିନ୍ଦ



### ଦଳୀୟ ଶୃଙ୍ଖଳାଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ନବୀନଙ୍କ ବାର୍ତ୍ତା

### କିଛି ମାସ ଧରି ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରୁଥିଲେ ନବୀନ

### ସଭାପତି ସବୁବେଳେ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି: ଦିବ୍ୟଶଙ୍କର

### ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ କାର୍ଯ୍ୟାନୁଷ୍ଠାନ ହୋଇଛି: ଗଣେଶ୍ୱର

■ ଭୁବନେଶ୍ୱର, ୧୫।୧ (ସମିସ): ଦଳରେ ବିଶୃଙ୍ଖଳା ସର୍ବୋପରି। ଯିଏ ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ, ବିଜେଡିରେ ବିଶୃଙ୍ଖଳିତ ନେତା ଓ କର୍ମୀଙ୍କର ସ୍ଥାନ ନାହିଁ। ଦଳୀୟ ଅନୁଶାସନ ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟକୁ କେବେ ବି ପ୍ରଶ୍ରୟ ଦିଆଯିବ ନାହିଁ। ବିଜେଡି ସୁପ୍ରିମୋ ବିଭିନ୍ନ ସମୟରେ ଦଳର ନେତା ଓ କର୍ମୀମାନଙ୍କୁ ଏ ସମ୍ପର୍କରେ ସଙ୍କେତ ଦେଇଛନ୍ତି। ସରକାର ଥିବା ସମୟରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ବହୁ ଟାଣୁଆ ନେତାଙ୍କୁ ନବୀନ ଦଳରୁ ନିଲମ୍ବିତ ଓ ବହିଷ୍କାର କରିଛନ୍ତି। ସେହିକ୍ରମରେ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଆଜି ନବୀନ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ଏନେଇ ଗୁରବାର ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦଳ ପକ୍ଷରୁ ଉଭୟ ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥବା ସୂଚନା ଅନୁଯାୟୀ ବିଗତ କିଛି ମାସ ଧରି ଉଭୟଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗ ଆସିବା ପରେ ନବୀନ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ସର୍ବସାଧାରଣରେ ବିଜେଡି ସରକାରଙ୍କୁ ସମାଲୋଚନା କରି ଆସୁଥିଲେ। ଏପରିକି ଚମ୍ପୁଆ ତଥା କେନ୍ଦୁଝର ଜିଲ୍ଲାରେ ସେ ଦଳର ସଂଗଠନକୁ ଦୁର୍ବଳ କରୁଥିବା ନେଇ ନବୀନଙ୍କ ପାଖରେ ଖବର ପହଞ୍ଚିଥିଲା। ସେହିପରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ନେଇ ନବୀନ ଜାଣିବାକୁ ପାଇଥିଲେ। କିଛିମାସ ଧରି ନିରବରେ ନବୀନ ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରିବା ସହ ତ୍ରୁଟି ସୁଧାରିବାକୁ ମଧ ସୁଯୋଗ ଦେଇଥିଲେ। ମାତ୍ର ତ୍ରୁଟି ସୁଧାରିବା ପରିବର୍ତ୍ତେ ଉଭୟ ପୂର୍ବପରି ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ ଜଣା ପଡ଼ିବା ପରେ ଉଭୟଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଦଳର ଯେତେବେଡ଼ ନେତା ଯେଉଁ ପଦବୀରେ ଥାଆନ୍ତୁ ପଛେ, ଦଳର ଶୃଙ୍ଖଳା ସର୍ବୋପରି। ଶୃଙ୍ଖଳା ସୀମାରେଖାକୁ ଯିଏ ଅତିକ୍ରମ କରିବ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବୀନ ଶକ୍ତ ଏବଂ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି। ଅପରପକ୍ଷେ ନବୀନଙ୍କ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇ ବିଜେଡିର ବରିଷ୍ଠ ବିଧାୟକ ଦିବ୍ୟଶଙ୍କର ▶ପୃଷ୍ଠା-୭

## ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ

# ୧୬୩ ଧାରା ଜାରି; ଇଣ୍ଟରନେଟ୍ ବନ୍ଦ



### ଇଟା, ପଥର ମାଡ଼ ଓ ଭଙ୍ଗାରୁଜା

### ୪ ପୁଲିସ ସମେତ ୧୦ ଆହତ

■ ରାଉରକେଲା, ୧୫।୧ (ସମିସ): ଗୁରୁବାର ସୁନ୍ଦରଗଡ଼ ସହରରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀ ପକ୍ଷରୁ ଇଟା ପଥର ମାଡ଼ ହେବାରୁ ଅନ୍ୟ ଗୋଷ୍ଠୀ ସହ ପ୍ରଥମେ ଉଚ୍ଚବାଚ ଓ ପରେ ସଂଘର୍ଷ ଘଟିଥିଲା। ଏଥିରେ ୪ ଜଣ ପୁଲିସ କର୍ମଚାରୀଙ୍କ ସମେତ ୧୦ଜଣ ଆହତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ) ର ୧୬୩ ଧାରା ଜାରି କରାଯିବା ସହ ଗୁରୁବାର ସଂଧ୍ୟା ୬ଟାରୁ ଶୁକ୍ରବାର ସଂଧ୍ୟା ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦକରି ଦିଆଯାଇଛି। ଘଟଣାସ୍ଥଳରେ ବରିଷ୍ଠ ପୁଲିସ ପ୍ରଶାସନିକ ଅଧିକାରୀଙ୍କ ସହ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି।

ସୂଚନା ମୁତାବକ, ଗୁରୁବାର ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ରିଜେଣ୍ଟ ମାର୍କେଟରେ କୌଣସି ଏକ ନିର୍ଦ୍ଦିଷ୍ଟ ଘରେ ଗୋ-ମାଂସ ମହଜୁଦ ରଖାଯାଇଥିବା ନେଇ ପୁଲିସକୁ ସୂଚନା ଦିଆଯାଇଥିଲା। ଏହି ଖବର ପାଇ ସୁନ୍ଦରଗଡ ଟାଉନ ଥାନା ପୁଲିସ ସମ୍ପୃକ୍ତ ଘରେ ସର୍ଚ୍ଚ ଅପରେସନ କରିଥିଲା। ହେଲେ ସେଠାରେ କୌଣସି ଗୋମାଂସ ନ ମିଳିବାରୁ ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରି ଯାଇଥିଲା। ତେବେ ପୁଲିସକୁ କାହିଁକି ମିଥ୍ୟା ସୂଚନା ଦିଆଗଲା ବୋଲି ପ୍ରସଙ୍ଗକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ, ଉଚ୍ଚବାଚ ଆରମ୍ଭ ହୋଇଥିଲା। ଏହାପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପଥର ମାଡ଼ ହେବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା। ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ, ମହେନ୍ଦ୍ର କୁମାର ମୁର୍ମୁ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରର ସମସ୍ତ ଦୋକାନ ବଜାର, ବସ୍ ଚଳାଚଳ, ଯାତାୟାତକୁ ବନ୍ଦ ରଖାଯାଇଛି। ତୁରନ୍ତ ଏକ ଶାନ୍ତି କମିଟି ଗଠନ କରି ବୈଠକ ଡାକିବାକୁ ଏସପିଙ୍କୁ ଡିଆଇଜି ଶ୍ରୀ ରାଏ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଏହି ଘଟଣା ଯେପରି ସୋସିଆଲ ମିଡିଆରେ ନ ବ୍ୟାପିବ ସେଥିପାଇଁ ସୁନ୍ଦରଗଡ଼ ସହରରେ ଇଣ୍ଟରନେଟ ସେବାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି ବୋଲି ଜିଲ୍ଲାପାଳ ଡ. ମହାପାତ୍ର କହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ଶୁକ୍ରବାର ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବାକୁ ସ୍ଥିର କରାଯାଇଛି।

# ଅସଂରକ୍ଷିତ ବର୍ଗରେ ନିଯୁକ୍ତି ପାଇଁ ସଂରକ୍ଷିତ ବର୍ଗଙ୍କୁ ମିଳିବନି ବୟସ କୋହଳ ସୁବିଧା: ହାଇକୋର୍ଟ

■ କଟକ, ୧୫ ।୧ (ସମିସ): ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଓ ବୟସ କୋହଳ ନୀତିକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ପଦ ସଂରକ୍ଷିତ ନାହିଁ, ତେବେ ସେହି ବର୍ଗର ପ୍ରାର୍ଥୀମାନେ ଅଣସଂରକ୍ଷିତ ବର୍ଗରେ ଆବେଦନ କରିବା ସମୟରେ ବୟସ କୋହଳ ସୁବିଧା ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ନିତୋଷ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ଏହାସହ ପୂର୍ବରୁ ଯଦି କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଆଯାଇଥାଏ, ତାହା ମଧ ରଦ୍ଦ ହୋଇଛି। ସଂରକ୍ଷିତ ବର୍ଗର ଜଣେ ପ୍ରାର୍ଥୀ ସେତେବେଳେ ଅଣସଂରକ୍ଷିତ ବର୍ଗକୁ ସ୍ଥାନାନ୍ତର କରିପାରିବେ, ଯଦି ସେହି ନିଯୁକ୍ତି ନିୟମ ବା ବିଜ୍ଞାପନରେ ଏହାର ସ୍ପଷ୍ଟ ବ୍ୟବସ୍ଥା ରହିଥିବ। ଯଦି ସଂରକ୍ଷିତ ପଦବୀ ନଥାଇ ମଧ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ବୟସ କୋହଳ ସୁବିଧା ଦିଆଯାଏ, ତେବେ ତାହା ଅନ୍ୟ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପ୍ରତି ବୈଷମ୍ୟ ସୃଷ୍ଟି କରିବ ଏବଂ ସମ୍ବିଧାନର ଧାରା ୧୪ ଓ ୧୬ ର ଉଲ୍ଲଂଘନ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେସନ ଲିମିଟେଡ (ଓଏଚପିସିଏଲ)ରେ ମ୍ୟାନେଜମେଣ୍ଟ ଟ୍ରେନି-ହ୍ୟୁମାନ ରିସୋର୍ସ ପଦ ପାଇଁ ଆବେଦନ କରିବାକୁ ଚାହୁଁଥିଲେ। ସେ ଏସଇବିସି ବର୍ଗର ହୋଇଥିବା ବେଳେ ତାଙ୍କ ବୟସ ଅଣସଂରକ୍ଷିତ ବର୍ଗର ସର୍ବୋଚ୍ଚ ସୀମା (୩୨ ବର୍ଷ) ଅତିକ୍ରମ କରିସାରିଥିଲା। ଯଦିଓ ବିଜ୍ଞାପନରେ ଏସଇବିସି ପାଇଁ ବୟସ କୋହଳ ବ୍ୟବସ୍ଥା ଥିଲା, ମାତ୍ର ସେହି ନିର୍ଦ୍ଦିଷ୍ଟ ପଦରେ ଏସଇବିସି ବର୍ଗ ପାଇଁ କୌଣସି ପଦ ସଂରକ୍ଷିତ ନଥିଲା।


SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2025
15th Best in University Category
22nd Best in Engineering Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in


## ପରିବହନ ପ୍ରାଧିକରଣକୁ ଘାରିଛି ଜୋରିମାନା ନିଶା

# ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ମନ୍ତ୍ରୀ-ଅଧିକାରୀ




### ▶ ଗାଡ଼ି ମାଲିକଙ୍କୁ ଏସ୍‌ଟିଏର ବେଡ଼ି ଉପରେ କୋରଡ଼ା

### ▶ ଟୋଲଗେଟ୍‌ରେ ବନ୍ଦ ହେଲାନି ଇ-ଡିଟେକ୍ସନ ବ୍ୟବସ୍ଥା

### ▶ ବୈଧ ଇନସ୍ୟୁରାନ୍ସ ସତ୍ତ୍ୱେ ଆସୁଛି ଏକାଧିକ ଚାଲାଣ

■ ଭୁବନେଶ୍ୱର, ୧୫ ।୧ (ସମିସ): ଜରିମାନା ଆଦାୟ ମୋହରୁ ଉଠି ପାରୁନି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଏସ୍‌ଟିଏକୁ ଘାରିଥିବା ଟଙ୍କା ନିଶା ଉତୁରୁ ନାହିଁ। ତେଣୁ ପୂର୍ବବତ୍ ଏବେ ବି ରାଜ୍ୟର ବିଭିନ୍ନ ଟୋଲଗେଟ୍‌ରେ ଲଗାଯାଇଥିବା ଇ-ଡିଟେକ୍ସନ ବ୍ୟବସ୍ଥା ଚାଲୁ ରଖି ଏସ୍‌ଟିଏ ଲୋକଙ୍କ ଉପରେ ଜୋରିମାନା କଷୁଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ଡିଟେକ୍ସନ ବ୍ୟବସ୍ଥାରେ ବୈଧ ଇନ୍‌ସ୍ୟୁରାନ୍ସଧାରୀଙ୍କୁ ମଧ ଚାଲାଣ ପଠାଯାଉଛି। ଏମିତି କି କେତେକ ଗାଡ଼ିମାଲିକଙ୍କୁ ୨-୩ ଦିନ ମଧ୍ୟରେ ଏକାଧିକ ଚାଲାଣ ଆସୁଛି। ଏଭଳି ଚାଲାଣ ଦେଖିବା ପରେ ଏସ୍‌ଟିଏର ଜରିମାନାଖୋର୍ ମନୋଭାବ ପଦାକୁ ଆସିଛି। ରାଜ୍ୟରେ ପିୟୁସିସି ସହିତ ପୁରୁଣା ଜରିମାନାକୁ ଯୋଡ଼ି ପରିବହନ ବିଭାଗ ମୋଟା ଅଙ୍କର ଟଙ୍କା ରୋଜଗାର ପାଇଁ ଯେଉଁ ଉଦ୍ୟମ କରିଥିଲା, ତାକୁ ନେଇ ସାରା ରାଜ୍ୟରେ ବିବାଦ ତେଜିଛି। ଏହାସହିତ ଯେଉଁ ଗାଡ଼ିଗୁଡ଼ିକର ପିୟୁସିସି କିମ୍ବା କୌଣସି ଇନ୍‌ସ୍ୟୁରାନ୍ସର ବୈଧତା ଶେଷ ହୋଇଛି, ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା କରିବା ପାଇଁ ରାଜ୍ୟର ▶ପୃଷ୍ଠା-୭

## ଖାମନେଇଙ୍କ ସମର୍ଥନରେ କାର୍ଗିଲ, ଲାଲ୍ ଚୌକରେ ସିଆ ସମ୍ପ୍ରଦାୟର ଶୋଭାଯାତ୍ରା

କାର୍ଗିଲ, ୧୫ ।୧(ଏଜେନ୍ସି): ଜମ୍ମୁ-କଶ୍ମୀର ତଥା ଲଦାଖର କାର୍ଗିଲରେ ଇରାନ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇଙ୍କ ସମର୍ଥନରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ବୁଧବାର ଆୟୋଜିତ ଏହି ରାଲିରେ ସିଆ ସମ୍ପ୍ରଦାୟର ହଜାର ହଜାର ଲୋକ ଏକାଠି ହୋଇଥିଲେ । ଇମାମ ଖୋମେନି ମେମୋରିଆ ଟ୍ରଷ୍ଟ (ଆଇକେଏମ୍‌ଟି) ଦ୍ୱାରା ଆୟୋଜିତ ଏହି ରାଲି ।।ରେ ପ୍ରଦର୍ଶନକାରୀମାନେ ଭାରତ ଓ ଇରାନ ପତାକା ଧରି ଖାମନେଇ ସମର୍ଥନରେ ସ୍ଲୋଗାନମାନ ଦେଇଥିଲେ । ଆମେରିକା ଓ ଇସ୍ରାଏଲର ବୈଦେଶିକ ନୀତିକୁ ବିରୋଧ କରାଯିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ରାସ୍ତାରେ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ପ୍ରତୀକାତ୍ମକ ଶବଧାରା ମଧ୍ୟ ରଖାଯାଇଥିଲା । ଏହି ରାଲି ଜାମିଆ ମସଜିଦ, ଜେନାବିୟା ଚୌକ ଓ ଲାଲ ଚୌକ ଦେଇ ଅତିକ୍ରମ କରି ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡରେ ପହଞ୍ଚିଥିଲା ।

## ଦୁଇ ପୁଅଙ୍କ ହତ୍ୟା ଅଭିଯୋଗରେ ଆମେରିକାରେ ଭାରତୀୟ ମହିଳା ଗିରଫ



ନ୍ୟୁୟର୍କ, ୧୫ ।୧(ଏଜେନ୍ସି): ଆମେରିକାର ନ୍ୟୁଜର୍ସିରେ ଜଣେ ଭାରତୀୟ ବଂଶୋଦ୍ଭବ ମହିଳା ନିଜ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଛନ୍ତି । ଏହି ମହିଳା ହେଉଛନ୍ତି ୩୫ ବର୍ଷୀୟା ପ୍ରିୟଦର୍ଶିନୀ ନଟରାଜନ । ସେ ନ୍ୟୁଜର୍ସିର ହିଲ୍ସବରୋ ଟାଉନସିପ୍‌ର ବାସିନ୍ଦା । ତାଙ୍କ ଦୁଇ ପୁଅଙ୍କ ବୟସ ଯଥାକ୍ରମେ ୫ ଓ ୭ ବର୍ଷ । ଗତ ଜାନୁଆରୀ ୧୩ରେ ପିଲାମାନଙ୍କ ବାପା ଅର୍ଥାତ ପ୍ରିୟଦର୍ଶିନୀଙ୍କ ସ୍ୱାମୀ ଅଫିସରୁ ଫେରିବା ପରେ ଦୁଇ ପୁଅଙ୍କୁ ଶୋଇବା ଘରେ ଅଚେତ ଅବସ୍ଥାରେ ପାଇଥିଲେ । ପୁଲିସ ଓ ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପ୍ରିୟଦର୍ଶିନୀଙ୍କ ବିରୋଧରେ ଦୁଇଟି ମର୍ଡର ଓ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗ ଦାଏର କରାଯାଇଛି । ଏବେ ତାଙ୍କୁ ଗିରଫ କରାଯାଇ ସୋମରସେଟ କାଉଣ୍ଟି ଜେଲ୍‌ରେ ରଖାଯାଇଛି । ଦୁଇ ପିଲାଙ୍କ ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ କରାଯାଉଛି । ଅଧିକ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

## କେରଳ ସାଇ ହଷ୍ଟେଲରେ ୨ ନାବାଳିକା କ୍ରୀଡ଼ାବିତ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର


କୋଲାମ, ୧୫ ।୧(ଏଜେନ୍ସି): କେରଳ କୋଲାମସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ହଷ୍ଟେଲ୍‌ରେ ଦୁଇଜଣ ତାମିଲପ୍ରାପ୍ତ ନାବାଳିକା କ୍ରୀଡ଼ାବିତ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ପୁଲିସ ଏହାକୁ ଅସ୍ୱାଭାବିକ୍ ମୃତ୍ୟୁ ଭାବେ ମାମଲା ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିଛି । ଏହି ଦୁଇ ମୃତକ ମହିଳା କ୍ରୀଡ଼ାବିତ୍ ହେଲେ କୋଝିକୋଡ଼ ଜିଲ୍ଲାର ୧୭ ବର୍ଷୀୟା ସାନ୍ଦ୍ରା ଓ ତିରୁଅନନ୍ତପୁରମ ଜିଲ୍ଲାର ୧୫ ବର୍ଷୀୟା ବୈଷ୍ଣବୀ । ସାନ୍ଦ୍ରା ଜଣେ ତାଲିମପ୍ରାପ୍ତ ଆଥଲେଟିକ୍ସ ଥିବା ବେଳେ ବୈଷ୍ଣବୀ କବାଡ଼ି ଖେଳାଳି ଥିଲେ । ଗୁରୁବାର ସକାଳ ୫ଟାରେ ଏହି ଘଟଣା ସାମ୍ନାକୁ ଆସିଥିଲା । ଏହି ଦୁଇଜଣ ତାଲିମ ପାଇଁ ଉପସ୍ଥିତ ହୋଇ ନଥିଲେ । ହଷ୍ଟେଲ କର୍ତ୍ତୃପକ୍ଷ ବାରମ୍ବାର କବାଟ ବାଡ଼େଇବା ପରେ ଉତ୍ତର ମିଳିନଥିଲା । ଫଳରେ କବାଟ ଭାଙ୍ଗି ଭିତରକୁ ଯିବା ପରେ ଦୁଇଜଣଙ୍କ ଝୁଲନ୍ତା ମୃତହେଦ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ ବୋଲି ପୁଲିସ କହିଛି । ଶବ ବ୍ୟବଚ୍ଛେଦ ଓ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

## ଇରାନ ଆକାଶରେ ଇଣ୍ଡିଗୋ

ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ବେଳେ ତେହେରାନ କର୍ତ୍ତୃପକ୍ଷ ଜାନୁଆରୀ ୧୫ରେ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଥିଲା । ଏଭଳି ସ୍ଥିତିରେ ଇରାନ ଆକାଶମାର୍ଗ ବନ୍ଦ ହେବାର ମାତ୍ର କିଛି ମିନିଟ ପୂର୍ବରୁ ଇଣ୍ଡିଗୋ ବିମାନ ୬ଇ ୧୮୦୮ ଜର୍ଜିଆର ତିବିଲିସ୍‌ରୁ ଦିଲ୍ଲୀ ଆସୁଥିଲା । ଗୁରୁବାର ପ୍ରାୟ ଭୋର ୨.୩୫ ମିନିଟରେ ଏହି ବିମାନ ଇରାନର ଆକାଶମାର୍ଗ ଅତିକ୍ରମ କରିଥିଲା । ଏହାର ମାତ୍ର କିଛି ମିନିଟ୍ ପରେ ଅର୍ଥାତ ଭୋର ୩ଟାରେ ଇରାନ ତା'ର ଆକାଶମାର୍ଗ ବନ୍ଦ କରିଥିଲା । ଇରାନ ଏହି ପଦକ୍ଷେପ ଯୋଗୁଁ ଅନେକ ଅନ୍ତର୍ଜାତୀୟ ବିମାନ ଉଡାଣ ପ୍ରଭାବିତ ହୋଇଛି । ଇଣ୍ଡିଗୋର ବାକୁ- ଦିଲ୍ଲୀ ବିମାନକୁ ଅଧାବାଟରୁ ଫେରିବାକୁ ପଡ଼ିଥିଲା । ବିମାନଗୁଡିକ ବିକଳ୍ପ ରୁଟ୍‌ରେ ଯାଉଥିବାରୁ ଉଡ଼ାଣ ବିଳମ୍ବ କିମ୍ବା ବାତିଲ ହେବାର ସମ୍ଭାବନା ରହିଛି ।

## ଗଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ ୟୁରୋପୀୟ ସଂଘ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): ଜାନୁଆରୀ ୨୬ରେ ଭାରତ ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଥିବା ବେଳେ ମୁଖ୍ୟ ଉତ୍ସବରେ ଯୋଗ ଦେବାକୁ ଥିବା ମୁଖ୍ୟ ଅତିଥିଙ୍କ ନାମ



ଘୋଷଣା କରାଯାଇଛି । ୟୁରୋପୀୟ ସଙ୍ଘ (ଇୟୁ) ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଓ ୟୁରୋପୀୟ କମିସନ ଅଧ୍ୟକ୍ଷା ଉର୍ସୁଲା ଭାନ ଡେର ଲେଏନ୍ ଏଥର ମୁଖ୍ୟ ଅତିଥିଭାବେ ।।ହେବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ଘୋଷଣା କରିଛି । ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ, ଭାରତ ଓ ୟୁରୋପୀୟ ସଙ୍ଘ ୨୦୦୪ରୁ ରଣନୈତିକ ଅଂଶୀଦାର ରହିଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ନେତାଙ୍କୁ ଏହି ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି । ଏହି ନେତାମାନେ ଜାନୁଆରୀ ୨୭ରେ ୧୬ତମ ଭାରତ- ୟୁରୋପୀଆନ ୟୁନିୟନ ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ ।

## ଶ୍ରୀନଗରରେ ବିଯୁକ୍ତ ୫.୨ ଡିଗ୍ରୀ, 'ଡାଲ୍'ରେ ଜମିଲା ବରଫ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ସମଗ୍ର ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ ଶୀତ ଲହର ଜାରି ରହିଛି । କଶ୍ମୀରରେ ଗତ କିଛିଦିନ ଧରି ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିଛି । ଏହି କାରଣରୁ ଡାଲ ହ୍ରଦ ସମେତ କଶ୍ମୀର ଅନ୍ୟାନ୍ୟ ଜଳ ଉତ୍ସଗୁଡିକ ବରଫରେ ପରିଣତ ହୋଇଛି । ଗୁରୁବାର ରାଜଧାନୀ ଶ୍ରୀନଗରର ତାପମାତ୍ରା ବିଯୁକ୍ତ ୫.୨ ଡିଗ୍ରୀ ରେକର୍ଡ କରାଯାଇଛି । ସେପଟେ ରାଜସ୍ଥାନର ତାପମାତ୍ରା ମଧ୍ୟ ଶୂନ ତଳକୁ ଖସିଛି । ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୩ ଡିଗ୍ରୀ ରେକର୍ଡ କରାଯାଇଛି । ସିକରର ଫତେପୁରରେ ସର୍ବନିମ୍ନ ତାପମାତ୍ରା ୦.୨ ଡିଗ୍ରୀ ରେକର୍ଡ କରାଯାଇଛି । ଜାନୁଆରୀ ୧୯ରେ ରାଜ୍ୟରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି । ପାର୍ବତ୍ୟାଞ୍ଚଳରୁ ପ୍ରବାହିତ ଥଣ୍ଡା ପବନ ଯୋଗୁଁ ହରିୟାଣାରେ ଶୀତ ବୃଦ୍ଧି ପାଇଛି । ଏହି ରାଜ୍ୟରେ ୮ଟି ଜିଲ୍ଲାରେ ପାରଦ ୮ ଡିଗ୍ରୀକୁ ଖସିଛି । ହିସାରର ପୂର୍ବ ଦୁଇବର୍ଷର ଥଣ୍ଡା ରେକର୍ଡ ଭାଙ୍ଗିଛି ଓ ସର୍ବନିମ୍ନ ତାପମାତ୍ରା ୦.୫ ଡିଗ୍ରୀ ରେକର୍ଡ କରାଯାଇଛି । ପୂର୍ବରୁ ହିସାରରେ ସର୍ବନିମ୍ନ ତାପମାତ୍ରା ୨୦୨୫ ଜାନୁଆରୀ ୧୫ରେ ୩.୫ ଓ ୨୦୨୪ ଡିସେମ୍ବର ୧୬ରେ ୧.୧ ଡିଗ୍ରୀ ରେକର୍ଡ କରାଯାଇଥିଲା । ସେହିପରି ଉତ୍ତରାଖଣ୍ଡର ହରିଦ୍ୱାର ଓ ଉଦ୍ଧମ ସିଂହ ନଗରରେ ପ୍ରବଳ ଥଣ୍ଡା ଯୋଗୁଁ ଗୁରୁବାର ଦିନ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରାଯାଇଛି । ଉତ୍ତରକାଶୀ, ରୁଦ୍ରପ୍ରୟାଗ, ଚାମୋଲୀ ଓ ପିଥୋରାଗଡ଼ରେ ବର୍ଷା ଓ ତୁଷାରପାତ ସତର୍କତା ଜାରି କରାଯାଇଛି । ନଦୀ ଓ ଜଳପ୍ରପାତଗୁଡିକ ଜମାଟ ବାନ୍ଧିଛି ।

## ମକର ସଂକ୍ରାନ୍ତି: ପ୍ରୟାଗରାଜରେ ୯୧ଲକ୍ଷ ଶ୍ରଦ୍ଧାଳୁ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ଉତ୍ସାହରେ ପବିତ୍ର ମକର ସଂକ୍ରାନ୍ତି ପାଳନ କରାଯାଇଛି । ସକାଳୁ ଲକ୍ଷ ଲକ୍ଷ ଲୋକ ଗଙ୍ଗା, ଯମୁନା, ନର୍ମଦା ଭଳି ପ୍ରମୁଖ ନଦୀକୂଳରେ ପବିତ୍ର ବୁଡ଼ ପକାଇଛନ୍ତି । ପ୍ରୟାଗରାଜରେ ମାଘମେଳାର ମକର ସଂକ୍ରାନ୍ତି ସ୍ନାନ ଉତ୍ସବ ଥିଲା । ତ୍ରିବେଣୀ ସଙ୍ଗମରେ ସନ୍ଧ୍ୟା ସୁଦ୍ଧା ୯୧ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରିଛନ୍ତି । ଆଜି ପାଖାପାଖି ଦେଢ଼ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ପହଞ୍ଚିବା ଆଶା କରାଯାଉଛି । ଏହି ସଂକ୍ରାନ୍ତିରେ ଗୁଡ଼ି ଉଡାର ପରମ୍ପରା ରହିଛି । ଗୁଡ଼ି ଉଡାଇବା ଘଟଣାରେ ଦୁଇ ଦିନ ମଧ୍ୟରେ ଏପର୍ଯ୍ୟନ୍ତ ୧୭ ଜଣ ମୃତ୍ୟୁବରଣ କରିଛନ୍ତି । ଗୁଜରାଟରେ ୯, ରାଜସ୍ଥାନରେ ୬, ଉତ୍ତରପ୍ରଦେଶ ଓ କର୍ଣ୍ଣାଟକରେ ଜଣେ ଲେଖାଏ ଲୋକ ମୃତ୍ୟୁବରଣ କରିଛନ୍ତି । ଉତ୍ତରପ୍ରଦେଶର ବାରାଣାସୀ ଘାଟ ଓ ପଶ୍ଚିମବଙ୍ଗର ଗଙ୍ଗାସାଗରରେ ସ୍ନାନ ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ପଞ୍ଜାବରେ ଅମୃତସରରେ ବହୁ ସଂଖ୍ୟାରେ ଲୋକ ସଚଖଣ୍ଡ ଶ୍ରୀ ଦରବାର ସାହିବରେ ବହୁ ସଂଖ୍ୟକ ଭକ୍ତ ବୁଡ଼ ପକାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତି ଅବସରରେ ତାଙ୍କ ବାସଭବନରେ ଗାଈମାନଙ୍କୁ ଖାଦ୍ୟ ଖୁଆଇ ଥିଲେ । ଉଜ୍ଜୟିନୀର ବିଶ୍ୱ ପ୍ରସିଦ୍ଧ ଶ୍ରୀ ମହାକାଳେଶ୍ୱର ମନ୍ଦିରରେ ମହାକାଳଙ୍କୁ ତିଳ ତେଲରେ ଅଭିଷେକ କରାଯାଇଥିଲା । ଭସ୍ମ ଆରତୀରେ ତିଳ ଅର୍ପଣ କରାଯାଇଥିଲା ଓ ତିଳ ଲଡୁ ପ୍ରସାଦ ଭାବେ ଅର୍ପଣ କରାଯାଇଥିଲା ।

# ପାକିସ୍ତାନ, ବାଂଲାଦେଶ ସମେତ ୭୫ଟି ଦେଶର ଭିସା ବନ୍ଦ କଲେ ଟ୍ରମ୍ପ



ୱାସିଂଟନ, ୧୫ ।୧(ଏଜେନ୍ସି): ଆମେରିକା ଜାନୁଆରୀ ୨୧ରୁ ପାକିସ୍ତାନ ଓ ବାଂଲାଦେଶ ସମେତ ୭୫ଟି ଦେଶର ଭିସା ସେବା ପ୍ରକ୍ରିୟା ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛି । ଫକ୍ସ ନ୍ୟୁଜ୍ ଅନୁଯାୟୀ, ଆମେରିକା ବୈଦେଶିକ ବିଭାଗର ଏକ ମେମୋ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ଆମେରିକାକୁ ଆସୁଥିବା ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ । ଆମେରିକା ବୈଦେଶିକ ବିଭାଗ କହିଛି ଯେ, ଏହା ଏବେ ଆମେରିକାକୁ ଆସିବା ପରେ ସରକାରୀ ସହାୟତା କିମ୍ବା କଲ୍ୟାଣ କାର୍ଯ୍ୟକ୍ରମ ଉପରେ ନିର୍ଭରଶୀଳ ହେବାର ସନ୍ଦେହ କରୁଥିବା ବ୍ୟକ୍ତିମାନଙ୍କୁ ଭିସା ସେବା ସ୍ଥଗିତ ରଖିବା ପାଇଁ ଏହାର ଆଇଗତ କ୍ଷମତା ବ୍ୟବହାର କରିବ । ସ୍କ୍ରିନିଂ ଓ ଯାଞ୍ଚ ପ୍ରକ୍ରିୟାର ପୁନଃ ମୂଲ୍ୟାୟନ ନହେବା ପର୍ଯ୍ୟନ୍ତ ଆମେରିକୀୟ ଦୂତାବାସ ଓ କନସୁଲାର ଅଧିକାରୀମାନଙ୍କୁ ଭିସା ଆବେଦନଗୁଡିକୁ ପ୍ରତ୍ୟାଖାନ କରିବାକୁ କୁହାଯାଇଛି । ତେବେ ଏହି ସ୍ଥଗିତାଦେଶ କେତେ ସମୟ ପାଇଁ ରହିବ ସେ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ । ୭୫ଟି ଦେଶର ତାଲିକା ଘୋଷଣା କରାଯାଇଛି । ଏହି ତାଲିକାରେ ଭାରତର ୬ଟି ପଡୋଶୀ ଦେଶ ସାମିଲ ରହିଛି । ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଓ

- ■ ତାଲିକାରେ ଭାରତର ୬ଟି ପଡୋଶୀ ଦେଶ
- ■ ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବାକୁ ଲକ୍ଷ୍ୟ

ପାକିସ୍ତାନ । ଏହି ତାଲିକାରେ ଏସିଆ, ଆଫ୍ରିକା, ୟୁରୋପ, କ୍ୟାରିବିୟାନ, ଉତ୍ତର ଓ ଦକ୍ଷିଣ ଆମେରିକାର ଏକାଧିକ ଦେଶ ଅନ୍ତର୍ଭୁକ୍ତ ।

ଟ୍ରମ୍ପ ପ୍ରଶାସନ ଆମେରିକୀୟ ପ୍ରବାସ ବ୍ୟବସ୍ଥାର ଅପବ୍ୟବହାର ବନ୍ଦ କରିବାକୁ ଓ ଆମେରିକୀୟ ଜନସାଧାରଣଙ୍କ ପାଣ୍ଠିର ଶୋଷଣକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନେଇଛି । ତେବେ ଏହି ନୂଆ ନିଷ୍ପତ୍ତି ପର୍ଯ୍ୟଟକ, ବ୍ୟବସାୟ କିମ୍ବା ଅନ୍ୟ ଅସ୍ଥାୟୀ ଭିସାକୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଇଛି । ଏଥିରେ ଚଳିତ ବର୍ଷ ଫୁଟବଲ ବିଶ୍ୱକପ୍ ଦେଖିବାକୁ ଯାତ୍ରା କରିବାକୁ ଥିବା ବ୍ୟକ୍ତିମାନେ ମାନେ ମଧ୍ୟ ଅନ୍ତର୍ଭୁକ୍ତ । ତଥାପି, ସମସ୍ତ ଭିସା ଆବେଦନକାରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମୀକ୍ଷା କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ସ୍ପଷ୍ଟ କରିଛି । ଟ୍ରମ୍ପ ଅଣ-ୟୁରୋପୀୟ ଦେଶଗୁଡିକର ପ୍ରବାସ ହ୍ରାସ କରିବାକୁ ଚାହୁଁଛନ୍ତି । ଆମେରିକା ପ୍ରବାସ ଉପରେ କ୍ରମାଗତ କଠୋର ନିଷ୍ପତ୍ତି ନେବାରୁ ଏହା ସ୍ପଷ୍ଟ ହେଉଛି ।

## ଗୋଲ୍‌ଡେନ୍ ଡୋମ୍ ପ୍ରକଳ୍ପ ପାଇଁ ଗ୍ରୀନ୍‌ଲାଣ୍ଡ ଆବଶ୍ୟକ: ଆମେରିକା

ୱାସିଂଟନ, ୧୫ ।୧(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ଆମେରିକାରେ ମିଶାଇବା ନେଇ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି । ଏ ନେଇ କିଛି ନା କିଛି ସମାଧାନ ମିଳିଯିବ ବୋଲି ସେ କହିଛନ୍ତି । ଟ୍ରମ୍ପ ଗ୍ରୀନଲାଣ୍ଡକୁ ଗୋଲଡେନ୍ ଡୋମ ନାମକ ଏକ ପ୍ରମୁଖ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଛନ୍ତି । ଗୋଲଡେନ ଡୋମ ହେଉଛି ଇସ୍ରାଏଲର ଆଇରନ୍ ଡୋମ୍ ଦ୍ୱାରା ଅନୁପ୍ରାଣିତ ଏକ ଆମେରିକୀୟ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରକଳ୍ପ । ଚୀନ ଓ ରୁଷ ଭଳି ଦେଶଗୁଡିକରୁ ଆମେରିକାକୁ ରକ୍ଷା କରିବା ପାଇଁ ଗୋଲଡେନ ଡୋମ୍‌ର ଲକ୍ଷ୍ୟ ରହିଛି । ଆମେରିକା, ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ଅଧିକାରୀମାନଙ୍କ ମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ପରେ ଟ୍ରମ୍ପଙ୍କ ଏହି ବିବୃତି ଦେଇଛନ୍ତି । ତେବେ ବୈଠକରେ କୌଣସି ପ୍ରମୁଖ ଚୁକ୍ତି ହୋଇନାହିଁ । ବୈଠକରେ ପରେ ଗ୍ରୀନ୍‌ଲାଣ୍ଡ ବୈଦେଶିକ ମନ୍ତ୍ରୀ ଭିଭିଆନ ମୋଟୋଜଫେଲ୍ଡ କହିଛନ୍ତି ଯେ, ସେ ଆମେରିକା ସହିତ ସମ୍ପର୍କ ଦୃଢ଼ କରିବାକୁ ଆଶା କରୁଛନ୍ତି । କିନ୍ତୁ ଗ୍ରୀନଲାଣ୍ଡ ଉପରେ ଆମେରିକାର କୌଣସି ନିୟନ୍ତ୍ରଣକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେରିକା ସହିତ ସହଯୋଗ ସୁଦୃଢ କରିବାକୁ ଆମେ ପ୍ରସ୍ତୁତ । କିନ୍ତୁ ଏହାର ଅର୍ଥ ନୁହଁ ଯେ, ଆମେ ଆମେରିକାର ଦାସ ହେବାକୁ ଚାହୁଁ ବୋଲି ସେ କହିଛନ୍ତି । ସେପଟେ ଏହି ମାମଲାରେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାକୁ ଗ୍ରୀନଲାଣ୍ଡ ଦେବା ପାଇଁ ନାଟୋ ସାହାଯ୍ୟ କରିବା ଉଚିତ । ତେବେ ଗ୍ରୀନ୍‌ଲାଣ୍ଡକୁ ନେଇ ଚର୍ଚ୍ଚା କରିବାକୁ ଏକ ୱାର୍କିଂ ଗ୍ରୁପ୍ ଗଠନ କରିବାକୁ ସମମତି ପ୍ରକାଶ ପାଇଛି ।



## ଆଜି ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ର ଇରାନରୁ ଫେରିବେ

ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ, ହିଂସାତ୍ମକ ପ୍ରଦର୍ଶନ, ସୁରକ୍ଷା ତଥା ଅରାଜକତା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସେଠାରେ ରହୁଥିବା ଭାରତୀୟ ଛାତ୍ରମାନଙ୍କ ସୁରକ୍ଷା ଓ ପ୍ରତ୍ୟାବର୍ତ୍ତନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଭାରତ ସରକାର ଛାତ୍ରମାନଙ୍କୁ ଫେରାଇ ଆଣିବାକୁ ପ୍ରସ୍ତୁତି ଆରମ୍ଭ କରିଛି । ଏହିକ୍ରମରେ ଇରାନରୁ ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ରମାନେ ଶୁକ୍ରବାର ଦେଶକୁ ଫେରିବେ ବୋଲି ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍‌ଏ) ତରଫରୁ କୁହାଯାଇଛି । ତେବେ ଏ ନେଇ ଆନୁଷ୍ଠାନିକ ଭାବେ ସରକାରଙ୍କ ତରଫରୁ କୌଣସି ସୂଚନା ଦିଆଯାଇନାହିଁ । ଇରାନରେ ପାଖାପାଖି ୧୦, ୦୦୦ ଭାରତୀୟ ଛାତ୍ର ଫସି ରହିଛନ୍ତି । ଇରାନର ପରିସ୍ଥିତି ଓ ଛାତ୍ରମାନଙ୍କୁ ଆଣିବା ପାଇଁ ଜାମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ କଥା ହୋଇଛନ୍ତି । ଫସି ରହିଥିବା ଛାତ୍ରଙ୍କୁ ଭାରତ ଆଣିବା ପାଇଁ ଆଶ୍ୱାସନା ଦିଆଯାଇଛି । ଇରାନରେ ବର୍ତ୍ତମାନ ଥିବା ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ କିମ୍ବା ପର୍ଯ୍ୟଟକମାନଙ୍କୁ ବାଣିଜ୍ୟିକ ବିମାନ ସମେତ ଉପଲବ୍ଧ ଯାତାୟାତ ମାଧ୍ୟମରେ ଇରାନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତଙ୍କୁ ବିକ୍ଷୋଭ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଇରାନରେ ରହୁଥିବା ସବୁ ଭାରତୀୟଙ୍କୁ ଯଦି କରି ନଥିବେ, ତେବେ ଭାରତୀୟ ଦୂତାବାସରେ ନିଜର ପଞ୍ଜୀକରଣ କରାଇବାକୁ କୁହାଯାଇଛି । ଅଧିକାଂଶ ଭାରତୀୟ ଛାତ୍ର ଇରାନ୍‌ର ଗୋଲଷ୍ଟାନ ବିଶ୍ୱବିଦ୍ୟାଳୟ, ସହିଦ ବେହେସ୍ତି ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସ, ତେହେରାନ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସରେ ପଢୁଛନ୍ତି ।

## ଆମେରିକାର ଧମକ ପରେ ନରମିଲା ଇରାନ

ୱାଶିଂଟନ/ ତେହେରାନ, ୧୫ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ତଥା ଫାଶୀ ଦେବାର ନିଷ୍ପତ୍ତିରୁ ଓହରିଛି । ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି ବୁଧବାର କହିଛନ୍ତି ଯେ, ଇରାନରେ କୌଣସି ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାର ଯୋଜନା ନାହିଁ । ସେପଟେ ଟ୍ରମ୍ପ କହିଛନ୍ତି ଯେ, ଇରାନରେ ପ୍ରଦର୍ଶନକାରୀଙ୍କ ହତ୍ୟା ବନ୍ଦ ହୋଇଛି । ପୂର୍ବରୁ ଇରାନ ସରକାର ଆନ୍ଦୋଳନକାରୀଙ୍କ ଦ୍ରୁତ ବିଚାର ଓ ଶୀଘ୍ର ମୃତ୍ୟୁଦଣ୍ଡ ଦେବାକୁ ଘୋଷଣା କରିଥିଲା । ବୁଧବାର ଇରାନ ୨୬ ବର୍ଷୀୟ ବିକ୍ଷୋଭକାରୀ ଏରଫାନ ସୋଲତାନିଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସ୍ଥିର କରିଥିଲା । ଏହାପରେ ଟ୍ରମ୍ପ ଇରାନକୁ କଡ଼ା ଜବାବ ଦେବାକୁ ଧମକ ଦେଇଥିଲେ । ଯଦି ସେମାନେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରନ୍ତି, ତେବେ ସ୍ଥିତି ଭୟଙ୍କର ହେବ ବୋଲି ଟ୍ରମ୍ପ ଧମକ ଦେଇ କହିଥିଲେ । ପୂର୍ବରୁ ମଧ୍ୟ ଇରାନ ସରକାର ଟ୍ରମ୍ପଙ୍କ ବିରୋଧରେ ସିଧାସଳଖ ହତ୍ୟା ଧମକ ଦେଇଥିଲେ ।

## ମହାରାଷ୍ଟ୍ର ପୌର ନିର୍ବାଚନ: ବିଜେପି ମେଣ୍ଟ ଆଗୁଆ

ମୁମ୍ବଇ, ୧୫ ।୧(ଏଜେନ୍ସି): ମହାରାଷ୍ଟ୍ରର ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଛି । ୨୯ଟି ପୌର ପରିଷଦ ପାଇଁ ସକାଳ ୭.୩୦ରୁ ସନ୍ଧ୍ୟା ୫.୩୦ ମଧ୍ୟରେ ମତଦାନ ହୋଇଥିଲା । ମୋଟ୍ ୮୯୩ ୱାର୍ଡର ୨, ୮୬୯ ଆସନ ପାଇଁ ୧୫, ୯୩୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରାଥମିକ ରିପୋର୍ଟ ଅନୁସାରେ, ମତଦାନ ଶେଷ ହେବା ବେଳକୁ ଭୋଟ ହାର ପାଖାପାଖି ୫୦ ପ୍ରତିଶତ ରହିବା ନେଇ ଅନୁମାନ କରାଯାଉଛି । ମହାରାଷ୍ଟ୍ରର ପ୍ରମୁଖ ସହର ମୁମ୍ବାଇ (ବିଏମ୍‌ସି), ପୁଣେ, ନାଶିକ ଓ କୋହ୍ଲାପୁର ଭଳି ପ୍ରମୁଖ ସହର ସମେତ ଛୋଟଛୋଟ ସହରଗୁଡିକରେ ମଧ୍ୟ ମତଦାନ ହୋଇଥିଲା । ୧୬ ତାରିଖ ଅର୍ଥାତ ଶୁକ୍ରବାର ନିର୍ବାଚନ ଫଳାଫଳ ପ୍ରକାଶିତ ହେବ । ଏକ୍ଜିଟ ପୁଲ୍ ଅନୁସାରେ ବିଜେପି ନେତୃତ୍ୱାଧୀନ ମହାୟୁତି (ବିଜେପି- ସିଣ୍ଡେ ଶିବସେନା- ଅଜିତ ପାୱାର ଏନ୍‌ସିପି) ମେଣ୍ଟ ଆଗରେ ରହିଥିବା ଆକଳନ କରାଯାଇଛି । ପ୍ରାୟ ସବୁ ପ୍ରମୁଖ ପୌର ପରିଷଦରେ ମହାୟୁତି ଓ ମହା ବିକାଶ ଅଘାଡି (ଏମ୍‌ଭିଏ) ମଧ୍ୟରେ ସିଧାସଳଖ ମୁକାବିଲା ହୋଇଛି । ଏମ୍‌ଭିଏରେ ଉଦ୍ଧବ ବାଲାସାହେବ ଠାକରେ (ୟୁବିଟି) ଶିବସେନା, ଏମ୍‌ଏନ୍‌ଏସ୍, ଏନ୍‌ସିପି (ଶରତ ପାୱାର) ସାମିଲ ରହିଛନ୍ତି । କଂଗ୍ରେସ ମଧ୍ୟ ତା'ର ପ୍ରାର୍ଥୀ ଛିଡ଼ା କରିଛି । ଶିବସେନାର ବହୁ ଚର୍ଚ୍ଚିତ ନିର୍ବାଚନରେ ମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ ପାଇଁ ଏହ ହେଉଛି ପ୍ରଥମ ବଡ଼ ନିର୍ବାଚନ । ଫଳରେ ଏହି ନିର୍ବାଚନର ଗୁରୁତ୍ୱ ବୃଦ୍ଧି ପାଇଛି । ପୁଣି ଏହି ନିର୍ବାଚନରେ ମହାୟୁତି ମେଣ୍ଟ ସମେତ ବିଭିନ୍ନ ରାଜନୈତିକ ଦଳର ଲୋକପ୍ରିୟତାର ପରୀକ୍ଷା ମଧ୍ୟ ହେବ ।

# ନାସା ଇତିହାସରେ ପ୍ରଥମ: ସମୟ ପୂର୍ବରୁ ୪ ମହାକାଶଚାରୀଙ୍କୁ ଫେରାଇଲା

କେପ କାନାଭେରାଲ, ୧୫ ।୧(ଏଜେନ୍ସି): ପ୍ରଥମଥର ପାଇଁ ୨୫ ବର୍ଷର ଇତିହାସରେ ନାସା ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍‌ଏସ୍)ରୁ ୪ ଜଣ ମହାକାଶଚାରୀଙ୍କୁ ସମୟ ପୂର୍ବରୁ ଫେରାଇ ଆଣିବା ସହ ତା'ର ମିସନକୁ ସ୍ଥଗିତ ରଖିଛି । ଜଣେ ମହାକାଶଚାରୀଙ୍କୁ ଚିକିତ୍ସା ଆବଶ୍ୟକତା ଥିଲା । ବୁଧବାର ଦିନ, ୪ ଜଣ ମହାକାଶଚାରୀ ଏକ ସ୍ପେସ୍‌ଏକ୍ସ କ୍ୟାପସୁଲ୍‌ରେ ଆଇଏସ୍‌ଏସ୍ ଛାଡ଼ିଛନ୍ତି । ଏମାନଙ୍କ ମଧ୍ୟରେ ଆମେରିକା, ରୁଷିଆ ଓ ଜାପାନର ମହାକାଶଚାରୀ ଅନ୍ତର୍ଭୁକ୍ତ । ଏମାନେ ଆଜି କାଲିଫର୍ନିଆ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ଅବତରଣ କରିବେ । ମିସନରେ ନାସାର ଜେନା କାର୍ଡମ୍ୟାନ, ମାଇକ ଫିଙ୍କେ, ଜାପାନର କିମିଆ ୟୁଇ ଓ ରୁଷର ଓଲେଗ ପ୍ଲାଟୋନୋଭ ଥିଲେ । ଏହି ୪ ମହାକାଶଚାରୀଙ୍କୁ ୨୦୨୫ ଅଗଷ୍ଟରେ ଆଇଏସ୍‌ଏସ୍‌କୁ ପଠାଯାଇଥିଲା ଓ ଫେବୃଆରୀ ଶେଷ ସୁଦ୍ଧା ଫେରିବାକୁ ସ୍ଥିର କରାଯାଇଥିଲା । କିନ୍ତୁ ଜାନୁଆରୀ ୭ରେ ନାସା ହଠାତ କାର୍ଡମ୍ୟାନ ଓ ଫିଙ୍କେଙ୍କ ସ୍ପେଶୱାର୍କ ବାତିଲ କରିଥିଲା ।



ମେଡିକାଲ ଏମର୍ଜେନ୍ସି

ଅର୍ଥାତ ଏମାନେ ଏହି ମହକାଶଚାରୀ ଦଳ ଆଇଏସ୍‌ଏସ୍‌ରେ ୧୬୭ ଦିନ ଅବସ୍ଥାନ କରିବା ସହ ମାଇକ୍ରୋଗ୍ରାଭିଟିରେ ଷ୍ଟେମ୍ ସେଲ୍‌ଫ ଗବେଷଣା ସମେତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ କରିଥିଲେ । ପରେ କ୍ରୁ ମେମ୍ବରଙ୍କ ଶୀଘ୍ର ଫେରିବା ସମ୍ପର୍କରେ ଘୋଷଣା କରିଥିଲା । ତେବେ ଚିକିତ୍ସା ସ୍ପେଶୱାକ ସହିତ ସମ୍ପର୍କିତ ନୁହେଁ ବୋଲି ନାସା ତରଫରୁ କୁହାଯାଇଛି । ଗୋପନୀୟତା ରକ୍ଷା କରି ଏ ନେଇ ଅଧିକ କୌଣସି ବିବରଣୀ ପ୍ରଦାନ କରାଯାଇନାହିଁ । ଉଲ୍ଲେଖଥାଉ କି, ପୂର୍ବରୁ ମଧ୍ୟ ନାସା ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲା । କିନ୍ତୁ ଏହା କାରଣରୁ ନାସାର ସମଗ୍ର ମିଶନ ପ୍ରଭାବିତ ହୋଇ ନଥିଲା । ୨୦୧୮, ୨୦୨୦ ଓ ୨୦୦୮ ରେ ନାସା ମିଶନର ମହାକାଶଚାରୀମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

## ଜିଆର୍‌ଏସ୍‌ଙ୍କୁ ମିଳିପାରିବନି ପିଇଓ ପଦୋନ୍ନତି: ହାଇକୋର୍ଟ

କଟକ,୧୫ ।୧(ସମିସ): ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପଦକୁ ପଦୋନ୍ନତି ପ୍ରସଂଗରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟରତ ଜିଆରଏସଙ୍କ ପଦୋନ୍ନତି ବା ନିୟମିତ ପାଇଁ କୌଣସି ସ୍ଥାୟୀ ବା ନ୍ୟସ୍ତ ଅଧିକାର ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନିଯୁକ୍ତି ନିୟମାବଳୀ-୨୦୨୧କୁ ଚ୍ୟାଲେଞ୍ଜ କରି ପ୍ରକାଶ କୁମାର ଛାଟୋଇ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ହୋଇଥିବା ରିଟ୍ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି।

୨୦୨୧ ନିୟମାବଳୀରେ କୌଣସି ଅସାମ୍ବିଧାନିକ ବା ମନମୁଖୀ ପଦକ୍ଷେପ ରହିନାହିଁ। ଏଥିରେ ଜିଆରଏସ୍‌ଙ୍କୁ ବୟସ କୋହଳ (୪୫ ବର୍ଷ ପର୍ଯ୍ୟନ୍ତ) ଏବଂ ପ୍ରତି ବର୍ଷର ଅଭିଜ୍ଞତା ପାଇଁ ଅତିରିକ୍ତ ମାର୍କ (ସର୍ବାଧିକ ୧୫%) ର ସୁବିଧା ପ୍ରଦାନ କରାଯାଇଛି, ଯାହା ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରୁଛି। ସେହିଭଳି ଓଡ଼ିଶା ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର୍ ନିୟମାବଳୀ-୨୦୨୪ ମାଧ୍ୟମରେ ଜିଆରଏସ୍‌ଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଅନ୍ୟ ସୁଯୋଗ ସୃଷ୍ଟି କରିଛନ୍ତି ବୋଲି ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ମାମଲାରୁ ପ୍ରକାଶ ଯେ ଆବେଦନକାରୀ କେତେକ ଗ୍ରାମ ରୋଜଗାର ସେବକ ୨୦୨୧ ମସିହାରେ ପ୍ରଣୟନ ହୋଇଥିବା ନୂତନ ନିଯୁକ୍ତି ନିୟମାବଳୀକୁ ବିରୋଧ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ଯେ ୨୦୦୮ ନିୟମାବଳୀ (୨୦୧୨ ଓ ୨୦୧୩ରେ ସଂଶୋଧିତ) ଅନୁଯାୟୀ ସେମାନଙ୍କ ପଦୋନ୍ନତି ପାଇଁ ନ୍ୟାୟ ସଙ୍ଗତ ଆଶା ରହିଥିଲା, ଯାହାକୁ ୨୦୨୧ ନିୟମାବଳୀ ସଙ୍କୁଚିତ କରିଦେଇଛି। ୨୦୨୧ ନିୟମାବଳୀ ଅନୁଯାୟୀ, ପିଇଓ ପଦ ପାଇଁ ବୟସ ସୀମା ଏବଂ ଲିଖିତ ପରୀକ୍ଷା ଭଳି କଠୋର ଯୋଗ୍ୟତା ମାନଦଣ୍ଡ ଲାଗୁ କରାଯାଇଥିଲା। ତେବେ ଆବେଦନକାରୀମାନେ ୨୦୧୩ ମସିହାର ଏକ ଗ୍ରେଡେସନ ତାଲିକା ଆଧାରରେ ପଦୋନ୍ନତି ପାଇଁ ଦାବି କରିଆସୁଥିଲେ। ସରକାର ନିଜର ନୀତିଗତ ନିଷ୍ପତ୍ତି ଅନୁଯାୟୀ ନିଯୁକ୍ତି ନିୟମାବଳୀରେ ପରିବର୍ତ୍ତନ କରିପାରିବେ ଏବଂ ଶୂନ୍ୟପଦ ପୂରଣ ପାଇଁ ନୂତନ ମାନଦଣ୍ଡ ସ୍ଥିର କରିପାରିବେ ବୋଲି ହାଇକୋର୍ଟ କହିବା ସହ ମାମଲାକୁ ଖାରଜ କରିଛନ୍ତି।

## ଦିନକ ପରେ କମିବ ଶୀତ

ଭୁବନେଶ୍ୱର, ୧୫।୧ (ସମିସ): ରାଜ୍ୟରୁ ଧୀରେ ଧୀରେ ଶୀତ କମିବ। ଏବେ ଗୋଟିଏ ପଶ୍ଚିମା ଝଡ଼ ସକ୍ରିୟ ହେଉଛି। ତେଣୁ ଏହା ପ୍ରଭାବରେ ୧୭ ତାରିଖରୁ ରାଜ୍ୟରେ ରାତିର ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୧୯ ତାରିଖରେ ପୁଣି ଏକ ପଶ୍ଚିମା ଝଡ଼ ସକ୍ରିୟ ହେବା ସହ ଏହା ରାଜ୍ୟରେ ତାପମାତ୍ରାକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି।

ଅନ୍ୟପଟେ ଗତ ୨୪ ଘଣ୍ଟା ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ୫.୨ ଡିଗ୍ରୀ ସହ ଜି ଉଦୟଗିରିରେ ସବୁଠୁ ଅଧିକ ଥଣ୍ଡା ଅଞ୍ଚଳର ମାନ୍ୟତା ପାଇଛି। ସେହିପରି ରାଉରକେଲା ୬.୬, ସେମିଳିଗୁଡ଼ା ୭.୭, ଫୁଲବାଣୀ ୭.୩, ଝାରସୁଗୁଡା ୭.୮, କେନ୍ଦୁଝର ୯.୪, ସମ୍ବଲପୁର ୧୧.୬, ଭୁବନେଶ୍ୱର ୧୧.୮ ଓ ହୀରାକୁଦରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଛି। ଏହି ସ୍ଥିତି ଆହୁରି ଗୋଟିଏ ଦିନ ଜାରି ରହିବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ଅନୁଗୁଳ, ଝାରସୁଗୁଡ଼ା, ଢେଙ୍କାନାଳ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ଶୀତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି।

### ନବୀନ ନିବାସରେ ସୁପ୍ରିମୋଙ୍କୁ ଭେଟିଲେ ୧୦ ବିଜେଡି ବିଧାୟକ

## ସରକାରଙ୍କ ଜନବିରୋଧୀ କାର୍ଯ୍ୟ ଲୋକଙ୍କୁ ଜଣାଅ: ନବୀନ



ଭୁବନେଶ୍ୱର,୧୫।୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିୟମିତ ଭାବେ ଦଳର ବିଧାୟକଙ୍କୁ ଭେଟି ସେମାନଙ୍କ ସହ ସଂଗଠନ ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହାସହ ରାଜ୍ୟସ୍ୱାର୍ଥ ସହ ଜଡ଼ିତ ପ୍ରତିଟି

### ରାଜ୍ୟରେ ଧାନ କିଣା ସ୍ଥିତି ଓ ଚାଷୀଙ୍କ ସମସ୍ୟା ପଚାରି ବୁଝିଲେ

ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ ପାଇଁ ମଧ୍ୟ ପରାମର୍ଶ ଦେଉଛନ୍ତି। ଏହିକ୍ରମରେ ଗୁରବାର ସନ୍ଧ୍ୟାରେ ନବୀନ ନିବାସରେ ୧୦ ଜଣ ବିଧାୟକ ନବୀନଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ପରାମର୍ଶ ଦେଇଛନ୍ତି।

ଦଳୀୟ କାର୍ଯ୍ୟକ୍ରମକୁ ଗାଁ ଗାଁରେ ବ୍ୟାପକ କରିବା ସହ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରିବା ଓ ସରକାରଙ୍କ ଲୋକ ବିରୋଧୀ କାର୍ଯ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ନବୀନ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଅନୁରୂପ ଭାବରେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ବିଶେଷ କରି ଚାଷୀଙ୍କ ସମସ୍ୟା, ଧାନ କିଣା ସ୍ଥିତି ସମ୍ପର୍କରେ ମଧ୍ୟ ପଚାରି ବୁଝିଛନ୍ତି। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକମାନଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ବୈଠକରେ ବିଧାୟିକା ବର୍ଷା ସିଂହ ବରିହା,ବିଧାୟକ ମନୋହର ରନ୍ଧାରୀ, ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ କୁମାର ବେହେରା, ନଳିନୀକାନ୍ତ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରୀ ଓ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଇଚ୍ଛାମୃତ୍ୟୁ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୫।୧(ସମିସ): ଇଚ୍ଛାମୃତ୍ୟୁ ପ୍ରସଂଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଦିଗରେ ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି କି ନାହିଁ ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବୃଆରୀ ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ।

ମାମଲା ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ୨୦୨୩, ଜାନୁଆରୀ ୨୪ର ନିର୍ଦ୍ଦେଶ ଅନୁସାରେ ଏକ କମିଟି ୨୦୨୩, ସେପ୍ଟେମ୍ବର ୭ରେ ଗଠନ କରାଯାଇଥିଲା। ଏହି କମିଟିର ପୁନର୍ଗଠନ କରାଯିବା ନେଇ ଗତ୨୦୨୫, ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ କମିଟିର ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କମିଟିର ଚିଠା ପ୍ରସ୍ତାବ ଉପରେ ଆଇନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ବିଭିନ୍ନ ବିଭାଗରୁ ମତାମତ ମିଳିସାରିଛି। ଏହା ଉପରୋକ୍ତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବିଚାରାଧୀନ ଅଛି।

ମାମଲାରୁ ପ୍ରକାଶ ଯେ ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ସମ୍ଭାବନା ନଥାଏ ତେବେ ସେ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ ସେଥି ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଗତ ବ୍ୟବସ୍ଥା ହେବା ଉଚିତ। କୌଣସି ଦୁରାରୋଗ୍ୟରେ ପୀଡିତଙ୍କ ଇଚ୍ଛାକୁ ସମ୍ମାନ ଦେଇ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦ ପୂର୍ବକ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ଏକ ଆଦେଶନାମା ରହିଥିବା ବେଳେ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

### ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

## ଚାଷୀଙ୍କୁ ୮୦୦ ଟଙ୍କା ବୋନସ୍ ମନା; ୩,୬୨୩ କୋଟି ବ୍ୟୟରେ ନିର୍ମାଣ କାହିଁକି?

ଭୁବନେଶ୍ୱର,୧୫।୧(ସମିସ): ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ରାଜ୍ୟବାସୀ ସରକାରଙ୍କ ବିରୋଧରେ ଆକ୍ରୋଶ ଶିଖର ଛୁଇଁଥିବାରୁ ଏଥିରୁ ନଜର ହଟାଇବା ପାଇଁ ସରକାର ଏଭଳି ଭେଲିକି ପ୍ରକଳ୍ପ ସାମ୍ନାକୁ ଆଣିଛନ୍ତି ବୋଲି ବିଜେଡି କହିଛି।

ଗୁରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ବିଜେପି ସରକାର ନିଜର ବିଫଳତାକୁ ଲୁଚାଇବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିବା ଅଭିଯୋଗ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ କୃଷକମାନଙ୍କୁ ୮୦୦ ଟଙ୍କା ବୋନସ୍ ଦେବାକୁ ସରକାର କରୁଛନ୍ତି, ଅନ୍ୟପକ୍ଷରେ ୩,୬୨୩ କୋଟିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ରାଜ୍ୟ ବଜେଟରେ ପ୍ରାବଧାନ ହୋଇଛି କି ନାହିଁ, ସେନେଇ କୌଣସି ସ୍ୱଷ୍ଟତା ନାହିଁ। ବିଭିନ୍ନ କ୍ଷେତ୍ରରେ ବିଫଳତା ଯୋଗୁଁ ରାଜ୍ୟ ସରକାରଙ୍କ ବିରୋଧରେ ଜନ ଆକ୍ରୋଶ ବୃଦ୍ଧି ପାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଏଭଳି ଭେଲିକି ସୃଷ୍ଟି କରିଛନ୍ତି। ରାଜ୍ୟ ସରକାର ଯେଉଁ ଡିଲିମିଟେସନ



- ବିଫଳତାରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ସରକାରଙ୍କ ଭେଲିକି
- ଡିଲିମିଟେସନ ପରେ ସିଟ୍ ବଢ଼ିବା ନେଇ ଏଯାଏ ଆସିନାହିଁ କୌଣସି ସ୍ପଷ୍ଟ ଚିତ୍ର

କଥା ଉଲ୍ଲେଖ କରି ବିଧାନସଭା ସିଟ୍ ସଂଖ୍ୟା ୨୦୦କୁ ବୃଦ୍ଧି ପାଇପାରେ ବୋଲି କହୁଛନ୍ତି, ସେନେଇ କୌଣସି ସ୍ୱଷ୍ଟତା ଆସିନାହିଁ। ଗତ ୧୮ ମାସର ବିଜେପି ଶାସନରେ ଓଡ଼ିଶା ଗୋଟିଏ ଋଣଗ୍ରସ୍ତ ରାଜ୍ୟରେ ପରିଣତ ହେବାକୁ ଯାଉଛି। ୨୦୨୪ ମସିହାରେ ନବୀନ ସରକାର କ୍ଷମତାରୁ ଯିବା ସମୟରେ ରାଜ୍ୟର ଋଣ ଭାର ୭୮,୦୦୦ କୋଟି ଟଙ୍କା ଥିଲାବେଳେ ବିଜେପି ସରକାର ମାତ୍ର ଗତ ଦେଢ଼ ବର୍ଷରେ ୯୧,୦୦୦ କୋଟି ଟଙ୍କା ଋଣ କରି ସାରିଲେଣି। କେନ୍ଦ୍ରରୁ ଅନୁଦାନ ୧୮.୧୯ ପ୍ରତିଶତ କମିଛି । ନବୀନ ସରକାରଙ୍କ ସମୟରେ ୪,୪୭୪ କୋଟି ଟଙ୍କାରେ ଏମ୍ସ ପ୍ଲସ ପ୍ରକଳ୍ପର ପ୍ରାୟ ୩୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇ ସାରିଥିଲା। ବିଜେପି କ୍ଷମତାକୁ ଆସିବା ପରେ ଏ ପ୍ରକଳ୍ପ କାମ ଆଗେଇ ପାରୁନାହିଁ । ଏହି ପ୍ରକଳ୍ପକୁ ଆଗେଇବା ପରିବର୍ତ୍ତେ ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି। କେଉଁଟା ପ୍ରାଥମିକତା ହେବା କଥା, ତାହା ଓଡ଼ିଶାବାସୀ ବିଚାର କରିବେ । ପଲ୍ୟୁସନ ସାର୍ଟିଫିକେଟକୁ ନେଇ ଆଜି ସମଗ୍ର ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି । ରାଜ୍ୟ ସରକାର ଏହି ସବୁ ବିଫଳତା ଉପରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ପ୍ରହସନ କରୁଛନ୍ତି ।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ୮ ଲକ୍ଷ ନୂଆ ହିତାଧିକାରୀ ମଧୁବାବୁ ପେନସନ ଅପେକ୍ଷାରେ, ୧୨ ଲକ୍ଷ ନୂଆ ହିତାଧିକାରୀ ନୂଆ ରାସନ କାର୍ଡ ଅପେକ୍ଷାରେ, ୬ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ ପଡିଛନ୍ତି। ରାଜ୍ୟ ବ୍ୟାପୀ ଶିକ୍ଷକ, ଡାକ୍ତର ଓ ଅଙ୍ଗନବାଡି କର୍ମୀ ନିଜ ଦରମା ବଢାଇବା ପାଇଁ ବହୁ ଦିନରୁ ଆନ୍ଦୋଳନ କରୁଛନ୍ତି। ରାଜ୍ୟରେ ଠିକ୍ ସମୟରେ ହିତାଧିକାରୀଙ୍କୁ ରାସନ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ୟୁନିଫର୍ମ ପ୍ରଦାନ କରାଯାଉନାହିଁ । ଅନ୍ୱେଷା ଯୋଜନାରେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଗତ ୫ ମାସ ହେଲା କୌଣସି ଆର୍ଥିକ ସହାୟତା ଦିଆଯାଉନାହିଁ। ମାତ୍ର ଏହାର ସମାଧାନ ପରିବର୍ତ୍ତେ ରାଜ୍ୟ ସରକାର ନୂଆ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଭେଲିକି ଦେଖାଉଛନ୍ତି। ବିଲ୍ଡିଂ ନିର୍ମାଣ କରି କେବଳ ପିସି ହାତେଇବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ପ୍ରକଳ୍ପର ଆବଶ୍ୟକତା ବର୍ତ୍ତମାନ ସମୟରେ ଆଦୌ ନାହିଁ ବୋଲି ସେ କହିଛନ୍ତି।

### ବହୁଚର୍ଚ୍ଚିତ ନାଲକୋନଗର ମଧୁସ୍ମିତା ହତ୍ୟାକାଣ୍ଡର ପର୍ଦ୍ଦାଫାସ୍

## ପ୍ରେମ ନିବେଦନ ପ୍ରତ୍ୟାଖ୍ୟାନ କରିବାରୁ ତଣ୍ଟିଚିପି ହତ୍ୟା

ଅନୁଗୋଳ,୧୫ ।୧(ସମିସ): ନାଲକୋ ନଗର କଲୋନୀ କ୍ୱାର୍ଟର୍ସରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ତଣ୍ଟିଚିପି ହତ୍ୟା ଘଟଣାର ଦେଢ଼ମାସ ପରେ ପୁଲିସକୁ ସଫଳତା ମିଳିଛି। ଅଭିଯୁକ୍ତକୁ ପୁଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ସଦର ଥାନା ବାରସିଂହା ଗ୍ରାମର ଜୀବନ ସାହୁଙ୍କ ପୁଅ ତପନ ସାହୁ (୨୭)। ପ୍ରେମ ନିବେଦନ ପ୍ରତ୍ୟାଖ୍ୟାନ କରିବାରୁ ତପନ ମହିଳାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। ଏପରିକି ତଦନ୍ତକୁ ଦିଗହରା କରିବା ପାଇଁ ତପନ ମହିଳାଙ୍କ କାନ ଓ ବେକରୁ ସୁନାଗହଣା ଖୋଲିନେଇ ଏହାକୁ ଏକ ଚୋରି ମାମଲାର ରୂପ ଦେବାକୁ ଉଦ୍ୟମ କରିଥିଲା ବୋଲି ଅନୁଗୋଳ ଏସ୍‌ପି ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁଲିସ ତପନ ନିକଟରୁ ଏକ ବାଇକ, ଗୋଟିଏ ମୋବାଇଲ, ମୃତକଙ୍କ ସୁନା କାନଫୁଲ ଓ ମଙ୍ଗଳସୂତ୍ର ଜବତ କରିଥିବା ଏସ୍‌ପି ଜୈନ କହିଛନ୍ତି। ନାଲକୋ କଲୋନୀ ପରିସର ତିନିମହଲା ଅଞ୍ଚଳରେ କ୍ୱାର୍ଟର୍ସ ନମ୍ବର ବି-୨୦୦୧ରେ ରହୁଥିବା ନାଲକୋ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ପ୍ରଧାନଙ୍କ ପତ୍ନୀ ମଧୁସ୍ମିତା ପ୍ରଧାନ (୩୭)ଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା।

- ପାଇପ କାମ ବାହାନାରେ ଘରେ ପଶିଥିଲା ମିସ୍ତ୍ରି
- ଏକାକୀ ଥିବା ମହିଳାଙ୍କୁ କରିଥିଲା ପ୍ରେମ ନିବେଦନ
- ତଦନ୍ତ ଦିଗହରା କରିବାକୁ କାନରୁ ନେଇଥିଲା ଗହଣା
- ଦେଢ଼ ମାସ ପରେ ଧରାପଡ଼ିଲା ଅଭିଯୁକ୍ତ ଯୁବକ

ମଧୁସ୍ମିତା କ୍ୱାର୍ଟର୍ସରେ ଏକାକୀ ଥିବାବେଳେ କେହି ତାଙ୍କୁ ହତ୍ୟା କରିଥିବା ଗତ ଡିସେମ୍ବର ୧ ତାରିଖ କାର୍ତ୍ତିକ ନାଲକୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଅନୁଗୋଳ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ଆଠ ଜଣିଆ ଇନ୍ସପେକ୍ଟର ଟିମ୍ ବିଭିନ୍ନ ଦିଗରୁ ତଦନ୍ତ କରିଥିଲା। ପୁଲିସର ସ୍ୱତନ୍ତ୍ର ଅଭିଯାନ "ଅପରେସନ୍ ସାଇଲେଣ୍ଟ କୋବ୍ରା' ଜରିଆରେ ପୁଲିସ ଅପରାଧୀ ପାଖରେ ପହଞ୍ଚିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲା। ପୁଲିସ



କଲୋନୀ ପରିସରରେ ଥିବା ସମସ୍ତ ସିସିଟିଭି ଫୁଟେଜକୁ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ଦୀର୍ଘ ଦେଢ଼ମାସ ପରେ ଗୁରୁବାର ପୁଲିସକୁ ଏହି ମାମଲାରେ ସଫଳତା ମିଳିଛି। ସିସିଟିଭି ଫୁଟେଜରୁ ଘଟଣା ଦିନ ତପନ ମଧୁମିତାଙ୍କ ଘରେ ପଶିଥିବା ସ୍ପଷ୍ଟ ହୋଇଥିଲା। ପୁଲିସ ତାଙ୍କୁ ଉଠାଇ ନେଇ ପଚରାଉଚରା ବେଳେ ସେ ସବୁକଥା ମାନିଯାଇଥିଲେ। ଏସ୍‌ପିଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ତପନ ପେସାରେ ଜଣେ ପାଇପ୍ ମିସ୍ତ୍ରି ଏବଂ ନାଲକୋର ଠିକାଦାରଙ୍କ କର୍ମଚାରୀ। ତେଣୁ ନାଲକୋ ପରିସରରେ ଥିବା ବିଭିନ୍ନ କ୍ୱାର୍ଟର୍ସକୁ ତାଙ୍କର ନିୟମିତ ଯାତାୟାତ ଥାଏ। ଘଟଣା ଦିନ ପାଇପ୍ କାମ କରିବା ବାହାନାରେ ତପନ ମଧୁମିତାଙ୍କ ଘରେ ପଶି ତାଙ୍କୁ ପ୍ରେମ ନିବେଦନ କରିଥିଲେ। ତେବେ ମଧୁସ୍ମିତା ଏହାକୁ ତୀବ୍ର ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ତପନ ମଧୁମିତା ପିନ୍ଧିଥିବା ଚୁନ୍ନି ଦ୍ୱାରା ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ତଦନ୍ତକୁ ବିଭ୍ରାନ୍ତ କରିବା ଏହାକୁ ଡକାୟତି ଓ ହତ୍ୟାର ରୂପ ଦେବା ପାଇଁ ତପନ ମଧୁମିତାଙ୍କ ସୁନାଗହଣା କାଢ଼ି ନେଇ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ଏସ୍‌ପି କହିଛନ୍ତି। ନାଲକୋ ଟାଉନସିପ୍ ଥାନା ଆଇଆଇସି ଇନ୍ସପେକ୍ଟର ନମିତା ନାୟକଙ୍କ ନେତୃତ୍ୱରେ ଗଠିତ ତଦନ୍ତ ଟିମ୍‌ରେ ଏଏସଆଇ ଦୀପକ କୁମାର ସିଂହ, ସୁବ୍ରତ ପାଢ଼ୀ, ପବିତ୍ର ନାଗ ପ୍ରମୁଖ ସାମିଲ ଥିଲେ।

## କଣ୍ଠଶିଳ୍ପୀ କୁନି ଛତ୍ରିଆଙ୍କ ପରଲୋକ

ବଲାଙ୍ଗିର,୧୫।୧(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରାର ଯୁବ କଣ୍ଠଶିଳ୍ପୀ କୁନି ଛତ୍ରିଆ ଆଉ ନାହାନ୍ତି। ମଞ୍ଚରେ ଘୁଡକା ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିବା କୁନିଙ୍କ ମାତ୍ର ୩୫ ବର୍ଷ ବୟସରେ



ଦେହାନ୍ତ ହୋଇଛି। ଫୁସଫୁସ ଜନିତ ସମସ୍ୟା ଯୋଗୁ କିଛି ଦିନ ହେଲା ସେ ଚିକିତ୍ସାଧୀନ ଥିଲେ। "ଏ ମୋର ଘୁଡକାବାଲା...ହାଏରେ ଘୁଡକାବାଲା...ହାଏରେ ଘୁଡକାବାଲା...ମୋତେ ରସେଇଦେଲା.. ମୋତେ ଫସେଇଦେଲା...ହାଏରେ ରସେଇଦେଲା....' ଗୀତ ଯେତେବେଳେ ବିଭିନ୍ନ ସାଂସ୍କୃତିକ ମଞ୍ଚରେ ଶୁଭୁଥିଲା ଦର୍ଶକଙ୍କ ତାଳିରେ ଅଞ୍ଚଳ କମ୍ପି ଉଠୁଥିଲା। କୁନି ହେଉଛନ୍ତି ତୁଷୁରା ଘୁଡୁକା ସାଂସ୍କୃତିକ ଦଳର ବଡ ଛତ୍ରିଆଙ୍କ ସ୍ତ୍ରୀ। କୁନିଙ୍କ ଘୁଡକା ଗୀତ ଓ ବଡସାନଙ୍କ ଘୁଡକା ନାଚ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଘୁଡକାବାଲା ଗୀତ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୁନି ଆହୁରି ଅନେକ ସମ୍ବଲପୁରୀ ଓ ଭଜନ ମଧ୍ୟ ଗୀତ ଗାଇଛନ୍ତି। କିଛି ଦିନ ପୂର୍ବରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସାରି ଫେରିବା ପରେ କୁନି ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତୁଷୁରାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ସାରା ପଶ୍ଚିମ ଓଡ଼ିଶାର କଳାକାରଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

### କାହା ସ୍ୱାର୍ଥରେ ମହାପ୍ରୟାଣ ଯୋଜନା ?

## ବାଇକ୍‌ରେ ବୁହାହେଲା ମୃତଦେହ

ଗୁମ୍ମା,୧୫ ।୧(ସମିସ): ପୁଣି ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳରେ। ମହାପ୍ରୟାଣ ଗାଡ଼ି ନମିଳିବାରୁ ବାଇକ୍‌ରେ ବୋହି ମୃତଦେହ ନେଇଥିଲେ ସମ୍ପର୍କୀୟ। ପୂର୍ବର ବିଜେଡ଼ି ସରକାର ଶବକୁ ସସମ୍ମାନେ ମେଡ଼ିକାଲରୁ ଘରକୁ ନେବାକୁ ମହାପ୍ରୟାଣ ଗାଡ଼ି ପ୍ରଚଳନ କରିଥିଲେ। ୨୦୧୬ ମସିହାରେ ଦାନ ମାଝୀ ଶବ ବୁହା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହେବା ପରେ ରାଜ୍ୟ ସରକାର ରାଜ୍ୟରେ ଆରମ୍ଭ କରିଥିଲେ 'ମହାପ୍ରୟାଣ' ଯୋଜନା। ହେଲେ ଏବେ ଏହି ଯୋଜନା ବାଟବଣା ହେବାରେ ଲାଗିଛି।ସରକାର ବଦଳିବା ପରେ ସ୍ଥିତି ବଦଳିଛି। ବିଭିନ୍ନ ସ୍ଥାନରେ ଆଉ ଏହି ସେବା ଆଗପରି ମିଳୁନାହିଁ। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ। ଯାହା ସ୍ୱାସ୍ଥ୍ୟ ବିଭାଗର ପାରିବାପଣିଆକୁ ପଦାରେ ପକାଇଛି।

ସୂଚନା ଅନୁଯାୟୀ, ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଗ୍ରାମର ଚନ୍ଦ୍ରଧ୍ୱଜ ସିଂ(୬୩)ଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହୋଇପଡିଥିଲା। ପରିବାର ଲୋକେ ତାଙ୍କୁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ



ଭର୍ତ୍ତି କରିଥିଲେ। ଗୁରୁବାର ସକାଳ ୮ଟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡ଼ି ନଥିବାରୁ ମୃତଦେହ କିପରି ଗାଁକୁ ନେବେ ପରିବାର ଲୋକଙ୍କ ଚିନ୍ତା ବଢ଼ିଥିଲା। ଅଟୋରେ ନେବା ପାଇଁ ସୁରକ୍ଷା କର୍ମୀମାନେ କହିଥିଲେ। ବୁଝାବୁଝି କରିବା ପରେ ଅଟୋରେ ନେଲେ ୮ରୁ୯ ହଜାର ଭଡ଼ା ଲାଗିବ ବୋଲି କୁହାଯାଇଥିଲା। ମାତ୍ର ଅର୍ଥ ଅଭାବରୁ ସମ୍ପର୍କିୟ ମୃତଦେହକୁ ବାଇକରେ ଧରି ନିଜ ଗାଁକୁ ନେଇଥିଲେ। ଜଣେ ବାଇକ୍ ଚଳାଉଥିବାବେଳେ ଅନ୍ୟଜଣେ ମୃତଦେହ ଧରି ପଛରେ ବସିଥିଲେ। ବାଟରେ ଯିଏ ଏହି ଦୃଶ୍ୟ ଦେଖୁଥିଲା ଘଡ଼ିଏ ରହିଯାଉଥିଲା। ଏପରି ଘଟଣା ସାଧାରଣରେ ଅସନ୍ତୋଷ ଓ ପ୍ରତିକ୍ରିୟା ସୃଷ୍ଟି କରିଛି।

### ଯାତ୍ରା ପେଣ୍ଡାଲରେ ଅଶ୍ଳୀଳତା

## ନାଚିଲେ ନିଶା; ବନ୍ଧାହେଲେ ଦୁଇ ଆୟୋଜକ

ବଲାଙ୍ଗିର,୧୫ ।୧(ସମିସ): ଛତିଶଗଡ଼ରେ ଯାତ୍ରା ପେଣ୍ଡାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ସାହୁ ଭାଉଜ ଓ ଆୟୋଜକଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏକାଧିକ ଆୟୋଜକ ଗିରଫ ହୋଇଛନ୍ତି। ଏବେ ବଲାଙ୍ଗିରରେ ମଧ୍ୟ ଏହିଭଳି ଏକ ଘଟଣା ଘଟିଛି। ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଗାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବା ନେଇ ଅଭିଯୋଗ ହେବା ପରେ ୨ ଜଣ ଆୟୋଜକଙ୍କୁ ପୁଲିସ ଗିରଫ କରିଛି। ଏହି ୨ ଜଣ ହେଲେ ସୁରେନ୍ଦ୍ର ନାଗ ଓ ରାଧେଶ୍ୟାମ ମେହେର। ଚନ୍ଦନଭାଟିରେ ଗତ ୮ ତାରିଖରୁ ଅପେରା ଦୁର୍ଗା ମନ୍ଦିର ଯାତ୍ରା ପ୍ରଦର୍ଶନ କରିଥିଲା। ୧୨ ତାରିଖ ଶେଷ ଦିନରେ ଏହି ଯାତ୍ରା ପେଣ୍ଡାଲରେ ବିବାଦୀୟ ନିଶା ମହାରଣା ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାର ଭିଡିଓ ଦେଖିବା ପରେ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ସଦର ଥାନାରେ ରିପୋର୍ଟ ପ୍ରଦାନ କରିଥିଲେ। ଏନେଇ ସଦର ଥାନାରେ ୨୯/୨୦୨୬ରେ ଆୟୋଜକ ଓ ନିଶା ମହାରଣାଙ୍କ ନାମରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରିଥିଲା। ଏହି ମାମଲାରେ ପୁଲିସ ଗୁରୁବାର ସୁରେନ୍ଦ୍ର ଓ ରାଧେଶ୍ୟାମଙ୍କୁ ଗିରଫ କରିଛି। ତେବେ ନିଶା ମହାରଣା, ଶଙ୍କର ସେନାପତି ଓ ଅନ୍ୟମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି। ତେବେ ଆଗକୁ ଏହି ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିବ ନା ଦୁଇ ଜଣଙ୍କୁ ଗିରଫ କରି ମାମଲା ଚାପିଦେବ ତାକୁ ନେଇ ପ୍ରଶ୍ନ ଉଠିଛି।

### ■ ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣା

## ଟେଣ୍ଟ ଓ କ୍ୟାଟରିଂ ସେବା ଯୋଗାଇବେ ମହିଳା

ଭୁବନେଶ୍ୱର,୧୫ ।୧(ସମିସ): ଏଣିକି ମହିଳାମାନେ ଯୋଗାଇବେ ଟେଣ୍ଟ ଓ କ୍ୟାଟରିଂ ସେବା। ବିବାହ, ବ୍ରତଘର, ଜନ୍ମଦିନ ହେଉ ଅବା କୌଣସି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବେ ଏସ୍‌ଏଚ୍‌ଜି ସଦସ୍ୟା।

### ୪ ହଜାର ମହିଳା ଏସ୍‌ଏଚ୍‌ଜି ସଦସ୍ୟା ନେବେ ପ୍ରଶିକ୍ଷଣ: ଖର୍ଚ୍ଚ ହେବ ୯.୩ କୋଟି

ଆଗକୁ ରାଜ୍ୟରେ ଟେଣ୍ଟ ଓ କ୍ୟାଣ୍ଟରିଂ ଭଡ଼ା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗିତା ପାଇଁ ମହିଳା ଏସଏଚଜି ସଦସ୍ୟମାନଙ୍କୁ ଦିଆଯିବ ପ୍ରଶିକ୍ଷଣ। ଏହି ଲକ୍ଷ୍ୟରେ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଗୁରୁବାର ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ବୁଝାମଣା ଅନୁସାରେ, ବ୍ୟବସାୟ ୟୁନିଟ୍‌ର ସ୍ଥାୟୀ ପରିଚାଳନା, ବୃତ୍ତିଗତ ଦକ୍ଷତା ବୃଦ୍ଧି, ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଣ୍ଟ ପରିଚାଳନା, ଟେଣ୍ଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ। ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଆୟୁକ୍ତ ତଥା ସଚିବ ଗିରିଶ ଏସ୍‌ଏନ୍ ସ୍ୱାଗତ ଭାଷଣ ଦେବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ।

**ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

# ଅସୀମା ପଣ୍ଡାଙ୍କ ଗୀତରେ ଝୁମିଲେ ଦର୍ଶକ

କେନ୍ଦ୍ରାପଡ଼ା, ୧୫।୧(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମହୋତ୍ସବ, ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରିଥିଲା। ଲୋକନୃତ୍ୟ, ପାରମ୍ପରିକ କଳା ଓ ସୁମଧୁର ସଙ୍ଗୀତର ସମନ୍ୱୟରେ ଦର୍ଶକ ଦୀର୍ଘ ସମୟ ଧରି ମଞ୍ଚ ସାମ୍ନାରେ ମତୁଆଲା ହୋଇ ରହିଥିଲେ। ଅସୀମା ପଣ୍ଡାଙ୍କ ଗୀତରେ ଦର୍ଶକ ଝୁମିଥିଲେ।

ଆଜି ସନ୍ଧ୍ୟାର ଅତିଥି ଭାବେ ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ଡ. ବାସୁଦେବ ଦାସ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟରିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶା କଲଚର ଆର୍ଟ ଏକାଡେମୀ ଓ ସାଇନାଥ କଳା ପରିଷଦ ଦ୍ୱାରା ପ୍ରସ୍ତୁତ ଲୋକନୃତ୍ୟ ପ୍ରଦର୍ଶନ ହୋଇଥିଲା। ପରେ ନୁପୁର ଡ୍ୟାନ୍ସ ଏକାଡେମୀ ଓଡ଼ିଶା ପରମ୍ପରା ଆଧାରିତ ନୃତ୍ୟ ଦର୍ଶକଙ୍କ ପ୍ରଶଂସା ଲାଭ କରିଥିଲା। ଶୁଭଶ୍ରୀ ଶଙ୍ଖଧ୍ୱନି ଲୋକନୃତ୍ୟ କଳା କେନ୍ଦ୍ର, ଗଞ୍ଜାମ ଯୋଡି ଶଙ୍ଖ ଓ ରଣପା ନୃତ୍ୟ ମଞ୍ଚକୁ ଆହୁରି ଆକର୍ଷଣୀୟ କରିଥିଲା। ଚନ୍ଦ୍ରଶେଖର ଗୋଟିପୁଅ କଳା ସଂସଦ, ପୁରୀର ପ୍ରସିଦ୍ଧ ଗୋଟିପୁଅ ନାଚ ଦର୍ଶକଙ୍କୁ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସ୍ମୃତି ଦେଇଥିଲା। ସର୍ବୋଚ୍ଚ ଆକର୍ଷଣ ଭାବେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥିଙ୍କ ଗୀତରେ ଦର୍ଶକ ନାଚିଥିଲେ।

**● ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଓ ଅଶ୍ଳୀଳ ଫଟୋ ଭାଇରାଲ ଧମକ**

# ଅଭିଯୁକ୍ତକୁ ଗିରଫ କଲା ମହାକାଳପଡ଼ା ପୁଲିସ



ମହାକାଳପଡ଼ା, ୧୫।୧(ସମିସ): ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଓ ଅଶ୍ଳୀଳ ଫଟୋ ଭାଇରାଲ କରିବା ଧମକ ନେଇ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୀଡ଼ିତା ମହିଳା। ମହିଳାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ଗିରଫ କରିଛି ମହାକାଳପଡ଼ା ପୁଲିସ। ଜହଁରା ଗ୍ରାମର ମହିଳାଙ୍କ ସ୍ୱାମୀ ବାହାରେ ଥିବା ସୁଯୋଗ ନେଇ ସେହି ଗ୍ରାମର ଅଶୋକ ସେଠୀ ବାରମ୍ବାର ତାଙ୍କ ଘରକୁ ଆସୁଥିଲେ। ପ୍ରାୟ ଦୁଇବର୍ଷ ପୂର୍ବେ ଶାଶୂ ଘରେ ନ ଥିବାବେଳେ ମହିଳାଙ୍କୁ ଏକାକୀ ପାଇ ଅଶୋକ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ ପାଇଁ ଚେଷ୍ଟା କରିଥିଲେ। ଏହାକୁ ବିରୋଧ କରିଥିଲେ ମହିଳା। ପରେ ଅଶୋକ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଦେବା ଧମକ ଦେଇଥିଲେ। ୧୩ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ବେଳେ ମହିଳା ଜଣକ ନଦୀ ପାର୍ଶ୍ୱକୁ ଯାଇଥିବା ସମୟରେ ଅଶୋକ ତାଙ୍କୁ ଅସଦବ୍ୟବହାର କରିଥିଲେ। ସେ ଏଥିରୁ ମୁକୁଳି ଘରକୁ ଫେରି ସମସ୍ତ ଘଟଣା ଜଣାଇଥିଲେ। ପରେ ଏ ସମ୍ପର୍କରେ ପ୍ରଭାତୀ ମହାକାଳପଡ଼ା ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

# ରାଜନଗର ସାହିତ୍ୟ ସଂସ୍କୃତି ପରିଷଦ ବୈଠକ

ରାଜନଗର, ୧୫।୧(ସମିସ): ରାଜନଗର ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। କବି ହେମନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ, କବି ଓ ପରିଷଦର ସହସମ୍ପାଦକ ସ୍ୱର୍ଗତ ପ୍ରମୋଦ ସେଠୀଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ କବି ଶତ୍ରୁଘ୍ନ ତରାଇ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବାବାଜୀ ଧଳ, କବି ଶରତ ନାୟକ, ମଞ୍ଚ ଅଭିନେତା ପ୍ରଫୁଲ୍ଲ ଦାସ, କବି ଭବାନୀ ମହାପାତ୍ର, ସାମ୍ବାଦିକ ଜଗନ୍ନାଥ ଦାସ, ଅଭିରାମ ଦାସ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା, ଶିକ୍ଷକ ହେମନ୍ତ ବାରିକ, କଳାକାର ଅରୁଣ ପାତ୍ର, ଦେବରତୀ ରାଉତ, ପବିତ୍ର ମୋହନ ମଲ୍ଲିକ ପ୍ରମୁଖ ସାହିତ୍ୟ ସଂସ୍କୃତି ପରିଷଦର ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ରାଜନଗରରେ ପୁସ୍ତକ ମେଳା ସମ୍ପର୍କରେ ଆଲୋଚନା କରାଯାଇଥିଲା।

**● ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି**

# ଚତୁର୍ଥ କ୍ୱାର୍ଟରରେ ୟୁନାଇଟେଡ୍ ଇଲେଭେନ୍ ବିଜୟୀ

ରାଜନଗର, ୧୫।୧(ସମିସ): ବଡ଼ଲ୍ଲୀ ମିନି ଷ୍ଟାଡ଼ିୟମରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଶେଷ କ୍ୱାର୍ଟରଫାଇନାଲରେ ହିନ୍ଦୁସ୍ଥାନ ସ୍ପୋର୍ଟ୍ସ କ୍ଲବ, ଜଗତସିଂହପୁରକୁ ୫ ୱିକେଟରେ ହରାଇ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ଓ ନିମପୁର ସ୍ପୋର୍ଟ୍ସ କ୍ଲବ ଜଗତପୁର ମଧ୍ୟରେ ଅନୁଷ୍ଠିତ ହେବ। ଆଜି ଜଗତସିଂହପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୧.୩ ଓଭରରେ ସମସ୍ତ ୱିକେଟ ହରାଇ ୨୦୪ ରନ କରିଥିଲା। ଜବାବରେ ବ୍ରହ୍ମପୁର ୨୧.୨ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବ୍ରହ୍ମପୁରର ଇଲୁ ଗୋଛାୟତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରଯାଇଥିଲା।

# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ରାଜନଗର, ୧୫।୧(ସମିସ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ରାଜନଗର ଗ୍ରାମର ଶରତ ଦାସଙ୍କ ଆଜି ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଦାସ କର୍କଟ ରୋଗରେ



ପୀଡ଼ିତ ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ଭୋର ୪ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକରେ ରାଜନଗରରେ ଶୋକର ଛାୟା ଖେଳିଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମୀ ଭାବେ ୪୦ ବର୍ଷ ଧରି କାମ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ରାଜନଗର ବଣିକ ସଂଘ ସଭାପତି ବାଇଧର ସେଠୀ, ସରପଞ୍ଚ ସଙ୍ଗୀତା ମିଶ୍ର, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଆଦର୍ଶ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଦର୍ଶ ଥାନା ଓ ଏମ୍ଏନ ହାଇସ୍କୁଲ ମିଳିତ ଭାବେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏଥିରେ ଏମଏନ ହାଇସ୍କୁଲ ଏନସିସି ଶିକ୍ଷକ ସରୋଜ ସ୍ୱାଇଁ, ଖେଳ ଶିକ୍ଷକ ଶଶାଙ୍କ ସାହୁ, ସହକାରୀ ଶିକ୍ଷକ ଅଶୋକ ଦାଶ, ସହକାରୀ ଶିକ୍ଷୟିତ୍ରୀ ଅନୀତା ଧଳ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ହାଇସ୍କୁଲର ଏନସିସି, ସ୍କାଉଟ ଓ ଶହ ଶହ ଛାତ୍ରଛାତ୍ରୀ ଯୋଗଦେଇ ଏମଏନ ହାଇସ୍କୁଲରୁ ସଡ଼କ ସୁରକ୍ଷା ଜୀବନ ରକ୍ଷା, ନିଶା ସେବନ କରି ଗାଡ଼ି ଚଳାଇବା ନାହିଁ, ହେଲମେଟ ପିନ୍ଧି ଗାଡ଼ି ଚଳାଇବା, ସରକାରୀ ନୀତି ନିୟମ ଓ ଟ୍ରାଫିକ ନିୟମ ମାନିବା ଆଦି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରି ପୋଖରୀଆପଡ଼ା,




ବେଲତଳ, ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଡ଼କ ସୁରକ୍ଷା ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରା ସମୟରେ ଆଇଆଇସି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଥାନା କର୍ମଚାରୀ ବିଭିନ୍ନ ଗାଡ଼ି ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

# ଧାନମଣ୍ଡି ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ତେରୋହୀ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ



କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ପ୍ରଶାନ୍ତ ମହାପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ ଏ ଓ କମଳାକାନ୍ତ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ, ତେରୋହୀ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବୀର କିଶୋର ମିଶ୍ର, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ଉପସଭାପତି ମଞ୍ଜୁଲତା ରାଉତ, ନିର୍ଦ୍ଦେଶକ ସର୍ବଶ୍ରୀ ବିଜୟ ରାଉତ, ଧୂଳି ଚରଣ ମଲିକ, ମନୋଜ ରାଉତ, ସାବିତ୍ରୀ ସାମଲ, ରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ, ଉତ୍ତମା ସେଠୀ, ସନ୍ଧ୍ୟାରାଣୀ ନାୟକ, ରାଜକିଶୋର ସେଠୀ, ବାସନ୍ତୀ ଛଟାଇ, ନଟବର ନାୟକ, କୃଷକ ସାଥୀ ରବୀନ୍ଦ୍ର ସ୍ୱାଇଁ, ପବିତ୍ର ସାମଲ ତୁଳସୀ ରାଉତ, ଦଧିବାମନ ପ୍ରଧାନ, ଅନାଦି ପ୍ରଧାନ, ମନୋଜ ନାୟକ, ସରୋଜକାନ୍ତ ବିଶ୍ୱାଳ, ହରେକୃଷ୍ଣ ରାଉତ ପ୍ରମୁଖ ବହୁ ସମବାୟ ଅଧିକାରୀ, ପଞ୍ଚାୟତ ଅଧିକାରୀ, ସମବାୟ ସମିତି କର୍ମକର୍ତ୍ତା, ନିର୍ଦ୍ଦେଶକ ଓ ସ୍ଥାନୀୟ କୃଷକମାନେ ଯୋଗ ଦେଇଥିଲେ।

# ଧାନେଶ୍ୱରୀ ପୀଠରେ ବ୍ରହ୍ମ ଏକାକ୍ଷର ମେଳା



ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ପଣ୍ଡା, ପ୍ରଶାନ୍ତ ପଣ୍ଡା, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ଗଗନ ମହାଲିକଙ୍କ ତତ୍ତ୍ୱାବଧାନ ଓ ମନୋଜ ଧଳ, ପ୍ରତିଶ୍ରୁତି ଧଳଙ୍କ ପୌରୋହିତ୍ୟରେ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା କରିଥିଲେ। ମେଳାରେ କଳ୍ପତରୁ ନାୟକ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ସୁକାନ୍ତ ରାଉତ, କିଶୋର ରାଉତ, ଆଦିତ୍ୟ ରାଉତ, ପ୍ରବୀର ଜେନା, ନକୁଳ ମଲିକ, ବାବୁରାମ ସେଠୀ, ଅଙ୍କୁର ସେଠୀ, ଘନଶ୍ୟାମ ମଲିକ, ନିରଞ୍ଜନ ଧଳ, ଗଗନ ଧଳ, ଭରତ ସାହୁ, ପଦ୍ମନାଭ ନାୟକ, ଗୀତାଞ୍ଜଳି ନାୟକ, ମନସ୍ୱିନୀ ବିଶ୍ୱାଳ, କୁଳମଣି ଧଳ ପ୍ରମୁଖ ମେଳକୁ ପରିଚାଳନା କରିଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଞ୍ଚର ବରିଷ୍ଠ ସଭ୍ୟ ବାଟିପଡ଼ା ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ, ସାମ୍ୟବାଦୀ ନେତା ଲକ୍ଷ୍ମୀଧର ପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି କଣ୍ଡୁରି ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉପଦେଷ୍ଟା ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ. କେଳୁ ଚରଣ ସ୍ୱାଇଁ, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର ପ୍ରଫେସର ରବୀନ୍ଦ୍ର ବରାଳ, ବିଜୟ କୁମାର ସାହୁ, ଚର୍ତୁଭୂଜ ରାଉଳ ଶିକ୍ଷାବିତ ଶଚିନନ୍ଦନ ଦାସ ଓ ପ୍ରମୋଦ ନାୟକ ସୁରେଶ ଚନ୍ଦ୍ର ଜେନା, ସଚିତ୍ର କୁମାର ବେହୁରା ପ୍ରଦୀପ ନାୟକ, ପାବନୀ କୁମାର ରାଉତ, ସନାତନ ତରାଇ, ବିଜୟ କୁମାର ରାଉତ, ତପନ କୁମାର ପାତ୍ର, ଶିକ୍ଷାବିତ ପ୍ରମୋଦ କୁମାର ନାୟକ, କହ୍ନାଇ ଚରଣ ପରିଡ଼ା, ବଂଶୀଧର ପରିଡ଼ା, ଭୂପତି ପ୍ରସାଦ ନାୟକ, ପ୍ରମୋଦ କୁମାର ସାହୁ, ଗର୍ନ୍ଧବ ଲେଙ୍କା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଲକ୍ଷ୍ମୀଧର ପାତ୍ରଙ୍କ ପଟାମୁଣ୍ଡାଇ ଅଞ୍ଚଳ ପାଇଁ ଅବଦାନ ଓ ଆର୍ଦଶ ପ୍ରଧାନଶିକ୍ଷକ ଭାବରେ ଶହ ଶହ ମେଧାବୀ ଛାତ୍ର ଛାତ୍ରୀ ସୃଷ୍ଟି କରିଥିଲେ ବୋଲି ମତ ପ୍ରକାଶ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଓ ଶେଷରେ ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ସମାଜସେବୀ ପୁରୁଷୋତ୍ତମ ପଲାଇ ସମ୍ବର୍ଦ୍ଧିତ



ଗୋବିନ୍ଦପୁର, ୧୫।୧(ସମିସ): ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବରୁଣେଶ୍ୱର ପୀଠସ୍ଥ ବରୁଣେଶ୍ୱର୍ କଲେଜରେ ସାରସ୍ୱତ ଅନୁଷ୍ଠାନ ଅଖିଳ ଚକ୍ର ପକ୍ଷରୁ ଆଳି ବ୍ଲକ ଅନ୍ତର୍ଗତ ଏରଡାଙ୍ଗ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ସମାଜସେବୀ ପୁରୁଷୋତ୍ତମ ପଲାଇକୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରାକ୍ତନ ସାଂସଦ ତଥାଗତ ଶତପଥି ଓ ବିଧାନସଭା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଶ୍ରୀ ପଲାଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**କାମ କଲେ ଠିକାଦାର, ଯନ୍ତ୍ରୀ ଟଙ୍କା ନେଇ ଛୁ'**

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଠିକାଦାର

ରାଜନଗର, ୧୫।୧(ସମିସ): ରାଜନଗର ବ୍ଲକ ଡାଙ୍ଗମାଳଠାରେ ଥିବା ମିସନ ଶକ୍ତି କାଫେକୁ ବାଉଁଶ ମାଧ୍ୟମରେ ତିଆରି କରାଯାଇଛି। ୨୦୨୧ରେ ଏହା ନିର୍ମାଣ ସରି କାର୍ଯ୍ୟକ୍ଷମ ହୋଇଛି। ମାତ୍ର ଏହାକୁ ନିର୍ମାଣ କରିଥିବା ଠିକାଦାର ଆଜି ଯାଏଁ ଟଙ୍କା ପାଇନାହାନ୍ତି। ଦାୟିତ୍ୱରେ ଥିବା ରାଜନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ବିଲ କରି ଏହି ଅର୍ଥ ଉଠାଇ ନେଇଛନ୍ତି। ୯ ଲକ୍ଷ ଟଙ୍କା ବିଲ ଆମାଉଣ୍ଟରୁ ୨ ଲକ୍ଷ ଟଙ୍କା ପିସି ଦାବି କରିଥିଲେ। କନିଷ୍ଠ ଯନ୍ତ୍ରୀ ପିସି ଦେବାକୁ କହିଥିବାବେଳେ ଠିକାଦାର ରାଜି ନ ହେବାରୁ କନିଷ୍ଠ ଯନ୍ତ୍ରୀ ଏହି ଅର୍ଥ ତାଙ୍କୁ ଦେଉନାହାନ୍ତି ବୋଲି ଠିକାଦାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରାଜନଗର ଡାଙ୍ଗମାଳଠାରେ ବାଉଁଶରେ ମିସନ ଶକ୍ତି କାଫେ ନିର୍ମାଣ କରାଯାଇଛି। ଏହି କାମ ନିମନ୍ତେ ସେତେବେଳେ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଥିବା ଅନିରୁଦ୍ଧ ନାୟକଙ୍କ ନାଁରେ କାର୍ଯ୍ୟାଦେଶ କରାଯାଇଥିଲା।ଙ

**ପଦକ୍ଷେପ ନିଅନ୍ତୁ, ନଚେତ୍ ଆତ୍ମହତ୍ୟା କରିବି**

ଏହି ବ୍ଲକ ଅନ୍ତର୍ଗତ ବେଲପାଳ ଗ୍ରାମର ଠିକାଦାର ସନ୍ତୋଷ ମହାନ୍ତି ଏହି କାମ କରିଥିଲେ। ଏହି କାମର ବିଲ ୨୦୨୪ ଅଗଷ୍ଟ ପ୍ରଥମ ସପ୍ତାହରେ ହୋଇସାରିଛି। କନିଷ୍ଠ ଯନ୍ତ୍ରୀ ଅନ୍ୟ ବ୍ଲକକୁ ବଦଳି ହୋଇ ସାରିଥିଲେ ମଧ୍ୟ ତାଙ୍କ ଆକାଉଣ୍ଟକୁ ଅଗଷ୍ଟ ମାସରେ ୯ ଲକ୍ଷ ଟଙ୍କା ପେମେଣ୍ଟ ଦିଆଯାଇଛି। ଏହି ଟଙ୍କା କନିଷ୍ଠ ଯନ୍ତ୍ରୀଙ୍କ ଆକାଉଣ୍ଟକୁ ଯିବା ପରେ କନିଷ୍ଠ ଯନ୍ତ୍ରୀ ଏହି ଟଙ୍କା ଦେଉନାହାନ୍ତି। କନିଷ୍ଠ ଯନ୍ତ୍ରୀ ପିସି ବାବଦକୁ ୨ ଲକ୍ଷ ଟଙ୍କା ଦାବି କରୁଛନ୍ତି। ମୁଁ କାମ କରିଛି ପିସି କାହିଁକି ଦେବୀ ବୋଲି କହିବାରୁ କନିଷ୍ଠ ଯନ୍ତ୍ରୀ ଟଙ୍କା ଦେଉନାହାନ୍ତି ବୋଲି ଠିକାଦାର ଶ୍ରୀ ମହାନ୍ତି କେନ୍ଦ୍ରପଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏ ନେଇ ବାରମ୍ବାର ରାଜନଗର ବିଡିଓ ଓ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ପଦକ୍ଷେପ ନିଆ ନ ଗଲେ ବାଧହୋଇ ଆତ୍ମହତ୍ୟା କରିବେ ବୋଲି ଠିକାଦାର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ସୂର୍ଯ୍ୟଘର ବିଦ୍ୟୁତ୍ ଯୋଜନା ଉଦ୍‌ଘାଟିତ




କେନ୍ଦ୍ରାପଡ଼ା, ୧୫।୧(ସମିସ): କେନ୍ଦ୍ର ସରକାରଙ୍କ ଗୃହସ୍ଥ ସୌରଶକ୍ତି ପ୍ରଚାର ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା କେନ୍ଦ୍ରାପଡ଼ା ସହର ତିନିମୁହାଣିସ୍ଥ ମାରୁତି ସୋଲାର ସିଷ୍ଟମ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଏହି ଯୋଜନାକୁ ଉଦ୍‌ଘାଟନ କରିଥିବାବେଳେ ନଗରପାଳ ସରିତା ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ୨ ଲକ୍ଷ ୧୦ ହଜାର ଟଙ୍କା ମୂଲ୍ୟର ସୌରଶକ୍ତି ପ୍ୟାନେଲ ସରକାରୀ ରିହାତି ସହ ୬୨ ହଜାର ଟଙ୍କାରେ ଉପଲବ୍ଧ ହେବ। ଏଥିସହ ବ୍ୟାଙ୍କ ଜରିଆରେ କ୍ଷୁଦ୍ର ସୁଧ ହାରରେ ଋଣ ସୁବିଧା ରହିଥିବାବେଳେ ଉପଭୋକ୍ତା ୧୦ ବର୍ଷ ମଧ୍ୟରେ ଋଣ ପରିଶୋଧ କରିପାରିବେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ଶିବପ୍ରସାଦ ଭଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ପୌର ସଭ୍ୟ ପ୍ରଦୀପ୍ତ ଜେନା, ଉମେଶ ନାୟକ, ପ୍ରଭାଶିଷ ପଣ୍ଡା, କାଳୀପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିବଜୁର ରହେମାନ, ସୌମେନ୍ଦ୍ର ପୃଷ୍ଟି, ହିରଣ୍ୟ ପଣ୍ଡା, ଫକୀର ଚରଣ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।




# ଏମ୍ଏନ୍ ହାଇସ୍କୁଲର ପ୍ରତିଷ୍ଠା ଉତ୍ସବ



ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ମନ୍ମଥ ନାଥ ଉଚ୍ଚବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ସଚ୍ଚିନନ୍ଦନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ପୁରାତନ ଛାତ୍ର ପ୍ରଫେସର ଭରତ ପାତ୍ର ସ୍କୁଲର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରଫେସର କୈଳାସ ପାତ୍ର, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପୁରାତନ ଛାତ୍ର ସଂସଦ ଉପସଭାପତି ବିଜୟ ସାହୁ, ସମ୍ପାଦକ କଣ୍ଡୁରୀ ଚରଣ ସ୍ୱାଇଁ, କୋଷାଧକ୍ଷ ଗୋପୀନାଥ ତ୍ରିପାଠୀ, ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ଉପସଭାପତି ରାଜେନ୍ଦ୍ର ଦାଶ, ଉପଦେଷ୍ଟା ଇଓ ତପନ ପାତ୍ର, ରମେଶ ଦେ, ସଞ୍ଜୟ ବର୍ମା, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ଏମଏନ ହାଇସ୍କୁଲର ସୁନାମ ଓ ସଫଳତା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ସ୍ୱାଗତ ଭାଷଣ ଓ ଅନୀତା ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ଶିକ୍ଷକ ସୁଜୟ ରାଉତରାୟ, ଅନୀଲ ଦାସ, ଅଭିଷେକ ନାୟକ, ଗୋମତୀ ସ୍ୱାଇଁ, ଜ୍ୟୋର୍ତିଲକ୍ଷ୍ମୀ ବେହେରାଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ଧନ୍ୟବାଦ ଦେଇଥିଲେ।












## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଜଙ୍ଗ,୧୫।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ବୋରିଖିସ୍ଥିତ ସରକାରୀ ନୋଡାଲ ହାଇସ୍କୁଲର ଶିକ୍ଷୟିତ୍ରୀ ସଂଯୁକ୍ତା ବେଉରାଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ହୋଯାଇଛି। ସ୍କୁଲର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଦାନନ୍ଦ ବେଉରା, କ୍ରୀଡ଼ା ଶିକ୍ଷକ କବି ଶା ଲଗବ ଚରଣ ସ୍ୱାଇଁ, ବିମ୍ବାଧର ବିଶ୍ୱାଳ ପ୍ରମୁଖ ପ୍ରାକ୍ତନ ଶିକ୍ଷକ, ଅତିଥି ଶିକ୍ଷକ ବନ୍ ବିହାରୀ ନାୟକ, ଏସଏମସି ସଭାପତି ଆମର କୁମାର ବିହାରୀ, ଶଙ୍କର ଚରଣ କାଣ୍ଡି, ସଚଳା ମୁଦୁଲି, କିରଣବାଳା ପଶାୟତ, ରେଣୁକା ଗୋଛାୟତ ପ୍ରମୁଖ ଶିକ୍ଷୟିତ୍ରୀଙ୍କ ଶିକ୍ଷକ ଜୀବନର ସ୍ମରଣୀୟ ମୁହୂର୍ତ୍ତ ସମ୍ପର୍କରେ ଅବତାରଣା କରିଥିଲେ। ଶିକ୍ଷକ ଭାନୁ ପ୍ରକାଶ ନନ୍ଦୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇ ଥିବା ବେଳେ ବିଜ୍ଞାନ ଶିକ୍ଷକ ସୁମନ୍ତ କୁମାର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଭିଜିତ ବାରିକ, ମନୋଜ କୁମାର ମଲ୍ଲିକ ସହଯୋଗ କରିଥଲେ। ଏହି ଅବସରରେ ବିଦାୟୀ ଶିକ୍ଷୟିତ୍ରୀଙ୍କ ମାନପତ୍ର, ଅଙ୍ଗ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ୍‌ର ପିଲାମାନେ ବିଦାୟୀଙ୍କ ସରଳ ପାଠ ପଢ଼ା, ଅତୁଟ ସ୍ନେହ ଓ ନିଜ ପୁଅ ଝିଅଙ୍କ ପରି ଦେଇ ଥିବା ମାତୃତ୍ୱ ଆଜିର ସମୟ ରେ ବିରଳ ବୋଲି କହିଥିଲେ।

## ସମାଜସେବୀ ଦାଶରଥି ଭୋଳଙ୍କ ବିୟୋଗରେ ଶୋକ

ବାଲିକୁଦା,୧୫।୧(ସମିସ): ବାଲିକୁଦା ବ୍ଲକ୍ କାଳିଓ ପଞ୍ଚାୟତ ଆଳିଜଙ୍ଗା ଗ୍ରାମର ସମାଜସେବୀ ସ୍ୱର୍ଗତ ଦାଶରଥି ଭୋଳଙ୍କ ବିୟୋଗରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ତାଙ୍କ ଏକାଦଶାହ



ଅବସରରେ ଆୟୋଜିତ ଏହି ସଭାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, ଯୁବ ନେତା ସଞ୍ଜୀବ ବିଶ୍ୱାଳ, ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ବିଜେପି ନେତା ଶିବବ୍ରତ ଦାସ, କାକଟପୁର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ, କଂଗ୍ରେସ ନେତା ବିକ୍ରମ ପରିଡା, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ, ବିଜେଡି ନେତା କମଳାକାନ୍ତ ମହାପାତ୍ର, ଶିକ୍ଷାବିତ ବୈରାଗୀ ଚରଣ ରାଉତ, ସରପଞ୍ଚ ଜେଜେନ୍ଦ୍ର ନାୟକ, ସମିତି ସଭ୍ୟ ସମୀର ସେନାପତି, ବିଜେପି ନେତା ମୋହିତ ମହାନ୍ତି, ଶ୍ରୀକାନ୍ତ ଦାସ, ଶିବପ୍ରସାଦ ପାତ୍ର, ପୂର୍ବତନ ସରପଞ୍ଚ ନୃସିଂହ ସ୍ୱାଇଁ, କୃଷକ ନେତା ଦୁର୍ଗା ଚରଣ ସ୍ୱାଇଁଙ୍କ ପୁତ୍ର ନିରଞ୍ଜନ ଭୋଳ, ଦିଲ୍ଲୀପ ଭୋଳ, ସୁବଳ ଭୋଳ, ସଞ୍ଜୟ ଭୋଳ, ରଞ୍ଜିତ ଭୋଳ, ରାଜୀବ ଭୋଳ, ଗଗନ ପରିଡ଼ା, ଅକ୍ଷୟ ସାହୁ, ବିମଳ ସାମଲ ପ୍ରମୁଖ ସ୍ୱର୍ଗତ ଭୋଳଙ୍କ ସ୍ମୃତି ଚାରଣ କରିଥିଲେ।

## କୂଳତର୍ଣ୍ଣଙ୍ଗ ତ୍ରିନାଥ ଜରା ସେବାଶ୍ରମର ବାର୍ଷିକ ଉତ୍ସବ

ଜଗତସିଂହପୁର,୧୫।୧(ସମିସ): ଜଗତସିଂହପୁର ସଦର ବ୍ଲକ କୂଳତର୍ଣ୍ଣଙ୍ଗ ସ୍ଥିତ ତ୍ରିନାଥ ଜରା ସେବାଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ଧୁ ମିଳନ ଏବଂ ଚତୁର୍ଥ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ କୈଳାସ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ବରିଷ୍ଠ ସମାଜସେବୀ ଭଗବାନ ଦାଶ ଏବଂ ତରତଙ୍ଗ ପଞ୍ଚାୟତ ସମିତି ସଭ୍ୟା ମଧୁସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ପରିଣତ ବୟସରେ ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ଆଶ୍ରୟ ପ୍ରଦାନ ସହିତ ସେମାନଙ୍କୁ ସେବା ଯୋଗାଇବା ଭଳି ମହତ କାର୍ଯ୍ୟ ଜାରି ରଖିଥିବାରୁ ସେବାଶ୍ରମର କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସେବାଶ୍ରମ ପରିସରରେ ବିଧାୟକ ଶ୍ରୀ ଦାସଙ୍କ ଦ୍ୱାରା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟିତ ହେବା ସହିତ ଭୋଜନ ମଣ୍ଡପ ପାଇଁ ଶିଳାନ୍ୟାସ କରାଯାଇଥିଲା। ଜରାଶ୍ରମର ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ପ୍ରତିଷ୍ଠାତା ସଭ୍ୟ ଶ୍ରୀକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଜରାଶ୍ରମ ପ୍ରତିଷ୍ଠାତା ନିରଞ୍ଜନ ଜେନା, ଗିରିଜା ମହାପାତ୍ର, ଯୁଧିଷ୍ଠିର ସାହୁ, ଶୁକଦେବ ସାହୁ, ଅଦ୍ୱୈତ ସ୍ୱାଇଁ, ସୁବାସ ଚାନ୍ଦ, ଦିଲ୍ଲୀପ ପ୍ରଧାନ, ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂରଣରେ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ବିରିଡି,୧୫।୧(ସମିସ): ବିରିଡି ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପୂରଣରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ମାଦେଳିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ପୂର୍ବାହ୍ନରେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା, ଶିକ୍ଷାବିତ ଅଲେଖ ଚରଣ ବେହେରା, ଏସ୍‌ଏମସି ସଭାପତି କୃପାସିନ୍ଧୁ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅପରାହ୍ନରେ ଉଦ୍‌ଯାପନ ତଥା ପୁରସ୍କାର ପ୍ରଦାନ ଉତ୍ସବରେ ପ୍ରଧାନଶିକ୍ଷକ ଅଶୋକ କୁମାର ମାଦେଳି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟତିଥିଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ବିଇଓ ମିହିର କୁମାର ପାଲ, ସାଂସଦଙ୍କ ପ୍ରତିନିଧି ଗୀତାଞ୍ଜଳି ସାହୁ, ଏସ୍‌ଏମସି ସଭାପତି କୃପାସିନ୍ଧୁ ଭୋଇ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସମୀକ୍ଷା ଡାକୁଆ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ବାଦଲ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଧାଂଶୁ ମଞ୍ଜରୀ ଦାଶ ଧନ୍ୟବାଦ ଦେଇଥିଲେ।

## ତୃଣକ ପରିଚାଳନା ଓ କୃଷି ପାଣିପାଗ ସମ୍ବନ୍ଧୀୟ ସଚେତନତା ଶିବିର

# 'ଚାଷୀ ପାଣିପାଗ ଭିତ୍ତିକ କୃଷି ପରାମର୍ଶ ଗ୍ରହଣ କରିବା ଆବଶ୍ୟକ'

ଜଗତସିଂହପୁର,୧୫।୧(ସମିସ)

ସର୍ବଭାରତୀୟ ସମନ୍ୱିତ କୃଷି ଜଳବାୟୁ ପ୍ରକଳ୍ପ, ସର୍ବଭାରତୀୟ ସମନ୍ୱିତ ତୃଣକ ପରିଚାଳନା ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମିଳିତ ପ୍ରୟାସରେ ସଂପ୍ରତି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗ ବ୍ଲକ୍‌ର ବାଗୋଇ ଗ୍ରାମରେ ଅନୁସୂଚିତ ଜାତି ଉପଯୋଜନା ଆନୁକୂଲ୍ୟରେ ଏକ କୃଷକ ସଚେତନତା ଶିବିର ତଥା କୃଷି ସାମଗ୍ରୀ ବିତରଣ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ୭୦ଜଣ ଅନୁସୂଚିତ ଜାତିର କୃଷକ ଓ କୃଷି ମହିଳା ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ଡ. ଜୀବନଜିତ୍ ସେନ୍ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓୟୁଏଟି କୃଷି ପାଣିପାଗ ପ୍ରକଳ୍ପର ମୁଖ୍ୟ ପ୍ରଫେସର୍ ଡ. ତୁଷାର ରଞ୍ଜନ ମହାନ୍ତି କୃଷି କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ତଥା ଏହାର ସଫଳ ମୁକାବିଲା ପାଇଁ ଓୟୁଏଟି ଦ୍ୱାରା ଜାରି କରାଯାଉଥିବା ସାପ୍ତାହିକ ପାଣିପାଗ ଭିତ୍ତିକ କୃଷି ପରାମର୍ଶକୁ ଗ୍ରହଣ କରି ଚାଷକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଖିଳ ଭାରତୀୟ ସମନ୍ୱିତ ତୃଣକ ପରିଚାଳନା ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ବୈଜ୍ଞାନିକ ଡ. ମହମ୍ମଦ ଅବଦୁଲ ଆଲିମ୍ ଉଦବୋଧନ ଦେଇଥିଲେ। ସେ କହିଥିଲେ ଯେ ଧାନ ଚାଷରେ ଘାସ ହେଉଛି ଉତ୍ପାଦନ କମିବାର ଏକ ପ୍ରମୁଖ କାରଣ। ସେ କହିଥିଲେ ଯେ ଉଚିତ୍ ସମୟରେ ଓ ଉଚିତ୍ ମାତ୍ରାରେ ଖରପତ୍ର ନାଶକ ପ୍ରୟୋଗ କରାଗଲେ ଧାନ ଉତ୍ପାଦନ ୨୦ ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଡ. ଆଲିମ୍ ଧାନ ଚାଷରେ ଧାନ ରୋଇବାର ୩ ରୁ ୫ ଦିନ ମଧ୍ୟରେ ପେଣ୍ଡି ମେଥାଲିନ୍ ୩୦ ଇ.ସି ଓ ୨୦-୨୫ ଦିନ ମଧ୍ୟରେ ଫେନୋକ୍ସାପ୍ରପ ଇଥାଇଲ୍ ସିଞ୍ଚନ କରିବାପାଇଁ ଉଲ୍ଲେଖ କରିଥିଲେ। ତୃଣ ନାଶକ ପ୍ରୟୋଗ ସମ୍ବନ୍ଧରେ ଉପଯୁକ୍ତ ମାତ୍ରା ଓ ସମୟ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ କିମ୍ବା କୃଷି କାର୍ଯ୍ୟାଳୟର ଅଧିକାରୀମାନଙ୍କ ଠାରୁ ପରାମର୍ଶ ନେଇପାରିବେ। ଓ.ୟୁ.ଏ.ଟି ଗ୍ରାମୀଣ କୃଷି ମୌସମ ସେବାର ବୈଜ୍ଞାନିକ ଚିନ୍ମୟ କୁମାର ସାହୁ,ଓ.ୟୁ.ଏ.ଟି ଦ୍ୱାରା ଜାରି କରାଯାଉଥିବା କୃଷି ପାଣିପାଗ ସେବା ଉପରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଗୃହବିଜ୍ଞାନୀ ଶ୍ରୀମତୀ ସସ୍ମିତା ପୁରୋହିତ କୃଷି ମହିଳା ମାନଙ୍କୁ ଉଦବୋଧନ କରିବା ସହ ସେମାନେ କିପରି ଚାଷ କାର୍ଯ୍ୟରେ ଲାଭବାନ ହେଇପାରିବେ,ସେଥିପ୍ରତି ଆଲୋଚନା କରିଥିଲେ। ଓ.ୟୁ.ଏ.ଟିର କୃଷି ପାଣିପାଗ ନିରୀକ୍ଷକ ଗୌରଶଙ୍କର ପାଣିଗ୍ରାହୀ ଏବଂ କୃଷି ଓଭର୍ଶିଅର୍ ଅରୁଣ ସାହୁ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସର୍ବଶେଷରେ ଉକ୍ତ ଅଞ୍ଚଳର ସରପଞ୍ଚ ପ୍ରଭାଞ୍ଜଳି ସେଠୀ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ କୃଷି ଯନ୍ତ୍ରପାତି, ସଚେତନତା ପତ୍ରିକା ଓ ଉନ୍ନତ ଗୁଣମାନର ଗୁଆଚାରା ବିତରଣ କରିଥିଲେ। ଗ୍ରାମବାସୀମାନେ ଏପରି କାର୍ଯ୍ୟକ୍ରମ ଦ୍ୱାରା ନୂତନ କୃଷି ପ୍ରଯୁକ୍ତି ସମ୍ପର୍କରେ ଜ୍ଞାନ ଲାଭ କରିଥିବାରୁ ଓ.ୟୁ.ଏ.ଟି ଓ ସଂପୃକ୍ତ ପ୍ରକଳ୍ପକୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଅନୁସୂଚିତ ଜାତି କୃଷକ ମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଥିଲେ। ପରିଶେଷରେ ଉକ୍ତ ଗ୍ରାମର ଉମେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

● ଜଗତସିଂହପୁର ପୁସ୍ତକମେଳା ଉଦ୍‌ଘାଟିତ

## 'ଆଗପରି ଆଉ ପାଠକୀୟ ପ୍ରେରଣା ମିଳୁନି'

ଜଗତସିଂହପୁର,୧୫।୧(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ୨୭ତମ ଜଗତସିଂହପୁର ପୁସ୍ତକମେଳା ବିଶିଷ୍ଟ ସାହିତ୍ୟିକ ତଥା ଔପନ୍ୟାସିକ ଭାଗିରଥି ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଦାସ କହିଥିଲେ ଯେ ପୂର୍ବରୁ ଲେଖାଟିଏ ପଢ଼ି ପାଠକମାନେ ପ୍ରେରଣା ଦେଉଥିଲେ। ବର୍ତ୍ତମାନ ସମୟରେ ପାଠକୀୟ ପ୍ରେରଣା ଆଉ ଆଗପରି ନାହିଁ। ଏହି ଅବସରରେ ସେ ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ଆଦର ରଖିବା ପାଇଁ ଆହ୍ୱାନ ଦେବା ସହ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଉଦଘାଟନୀ ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବହିର ଏକ ସ୍ୱତନ୍ତ୍ର ବାସ୍ନା ଥାଏ ବୋଲି କହିବା ସହିତ ଜଗତସିଂହପୁର ମାଟିରେ ସାରସ୍ୱତ ସାଧକ ମାନଙ୍କର ଅଭାବ ନାହିଁ ଏବଂ ଆମେ ସମସ୍ତେ ସେହି ମାନଙ୍କ ପଦାଙ୍କ ଅନୁସରଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଖୁବ୍ ଶୀଘ୍ର ଜଗତସିଂହପୁର ସଦରମହକୁମାରେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା କହିଥିଲେ ଅଭିଭାବକ ମାନେ ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକ ଉପରେ ଅତ୍ୟଧିକ ଧ୍ୟାନ ନ ଦେଇ ସମୟ ସମୟରେ



କିଛି ମହାପୁରୁଷଙ୍କ ଜୀବନୀ ତଥା ସମାଜରେ ସଂସ୍କାର ଆଣିପାରୁଥିବା ଭଳି ପୁସ୍ତକ ପଢିବା ପାଇଁ ଉତ୍ସାହିତ କରିବା ଉଚିତ୍। କାରଣ ଏଭଳି ପୁସ୍ତକ ପଠନ ଦ୍ୱାରା ଚରିତ୍ର ମାର୍ଜିତ ହୋଇଥାଏ। ପ୍ରତ୍ୟେକ ବ୍ଲକ୍ ମୁଖ୍ୟାଳୟରେ ଗୋଟିଏ ଗୋଟିଏ ଭଲ ପାଠାଗାରର ବ୍ୟବସ୍ଥା କରିବା ପାଇଁ ଏହି ଅବସରରେ ସେ ପରାମର୍ଶ ଦେଇଥିଲେ। ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ହିଁ ମଣିଷ ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲ୍ ଏଥିରେ ଅଧ୍ୟକ୍ଷତା କରି ଆମେ ଯେତେବେଳେ ପୁସ୍ତକ ପଠନ କରୁଛେ ପୁସ୍ତକର ପ୍ରତିଟି ପୃଷ୍ଠାକୁ ଗଭୀର ଭାବେ ଅନୁଶୀଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ଡଃ ବିରଞ୍ଚି ନାରାୟଣ ରଥ ?ଦେପାଠ କରିଥିଲେ। ପରିଷଦର ସଂପାଦକ ଶାରଦା ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଜିର ଆସର ଜଗତସିଂହପୁରର ପୂର୍ବତନ ବିଧାୟକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହୋଇଥିଲା। ଏହି ଅବସରରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ଦ୍ୱାରା ଅନୁବାଦିତ ଶରତ ଚନ୍ଦ୍ରଙ୍କ "ପରିଣୀତା "କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ପରିଶେଷରେ ପରିଷଦର ଯୁଗ୍ମ ସମ୍ପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟୁଷରେ ଜଗତସିଂହପୁରର ଅଧିଷ୍ଠାତ୍ରୀ ଦେବୀ ମା ଶାରଳାଙ୍କ ନିକଟରୁ ଶାରଳା ଜ୍ୟୋତି ଅଣାଯାଇ ପୁସ୍ତକ ମେଳା ପରିସରରେ ସ୍ଥାପନ କରାଯାଇଥିଲା। ସଂଧ୍ୟା ଆସର ପରିଶେଷରେ ମା ଶାରଳା ଘଟ ନୃତ୍ୟ, କନକପୁର ଓ ଜୟ ସୀତାରାମ ଭଜନ ସଂଧ୍ୟା, ଫୁଲହାରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ମଞ୍ଚ ସଂଚାଳନ କରିଥିଲେ। ଏହି ପୁସ୍ତକ ମେଳା ସାତ ଦିନ ଧରି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ବୈଠକ

ଜଗତସିଂହପୁର,୧୫।୧(ସମିସ): ଜଗତସିଂହପୁର ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ବିରିଡ଼ି ବ୍ଲକ୍ ପୂରଣ ମଣ୍ଡଳ ଅନ୍ତର୍ଗତ କୁଳକଇଜଙ୍ଗା ପଞ୍ଚାୟତ ମା' ଦୁଲାଦେବୀ ପୀଠରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ମାନସ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାମଦେବ ମଲ୍ଲିକ ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ



ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେପି ନେତା ରାଜକିଶୋର ବେହେରା, ଜିଲ୍ଲା ସମ୍ପାଦକ ତରୁଣ ଦାସ, ହାଜିପୁର ମଣ୍ଡଳ ସଭାପତି ଦୀପ୍ତିପ୍ରସାଦ ପରିଜା, ପୂରଣ ମଣ୍ଡଳ ସାଧାରଣ ସମ୍ପାଦକ ଟୁଟୁ ମଲ୍ଲିକ, ପୂର୍ବତନ ସଭାପତି ସୁଦର୍ଶନ ପଣ୍ଡା, ଶିଶିର ମହାନ୍ତି, ପାର୍ଥସାରଥି ଭୋଇ, ପତିତପାବନ ସାହୁ, ଅଭୟ ଜେନା, ହରେକୃଷ୍ଣ ମଲ୍ଲିକ, ଚିତ୍ତରଞ୍ଜନ ନନ୍ଦୀ ପ୍ରମୁଖ ଯୋଗ ଦେଇଥିଲେ।

## ଦୈନିକ 'ସୁଦେଷ୍ଣା'ର ବାର୍ଷିକ ଉତ୍ସବ

ଏରସମା,୧୫।୧ (ସମିସ): ମକରଧ୍ୱଜ ଶିଳ୍ପ ତାଲିମ୍ କେନ୍ଦ୍ରଠାରେ ପୁରୀ ଜିଲ୍ଲା କଣାସ ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ "ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ' ଓ ଦୈନିକ ଖବରକାଗଜ "ସୁଦେଷ୍ଣା'ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦ ତଥା ଖବରକାଗଜର ସଭାପତି ସଂଗ୍ରାମକେଶରୀ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ଡକ୍ଟର ବସନ୍ତ ମଞ୍ଜରୀ ଦାସ ଯୋଗ ଦେଇଥିଲେ। ପଣ୍ଡିତ ନାଗୁ ଚରଣ ଦେବତା ଏବଂ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବିଶିଷ୍ଟ ଅତିଥି ଭାବେ "ନବକାକଳୀ"ର ସମ୍ପାଦକ ସ୍ୱପ୍ନିଳ କବି ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦାନ କରିଥିବା ବେଳେ ମହେଶ୍ୱର ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ, ଆଇନଜୀବୀ ମଞ୍ଜୁଲତା ରାଉତ ଉପସ୍ଥିତ ଥିଲେ। ଉତ୍ସବରେ ମୈନାକ ସାହିତ୍ୟ ସଂସଦର ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ଅତିଥି ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ ସୁଦେଷ୍ଣା ସମ୍ପାଦକ ଶିବ ପ୍ରସାଦ ବାହିନୀପତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି କବୟିତ୍ରୀ ଯୋଗଦାନ କରିଥିଲେ। କବିତା ସଂଯୋଜନା କରିଥିଲେ ସୂର୍ଯ୍ୟୋଦୟ ସଭାପତି ପ୍ରଶାନ୍ତ କୁମାର ସେଠୀ। ଖବରଦାତା ଯଯାତି କେଶରୀ ସାମନ୍ତରାୟ, ଶ୍ୟାମଳେନ୍ଦୁ ପରିଡ଼ା, ସହସମ୍ପାଦକ ଭୁବନ ମୋହନ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ଚନ୍ଦ୍ରଜିତ ଦାସ, ତୃପ୍ତି ରଞ୍ଜନ ମହାନ୍ତି, ଅଂଶୁମାନ ମିଶ୍ର, ତନ୍ମୟ ସେଠୀ, ବଲ୍ଲଭ ପ୍ରଧାନ, ବୈଦ୍ୟନାଥ ସାହୁ, ଅରୁପାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ହୃଷିକେଶ ଜେନା ଧନ୍ୟବାଦ୍ ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ, ସମ୍ବର୍ଦ୍ଧନା ଉତ୍ସବ

ଏରସମା,୧୫।୧(ସମିସ): ଏରସମା ବ୍ଲକ ଜନକାଡ଼ଦେଇପୁର ଗ୍ରାମପଞ୍ଚାୟତ ହାଇସ୍କୁଲ ସାହାଡ଼ାର ୧୯୯୫ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୋରେଖନାଥ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନଶିକ୍ଷକ



ବିଶିଷ୍ଟ ଶିକ୍ଷାବିତ ବସନ୍ତ କୁମାର ଦାସ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ର ସଭାପତି ବାସୁଦେବ ଦାସ,ପ୍ରାରମ୍ଭିକ ସୂଚନା ଓ ପରିଚୟ ପ୍ରଦାନ କରିଥିଲେ। ଗୁରୁବନ୍ଦନା ଗୁରୁପୂଜନ ଓ ଶିକ୍ଷାବିତ ବସନ୍ତ କୁମାର ଦାସଙ୍କୁ ଅଙ୍ଗବସ୍ତ୍ର ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦିକା ପୁଷ୍ପଲତା ପ୍ରଧାନ ବିବରଣୀ ପାଠ କରିଥିଲେ। ସମାଜସେବୀ ନୃସିଂହ ଚରଣ ସାହୁ ଯୋଗଦେଇ ଛାତ୍ରଜୀବନର ଶୃଙ୍ଖଳା ମାନବ ଜୀବନପାଇଁ ଆବଶ୍ୟକତା ସମ୍ପର୍କରେ କହିଥିଲେ। ଶିକ୍ଷକ ରବୀନ୍ଦ୍ର ପରିଡ଼ା, ଛାତ୍ର ସଂସଦର ସଭ୍ୟ ପବିତ୍ର ବେହେରା, ପବିତ୍ର ସାହୁ, ବିସ୍ମିତ ବାରିକ, ଦିଲ୍ଲୀପ ମହାରଣା, ଦିଲ୍ଲୀପ ସାହୁ, ବିଭୂତି ରଞ୍ଜନ ଦାସ, ସୁଧାକର ବାରିକ, ଗୌରାଙ୍ଗ ପ୍ରଧାନ, ବେଣୁଧର ସ୍ୱାଇଁ, ବିପିନ ବେହେରା, ଛାତ୍ରୀ କନକଲତା ସାହୁ, ମମତା ସାହୁ, କୁନିଲତା ସାହୁ, ସୁଲୋଚନା ପତି, ଅନ୍ନପୂର୍ଣ୍ଣା ରଥ, ଝିଲି ସ୍ୱାଇଁ, ବେଲବତୀ ସ୍ୱାଇଁ, ପ୍ରମିଳା ବେହେରା, ସସ୍ମିତା ଓଝା ପ୍ରମୁଖ ଯୋଗଦେଇଥିଲେଷ। ଗୋରେଖ ନାଥଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଶାନ୍ତ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।




● ମର୍ଣ୍ଣିଂ କ୍ରିକେଟ୍ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଭୁବନେଶ୍ୱର ଚାମ୍ପିଅନ; ଜଗତସିଂହପୁର ରନର୍ସ ଅପ୍



ପାରାଦୀପ,୧୫।୧(ସମିସ)


ମର୍ଣ୍ଣିଂ କ୍ରିକେଟ କ୍ଲବ ପାରାଦୀପ ପକ୍ଷରୁ ଜୟଦେବ ସଦନ ସମ୍ମୁଖ ପଡ଼ିଆରେ ଛାଲିଥିବା କ୍ରିକେଟ ମ୍ୟାଚ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଚାମ୍ପିଅନ୍ ହୋଇଥିବାବେଳେ ଜଗତସିଂହପୁର ରନର୍ସଅପ ହୋଇଛି। ପାରାଦୀପର ଏହି ଅଗ୍ରଣୀ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଆୟୋଜିତ ୧୫ତମ ବାର୍ଷିକ ଟୁର୍ଣ୍ଣମେଣ୍ଟକୁ ପାରାଦୀପ ବନ୍ଦରର ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଚାମ୍ପିଅନ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର ଓ ପୁରୀର ୮ ଟି ନାମୀ କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିଥିଲେ। ଚାମ୍ପିଅନ ଟିମ୍‌କୁ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବହୁ ଦର୍ଶକ ଖେଳକୁ ଉପଭୋଗ କରିଥିଲେ। କ୍ଲବ ପକ୍ଷରୁ ଇରା ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବ୍ୟବସାୟୀଙ୍କ ପରଲୋକ

ପାରାଦୀପ,୧୫।୧(ସମିସ):ପାରାଦୀପ ବଡ଼ପଡ଼ିଆ ଜୁବୁଲି ମାର୍କେଟର ବରିଷ୍ଠ ବ୍ୟବସାୟୀ ସନ୍ତ କୁମାର ନନ୍ଦୀ (ବଙ୍ଗାଳି ଦାଦା) ଙ୍କର ୬୮ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ଆଜି ସକାଳୁ ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ତେବେ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ଡାକ୍ତରଙ୍କ ନିର୍ଦ୍ଦେଶରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମାର୍କେଟ ବ୍ୟବସାୟୀ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଜୁବଲି ମାର୍କେଟର କିଛି ପଡ଼ୋଶୀ ବ୍ୟବସାୟୀ ଦୋକାନ ବନ୍ଦ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଦୀର୍ଘ ଦିନ ହେବ ବଡ଼ପଡ଼ିଆ ମାର୍କେଟରେ ଇଲେକ୍ଟ୍ରି ପାର୍ଟସ ବ୍ୟବସାୟ କରି ଆସୁଥିଲେ। ସେ ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଆଣବିକ ଶକ୍ତିର ପରିପ୍ରକାଶ କେବଳ ଆମ ଚିନ୍ତାଧାରାକୁ ଛାଡ଼ି ଆଉ ସବୁକିଛି ପରିବର୍ତ୍ତନ କରିଦେଇଛି ।

- ଆଲବର୍ଟ ଆଇନଷ୍ଟାଇନ୍

## ତୈଳକୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ସଦ୍ୟତମ ଭେନେଜୁଏଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଯେତେ ଯୁଦ୍ଧ ଓ ସାମରିକ ଅଭିଯାନ ହୋଇଛି ସେ ସବୁର ମୂଳରେ ରହିଛି ଜୀବାଶ୍ମ ଇନ୍ଧନ ବା ତୈଳ କୂଟନୀତି । ବିଶେଷକରି ବିଶ୍ୱର ସମୃଦ୍ଧ ତୈଳ ଭଣ୍ଡାର ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଆମେରିକାର ଦୁର୍ବାର ଲୋଭ ହିଁ ଅଧିକାଂଶ ଯୁଦ୍ଧକୁ ଜନ୍ମ ଦେଇଛି ଏବଂ ସ୍ୱାଭାବିକ ଭାବରେ ଯୁଦ୍ଧର କେନ୍ଦ୍ରରେ ବିଶ୍ୱର ସେହି ସର୍ବଶକ୍ତିମାନ ରାଷ୍ଟ୍ର ହିଁ ରହିଛି । ତେଣୁ ଆମେରିକାର ସମ୍ଭାବ୍ୟ ଇରାନ୍ ଆକ୍ରମଣର ଲକ୍ଷ୍ୟ ଓ ଫଳାଫଳ ମଧ୍ୟ ସେହି ତୈଳକୂଟରୁ ଆରମ୍ଭ ହୋଇ ତୈଳକୂପ ଅକ୍ତିଆରରେ ଶେଷ ହେବ ବୋଲି ଅନୁମାନ କରିବାରେ କିଛି ଭୁଲ୍ ହେବ ନାହିଁ । ଅଧୁନା ଜଗତିକରଣକୁ ଜୀବାଶ୍ମ ଇନ୍ଧନ ଗତିଶୀଳ କରୁଥିବାରୁ ବିଶ୍ୱ ଭୂରାଜନୀତିରେ ତୈଳକୂଟନୀତି ସ୍ୱତନ୍ତ୍ରତା ହାସଲ କରିଛି ଏବଂ ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ତୈଳଭଣ୍ଡାର ମଧ୍ୟପ୍ରାଚ୍ୟ ହିଁ ଏହାର ପ୍ରମୁଖ ପ୍ରୟୋଗଶାଳା ହୋଇଛି । ଏହାଛଡ଼ା ଭାରତ ଉପରେ ଆମେରିକାର ଆକ୍ରୋଶ, ଚୀନ୍ ସହିତ ବାଣିଜ୍ୟ ଯୁଦ୍ଧ, ରୁଷ ଓ ଇରାନ୍ ଉପରେ କଟକଣା ଆଦି ପଛରେ ମଧ୍ୟ ଏହି ତୈଳକୂଟ ହିଁ ନିର୍ଣ୍ଣାୟକ ହୋଇଛି ।

ଭେନେଜୁଏଲା ସହିତ ଆମେରିକାର ତିକ୍ତ ସମ୍ପର୍କ ଆଜିର ନୁହେଁ । କିନ୍ତୁ ସମସ୍ତ ଅନ୍ତଃରାଷ୍ଟ୍ରୀୟ ନୀତିନିୟମକୁ ଉଲ୍ଲଙ୍ଘନ କରି ଏବେ ହଠାତ୍ ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ସେହି ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ ହରଣଚାଳ କରି ନିଆଯିବା ପଛରେ ସାମ୍ନାକୁ ଆସିଥିବା ପ୍ରଥମ କାରଣଟି ଭେନେଜୁଏଲା-ଚୀନ୍ ତୈଳବାଣିଜ୍ୟ ଚୁକ୍ତି ପ୍ରତି ଇଙ୍ଗିତ କରୁଛି । ଆଗାମୀ ଦଶନ୍ଧି କିମ୍ବା ଦୁଇଦଶନ୍ଧି ପର୍ଯ୍ୟନ୍ତ ତୈଳ-ଇନ୍ଧନ ଚାହିଦା ପୂରଣ ପାଇଁ ଚୀନ୍ ବିଶାଳ ତୈଳଭଣ୍ଡାରମାନ ନିର୍ମାଣ କରୁଛି ଏବଂ ବିପୁଳ ପରିମାଣର ଜୀବାଶ୍ମ ଇନ୍ଧନ ଆମଦାନୀ କରୁଛି । ଚୀନ୍‌ର ଏହି ଯୋଜନାରେ ମୁଖ୍ୟ ସହାୟକ ହୋଇଛି ଭେନେଜୁଏଲା । ଭେନେଜୁଏଲାରେ ବିଶ୍ୱର ସର୍ବାଧିକ ୧୭% ଜୀବାଶ୍ମ ଇନ୍ଧନ ଗଚ୍ଛିତ ରହିଛି ଏବଂ ସେହି ଦେଶ ଉତ୍ପାଦନ କରୁଥିବା ଦୈନିକ ୧୦ ଲକ୍ଷ ବ୍ୟାରେଲ୍ ପେଟ୍ରୋଲିୟମ୍‌ର ୯୦ ପ୍ରତିଶତ ଚୀନ୍ ଆମଦାନୀ କରୁଛି । ତେଣୁ ଚୀନ୍‌ର ସ୍ୱତନ୍ତ୍ର ପ୍ରତିନିଧି ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଭେଟିବାର ୨୪ ଘଣ୍ଟା ନ ପୁରୁଣୁ ଆମେରିକାର ଅତିକ୍ରିୟା ଦେଖିବାକୁ ମିଳିଛି ।

ଭେନେଜୁଏଲାର ଶାସନ କ୍ଷମତା ନିଜ ଅକ୍ତିଆରକୁ ଆଣିବା ପରେ ସେଠାକାର ତୈଳକୂପମାନଙ୍କରୁ ପର୍ଯ୍ୟାପ୍ତ ତୈଳ ଉତ୍ତୋଳନ କରିବାକୁ ଟ୍ରମ୍ପ ତାଙ୍କ ଦେଶର ଶିଳ୍ପସଂସ୍ଥାମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିସହିତ ଭାରତକୁ ମଧ୍ୟ ଭେନେଜୁଏଲାରୁ ପେଟ୍ରୋଲିୟମ୍ କିଣିବା ପାଇଁ ପ୍ରସ୍ତାବ ଦେଇଛନ୍ତି, ଯାହା ଭାରତକୁ ଏକପ୍ରକାର ଦୋଛକିରେ ଛାଡ଼ିଦେଇଛି । ଭାରତ ଯଦି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ନ ହୁଏ ତେବେ ଆଗାମୀ ଦିନରେ ଭାରତୀୟ ଉତ୍ପାଦ ଉପରେ ଆମେରିକାରେ ଆମଦାନୀ ଶୁଳ୍କ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ । ଯଦି ଟ୍ରମ୍ପଙ୍କ ପ୍ରସ୍ତାବକୁ ଭାରତ ଗ୍ରହଣ କରେ ତେବେ ଭାରତକୁ ଚାରିପଟୁ ଘେରିବାକୁ ଯୋଜନା କରୁଥିବା ଚୀନ୍ ଆହୁରି ଆକ୍ରମଣାତ୍ମକ ହେବ । ସେହିପରି ଆମେରିକା କଥାରେ ଭାରତ ଭେନେଜୁଏଲାମୁଖୀ ହେଲେ ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ରୁଷ୍ ଅସୁଖୀ ହୋଇପାରେ । ତେଣୁ ଆଗାମୀ ଦିନରେ ତୈଳ କୂଟନୀତିର ଆହ୍ୱାନକୁ ଭାରତ କିଭଳି ମୁକାବିଲା କରୁଛି ତା'ଉପରେ ବିଶ୍ୱର ଦୃଷ୍ଟି ରହିବ ।

ଅପରପକ୍ଷରେ ଭେନେଜୁଏଲାର ଶାସନ କ୍ଷମତାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ନିଜ ଅକ୍ତିଆରରେ ରଖିବା ଏବଂ ତୈଳଭଣ୍ଡାର ଉପରେ ଆଧିପତ୍ୟ ଘୋଷଣା ପଛରେ ଆମେରିକାର ଏକମାତ୍ର ଲକ୍ଷ୍ୟ ହେଉଛି ବିଶ୍ୱର ସର୍ବବୃହତ୍ ଇନ୍ଧନଭଣ୍ଡାରଣର ମାନ୍ୟତା । ଏହାଦ୍ୱାରା ଆମେରିକା ଏକପକ୍ଷରେ ଚୀନ୍ ଓ ରୁଷ୍‌କୁ ଟକ୍କର ଦେଇପାରିବ ଏବଂ ଅପରପକ୍ଷରେ ସାମାନ୍ୟ ଦୁର୍ବଳ ହୋଇପଡ଼ିଥିବା 'ପେଟ୍ରୋଡଲାର'ର ଭବିଷ୍ୟତକୁ ଆହୁରି ସୁଦୃଢ଼ କରିପାରିବ । ୧୯୭୦ ମସିହାରେ ସାଉଦୀ ଆରବ ନେତୃତ୍ୱରେ ଗଠିତ ତୈଳ ରପ୍ତାନୀକାରୀ ରାଷ୍ଟ୍ର ସଂଘ (ଓପେକ୍) ଓ ଆମେରିକା ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଓପେକ୍ ତୈଳ ବାଣିଜ୍ୟରେ ବିନିମୟର ଏକମାତ୍ର ମାଧ୍ୟମ ରୂପେ ଆମେରିକୀୟ ଡଲାରକୁ ଗ୍ରହଣ କରିବ ଏବଂ ପ୍ରତିବଦଳରେ ଆମେରିକା ଓପେକ୍ ସଦସ୍ୟ ରାଷ୍ଟ୍ରଙ୍କୁ ସାମରିକ ସୁରକ୍ଷା ଓ ପ୍ରତିରକ୍ଷା ସହାୟତା ଯୋଗାଇଦେବ । ଏହି ଚୁକ୍ତି ଫଳରେ ବିଶ୍ୱସ୍ତରରେ ତୈଳ କାରବାର କେବଳ ଆମେରିକୀୟ ଡଲାରରେ ହୋଇଆସୁଛି ଏବଂ ପେଟ୍ରୋଡଲାରର ସ୍ଥିତି ଅଧିକରୁ ଅଧିକ ସୁଦୃଢ଼ ହୋଇଛି । ବିଶ୍ୱର ସର୍ବଶକ୍ତିମାନ ଅର୍ଥନୀତିର ମାନ୍ୟତା ଆମେରିକା ପାଇଛି । ଅପରପକ୍ଷରେ ଚୁକ୍ତିର ସର୍ତ୍ତ ଅନୁଯାୟୀ ଇରାକ୍ ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏବେ ଇରାନ୍ ଉପରେ ସମାନ କାର୍ଯ୍ୟାନୁଷ୍ଠାନ ନେବାକୁ ମସୁଧା କରୁଛି ।

ପ୍ରାୟ ତିନି ଦଶନ୍ଧି ଧରି ବିଶ୍ୱ ବାଣିଜ୍ୟରେ ପେଟ୍ରୋଡଲାର ଜରିଆରେ ଆଧିପତ୍ୟ ଜାରି ରଖିଥିବା ଆମେରିକୀୟ ଡଲାରର ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଛି । ଆମେରିକା ବିଶ୍ୱର ସବୁଠାରୁ ଅଧିକ ତୈଳ ଆମଦାନୀ କରୁଥିବାରୁ ଡଲାରର ବହିଃଗମନ ବଢ଼ିବାରେ ଲାଗିଛି । ଏହାଦ୍ୱାରା ଓପେକ୍ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ବଢ଼ିଛି ଏବଂ ଆମେରିକାର ଟ୍ରେଜେରି ବଣ୍ଡର ମୂଲ୍ୟ ବିଶ୍ୱବଜାରରେ ହ୍ରାସ ପାଇବାରେ ଲାଗିଛି । ଅପରପକ୍ଷରେ ଓପେକ୍ ରାଷ୍ଟ୍ରଗୁଡ଼ିକ ଆମେରିକାର ପ୍ରତିଭୂତି ବଜାରରୁ ବିପୁଳ ଲାଭାଂଶ ସଂଗ୍ରହ କରିଆସୁଛନ୍ତି । ଏହି ସ୍ଥିତିର ମୁକାବିଲା ପାଇଁ ଆମେରିକା ଘରୋଇ ସେଲ୍‌ଫ କମ୍ପାନୀମାନ ପ୍ରତିଷ୍ଠା କରି ଜୀବାଶ୍ମ ଇନ୍ଧନ ଉତ୍ତୋଳନକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିପାରିଥିଲେ ମଧ୍ୟ ଡଲାରର ଅନ୍ତଃଆଗମନ ସେଭଳି ଆଶାନୁରୂପ ହୋଇପାରିନାହିଁ । ସେହିପରି ଚୀନ୍‌ର ଆବିର୍ଭାବ ପରେ ଆମେରିକାକୁ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଛି । ବିଗତ ଦଶନ୍ଧିରେ ଦକ୍ଷିଣ-ବିଶ୍ୱ ସହିତ ଆମେରିକାର ସମ୍ପର୍କରେ ଅବନତି ଏବଂ ରୁଷ୍, ଇରାନ୍ ପରି କେତେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ରମାନଙ୍କ ଉପରେ କଟକଣା ପରେ ଡଲାରକୁ ବାଦ୍ ଦେଇ ସ୍ୱଦେଶୀ ମୁଦ୍ରାକୁ ତୈଳ କାରବାରର ବିନିମୟ ମାଧ୍ୟମ କରିବାର ଉଦ୍ୟମ ଆରମ୍ଭ ହୋଇଛି । ବିଶେଷକରି 'ବ୍ରିକ୍ସ' ଦେଶମାନେ ନିଜସ୍ୱ ମୁଦ୍ରାରେ ଅଧିକରୁ ଅଧିକ ବାଣିଜ୍ୟ କାରବାରକୁ ଅଗ୍ରାଧିକାର ଦେବା ପରେ ପେଟ୍ରୋଡଲାରର ଆଧିପତ୍ୟ ହ୍ରାସ ପାଇଛି । ଏଥିରେ ବିଚଳିତ ଟ୍ରମ୍ପ ଏବେ ଭେନେଜୁଏଲାର ତୈଳକୂପଗୁଡ଼ିକୁ ନିଜ ଅକ୍ତିଆରକୁ ନେଇ ସେଠାରୁ ତୈଳ ରପ୍ତାନି କରି ଡଲାର ସଂଗ୍ରହ କରିବାର ଯୋଜନା କରିଛନ୍ତି ।

ଇତିମଧ୍ୟରେ ଇରାନ୍ ଉପରେ ଆକ୍ରମଣ ପାଇଁ ଆମେରିକା ଚୂଡ଼ାନ୍ତ ପ୍ରସ୍ତୁତି ଆରମ୍ଭ କରିଛି ଏବଂ ମୁକାବିଲା ପାଇଁ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି ଇରାନ୍ ଧମକ ଦେଇଛି । ତେଣୁ ନିକଟ ଭବିଷ୍ୟତରେ ଏହି ତୈଳକୂଟ ବିଶ୍ୱକୁ ଅଧିକ ଅଶାନ୍ତ କରିବାକୁ ଯାଉଛି । ଯୁଦ୍ଧରେ କିଏ ଜିତିବ ବା ହାରିବ - ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ତୈଳକୂଟର ପ୍ରକୋପରୁ ତୈଳକୂପଗୁଡ଼ିକ କେତେ ସୁରକ୍ଷିତ ରହିପାରିବ? ଏବଂ ଗୋଷ୍ଠୀନିରପେକ୍ଷ ନୀତିରେ ବିଶ୍ୱାସ ରଖୁଥିବା ଭାରତ ଏହି ତୈଳକୂଟରୁ କିଭଳି ନିଜକୁ ସୁରକ୍ଷା ଦେଇ ସମଦୂରତ୍ୱ ବଜାୟ ରଖିବ ।

## ଶିକ୍ଷିତ ବନାମ ଅଶିକ୍ଷିତ

ବୈକୁଣ୍ଠନାଥ ମିଶ୍ର



ନିକଟରେ ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନୈକ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ଘୋର ବିପତ୍ତିର କାରଣ ସାଜୁଛନ୍ତି । ସେ ଏକଥା ମଧ୍ୟ କହିଥିଲେ ଯେ ଶିକ୍ଷିତ ଲୋକଙ୍କ ଯୋଗୁଁ ଦେଶରେ ଆତଙ୍କବାଦ ମୁଣ୍ଡଟେକିଛି ।

ମନ୍ତ୍ରୀ ମହୋଦୟଙ୍କ କଥା କେତେକାଂଶରେ ଠିକ୍ ମନେହୁଏ । କାରଣ ଆଜିର ଡିଜିଟାଲ ଯୁଗରେ ଅପରାଧ କୌଶଳ (କ୍ରାଇମ୍ ଟେକ୍‌ନିକ୍) ଏତେ ବୃଦ୍ଧି ପାଇଛି ଯେ ପୁଲିସ୍ ସାଇବର ଏକ୍ସପର୍ଟ ବା ଅପରାଧ ନିୟନ୍ତ୍ରଣର ସମସ୍ତ କୌଶଳ ବେଳେବେଳେ ଅସଫଳ ହେଉଛି । କିଛିଲୋକଙ୍କର ଅବିଚାରିତ କର୍ମ ଦେଶଦ୍ରୋହ ପାଇଁ ଉଦ୍ଦିଷ୍ଟ । ଦେଶଦ୍ରୋହ ଭଳି ଷଡ଼ଯନ୍ତ୍ରରେ ଲିପ୍ତ ସମସ୍ତ ତତ୍ତ୍ୱମାନଙ୍କୁ ଅବିଳମ୍ବେ ଧରି କଠୋରରୁ ଅତି କଠୋର ଶାସ୍ତି ବିଧାନ କରିବାର ଆବଶ୍ୟକତା ଅଛି । କିନ୍ତୁ କେବଳ ଶିକ୍ଷିତ ସମାଜକୁ ସାମଗ୍ରିକ ଭାବେ ଦେଶବିରୋଧୀ ଆଖ୍ୟା ଦେବା ଠିକ୍ ନୁହେଁ । କିଛିଦିନ ତଳେ ଶିକ୍ଷିତ ସହରବାସୀଙ୍କ ପ୍ରତି 'ଅର୍ବାନ ନକ୍ସଲ' ଭଳି ଅଭିଯୋଗ ମଧ୍ୟ ଉଠିଛି । ଏଭଳି ଅଭିଯୋଗ ପଛରେ ଯେଉଁ ବିଷମ କଥାଟି ଲୁକ୍କାୟିତ ଅଛି, ତାହା ହେଲା ସରକାରଙ୍କର ଦୋଷତ୍ରୁଟିକୁ ଶିକ୍ଷିତ ଲୋକମାନେ ବରଦାସ୍ତ ନ କରି ପଦାରେ ପକାଇବାର ଯେଉଁ ପ୍ରୟାସ କରନ୍ତି ତଦ୍ୱାରା ସରକାର ଅନେକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ।

କୁହାଯାଏ, ସମାଲୋଚନା ହିଁ ଉଚିତ ସିଦ୍ଧାନ୍ତ ନେବାର ପଥ ସୁଗମ କରେ । ସମାଲୋଚନାକୁ ଭୟକରି ଶିକ୍ଷିତମାନଙ୍କୁ ଦୋଷାରୋପ କରିବା କେତେଦୂର ଠିକ୍ ତାହା ଚିନ୍ତା କରିବା ଆବଶ୍ୟକ । ତେବେ କ'ଣ ଦେଶବାସୀ ଅଶିକ୍ଷିତ ରହିବା ଏବଂ ସମାଲୋଚନାରୁ କ୍ଷାନ୍ତ ରହିବା ବର୍ତ୍ତମାନର ଆବଶ୍ୟକତା? ବ୍ୟବସ୍ଥାର ଦୋଷତ୍ରୁଟିକୁ ସାର୍ବଜନୀନ କରିବା ଜଣେ ସଚେତନ ନାଗରିକର କର୍ତ୍ତବ୍ୟ । ଏଥିରେ ବ୍ୟଥିତ ନହୋଇ ବରଂ ନିଜ ତ୍ରୁଟି ସୁଧାରିବାର ପ୍ରୟାସ କରିବା ଉଚିତ ।

ଗୋଟିଏ ଦେଶର ବିକାଶ ମୂଳରେ ଶିକ୍ଷିତ-ଅଶିକ୍ଷିତ ସମସ୍ତଙ୍କର ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗ୍ରାମୀଣ ଅନ୍ନଦାତାଙ୍କର ଅକ୍ଳାନ୍ତ ପରିଶ୍ରମରେ ଦେଶର ଖାଦ୍ୟ ସମସ୍ୟା ଦୂର ହୋଇପାରୁଛି । କଳକାରଖାନାରେ କାର୍ଯ୍ୟରତ ଅସଂଖ୍ୟ ଅପାଠୁଆ ଶ୍ରମିକମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇ ନ ପାରେ । ସେହିମାନଙ୍କର ପରିଶ୍ରମର ଫଳ ଦେଶର ଆର୍ଥିକ ବିକାଶର ମୂଳପିଣ୍ଡ । ଶିକ୍ଷିତମାନେ ଯୋଜନା କରନ୍ତି । କିନ୍ତୁ ଅପାଠୁଆମାନେ ତା'ର ରୂପାୟନରେ ସହାୟତା କରନ୍ତି । ଏଠାରେ ଏକ ଗଳ୍ପର ପ୍ରାସଙ୍ଗିକତା ପ୍ରଣିଧାନଯୋଗ୍ୟ ।

ଗୋଟିଏ ଗାଁରେ ଚାରିଜଣ ବାଳକଙ୍କ ମଧ୍ୟରେ ଥିଲା ନିବିଡ଼ ବନ୍ଧୁତା । ସେମାନଙ୍କ ଭିତରୁ ତିନିଜଣ ମେଧାବୀ ଓ ଜଣେ ଥିଲା ଅପାଠୁଆ । ସମୟକ୍ରମେ ତିନି ମେଧାବୀ ବନ୍ଧୁ ବିଦେଶ ଯାଇ ଉଚ୍ଚଶିକ୍ଷା ଲାଭ କଲେ । କିନ୍ତୁ ଅପାଠୁଆ କୃଷିକର୍ମରେ ଲିପ୍ତ ରହିଲା । କିଛିବର୍ଷ ପରେ ଉଚ୍ଚଶିକ୍ଷିତ ତିନିବନ୍ଧୁ ଗ୍ରାମକୁ ଫେରିଲେ ଏବଂ ଅପାଠୁଆ ସହ ଚାରି ବନ୍ଧୁ ହସଖୁସିରେ କିଛିଦିନ ମାତିଗଲେ । ଥରେ ଚାରି ସାଙ୍ଗ ଭୋଜି କରିବାକୁ ଜଙ୍ଗଲକୁ ଗଲେ । ଜଙ୍ଗଲରେ ଏକ ସିଂହର ବିକ୍ଷିପ୍ତ କଙ୍କାଳ ପଡ଼ିଥିବାର ଦେଖିଲେ । ଆୟତ୍ତ କରିଥିବା ବିଦ୍ୟା ପ୍ରୟୋଗର ଏହାଏକ ପ୍ରକୃଷ୍ଟ କ୍ଷେତ୍ର ଭାବି ପରୀକ୍ଷାରେ ଲାଗିପଡ଼ିଲେ । ପ୍ରଥମ ବନ୍ଧୁ ନିଜ ବିଦ୍ୟାବଳରେ ହାଡ଼ଗୁଡ଼ିକୁ ଏକାଠିକରି ସଜେଇ ଦେଲା, ଦ୍ୱିତୀୟ ବନ୍ଧୁଟି ନିଜ ବିଦ୍ୟାବଳରେ ସେଥିରେ ରକ୍ତମାଂସ ଭରିଦେଲା ଏବଂ ତୃତୀୟ ବନ୍ଧୁଟି ତାକୁ ଜୀବନ୍ୟାସ ଦେବାକୁ ଉଦ୍ୟତ ହେବା ବେଳେ ଅପାଠୁଆ ବନ୍ଧୁଟି ତା'କୁ ସେଥିରୁ ବିରତ ହେବାକୁ ଅନୁରୋଧ କଲା । ଅପାଠୁଆ ବନ୍ଧୁର କହିବା କଥା ସିଂହଟି ଜୀବନ୍ୟାସ ପାଇଲେ ପ୍ରଥମେ ଆମକୁ ହିଁ ଭକ୍ଷଣ କରିବ । କାରଣ ସେ ଅନେକ ଦିନ ହେଲା ଭୋକିଲା ଅଛି । ତା' କଥାକୁ ଅନ୍ୟ ତିନିବନ୍ଧୁ ଉପହାସ କରି ନିଜ କାମରେ ଲାଗିଗଲେ । ବିଚରା ଅପାଠୁଆ ବନ୍ଧୁଟି ସେଠାରୁ ନିରାପଦ ଦୂରତାକୁ ଯାଇ ଏକ ବୃକ୍ଷ ଉପରେ ବସିଲା । ସତକୁ ସତ ସିଂହଟି ଜୀବନ୍ୟାସ ପାଇ ତିନିବନ୍ଧୁଙ୍କୁ ମାରିଦେଲା । ଏକଥା ଦେଖି ଅପାଠୁଆ ବନ୍ଧୁଟି କାନ୍ଦିକାନ୍ଦି ଘରକୁ ଫେରିଲା ।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଶିକ୍ଷିତମାନେ ସବୁବେଳେ ବୁଦ୍ଧିମାନ ନୁହନ୍ତି କିମ୍ବା ଅପାଠୁଆ ବୁଦ୍ଧିହୀନ ନୁହନ୍ତି । ବେଳେବେଳେ ଅପାଠୁଆଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ସମସ୍ୟା ସମାଧାନର ପଥ ଉନ୍ମୁକ୍ତ କରିଥାଏ । ବିଶିଷ୍ଟ ପ୍ରାବନ୍ଧିକ ସି.ଇ.ଏମ୍. ଜୋଡ୍ ତାଙ୍କ ପ୍ରବନ୍ଧ 'ଏ ଡାଇଲଗ୍ ଅନ ସିଭିଲାଇଜେସନ'ରେ କହନ୍ତି ଯେ କୌଣସି ଦ୍ରବ୍ୟର ବ୍ୟବହାରକାରୀ ବାସ୍ତବରେ ସଭ୍ୟ ନୁହନ୍ତି । ସେ ହିଁ ସଭ୍ୟପଦବାଚ୍ୟ ଯେ ଦ୍ରବ୍ୟ ତିଆରି କରେ । ଉଦାହରଣ ସ୍ୱରୂପ ଜୋତା ପିନ୍ଧିବା ଲୋକ ସଭ୍ୟ ନୁହେଁ ; ମାତ୍ର ଜୋତା ତିଆରି କରିବା ହିଁ ବାସ୍ତବ ସଭ୍ୟତା । ତାଜମହଲ ନିର୍ମାଣରେ ଶାହାଜାହାନଙ୍କ ଅପେକ୍ଷା ଶିଳ୍ପୀକୁଳର ଗରିମାକୁ ଶ୍ରେୟ ଦିଆଯିବା ଆବଶ୍ୟକ । କୌଣସି ସ୍ଥାପତ୍ୟର କଳାକୁଶଳତାର ଶ୍ରେୟ ଶିଳ୍ପୀକୁଳର ପ୍ରାପ୍ୟ । ଶିଳ୍ପୀକୁଳ ଅପାଠୁଆ ହୋଇପାରନ୍ତି; ମାତ୍ର ବୁଦ୍ଧିହୀନ ନୁହନ୍ତି ।

ସରକାରଙ୍କ ଅନେକ ଯୋଜନା ବିଫଳ ହୁଏ । ସେହି ବିଫଳତାକୁ ସମାଲୋଚନା କରୁଥିବା ବ୍ୟକ୍ତିକୁ ଆକ୍ଷେପ କରିବା ଠିକ୍ ନୁହେଁ । ପୂର୍ବରୁ ଅନେକ ସରକାର ତାଙ୍କ ସମାଲୋଚକମାନଙ୍କୁ ନାନା ଭାବରେ ଦଣ୍ଡିତ କରିଥିବାର ଦୃଷ୍ଟାନ୍ତ ରହିଛି । ଶିକ୍ଷିତମାନେ ଦେଶଦ୍ରୋହୀ - ଏହା କହିବା ମୂଳରେ ଭୟ ରହୁଛି ଯେ ଶିକ୍ଷିତମାନେ ସବୁକଥାରେ ସରକାରଙ୍କୁ ସମର୍ଥନ କରୁନାହାନ୍ତି । ଅବଶ୍ୟ ଯେଉଁମାନେ ଦେଶର ନାଗରିକ ହୋଇ ଦେଶର ଅନିଷ୍ଟ କରିବାକୁ ଚିନ୍ତା କରୁଛନ୍ତି, ସେହି ତତ୍ତ୍ୱମାନଙ୍କୁ ଗୁଇନ୍ଦାବିଭାଗ ଦ୍ୱାରା ଧରାଯାଇ ଦଣ୍ଡିତ କରିବାର ଆବଶ୍ୟକତା ଅଛି । ତା' ନ କରି ଶିକ୍ଷିତମାନଙ୍କୁ ସାମଗ୍ରିକ ଭାବେ ଦେଶଦ୍ରୋହୀ କହିବା ଅଶୋଭନୀୟ ।

ସରକାର ସବୁବେଳେ ସ୍ୱଚ୍ଛ ହେବା ଦରକାର । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ କହିଥିଲେ ଯେ ଲୋକଙ୍କୁ ମାଗଣାରେ ଅର୍ଥ, ଖାଦ୍ୟଶସ୍ୟ କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ଯୋଗାଣ ଦେଶର ବିକାଶ ପରିପନ୍ଥୀ । ଏବେ ଆମେ ଦେଖୁଛେ ସରକାରମାନେ ମାଗଣାରେ ସବୁକିଛି ଦାନ କରୁଛନ୍ତି । ମାଗଣା ଖାଦ୍ୟ ଶସ୍ୟ, ବାର୍ଦ୍ଧକ୍ୟ ଭତ୍ତା, ମହିଳାଙ୍କୁ ନଗଦ ଅର୍ଥ ଯୋଜନା ଦେଶ ପ୍ରଗତିର ବାଧକ । ଅବଶ୍ୟ ଅତିବୃଦ୍ଧ, ଅସହାୟ, ଭୂମିହୀନମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଗୋଟିଏ କଲ୍ୟାଣକାରୀ ରାଷ୍ଟ୍ରର ପ୍ରାଥମିକତା ହେବା ଉଚିତ । କିନ୍ତୁ ନିର୍ବାଚନକୁ ଦୃଷ୍ଟିରେ ରଖି ଅର୍ଥ ଓ ଉପହାର ପ୍ରଦାନ ନିନ୍ଦନୀୟ । ବିହାର ନିର୍ବାଚନ ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୬ ତାରିଖରେ ସେ ରାଜ୍ୟର ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦଶହଜାର ଟଙ୍କାର ସହାୟତା ରାଶି ଦିଆଗଲା । ଏହା କ'ଣ ଦେଶହିତକର କାର୍ଯ୍ୟର ନମୁନା? ବାସହୀନକୁ ବାସଗୃହ, ବୁଭୁକ୍ଷୁକୁ ଅନ୍ନଦାନ, ଏସବୁ ଯେକୌଣସି ସରକାରର ଉତ୍ତମ କାର୍ଯ୍ୟାବଳୀର ଅଂଶବିଶେଷ । ଏହାକୁ ସମାଲୋଚନା କରିବାର କ୍ଷମତା କାହାର ନାହିଁ । କିନ୍ତୁ ଭୋଟବେଳେ ଅର୍ଥଦାନର ଦୁରଭିସନ୍ଧି ଥାଏ ଯେ ବିପୁଳ ଭୋଟ ପାଇ ଜୟଯୁକ୍ତ ହେବା । ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଭୁଲ ଯେ କେହି କରିପାରେ । ଏହା ବୁଝିବା ଦରକାର ।

ସିଦ୍ଧଳ (ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦

## ସୃଜନଶୀଳତାର ଯୁଗଳବନ୍ଦୀ

ବିଜୟାନନ୍ଦ ଶତପଥୀ

ହିନ୍ଦୀ ସାହିତ୍ୟରେ ଏମିତି ଏକ ଦୋହା ରହିଛି, ଯାହା ଦୁଇ ମହାକବିଙ୍କ ମଧ୍ୟରେ ମାନସିକ ସହ-ସୃଜନଶୀଳତାର ଯୁଗଳବନ୍ଦୀ ସର୍ଜନା କରିଥିଲା । ଏହାର ପ୍ରାମାଣିକତା କେତେଦୂର ସତ୍ୟ ତାହା ନିଶ୍ଚିତ ନୁହେଁ, କିନ୍ତୁ ସେହି ମାର୍ମିକ ରଚନାର ପୁନଃ ମନନ ନିମନ୍ତେ ଏହି ସନ୍ଦର୍ଭଟି ଉପସ୍ଥାପିତ ହୋଇଛି । ଏହି ଦୋହାର ସୃଷ୍ଟି ପଛରେ ଏକ ଅତ୍ୟନ୍ତ ସୁନ୍ଦର ଓ ଅଦ୍ଭୁତ ପ୍ରସଙ୍ଗ ଲୁଚିରହିଛି, ଯାହା ଆକବରଙ୍କ ଭଳି ଜଣେ ମୋଗଲ ବାଦଶାହାଙ୍କ ହିନ୍ଦୁ ସନ୍ଥଙ୍କ ପ୍ରତି ରହିଥିବା ଶ୍ରଦ୍ଧା, ଉଦାରତା, ଅନ୍ୟ ଧର୍ମ ପ୍ରତି ସମ୍ମାନର ପ୍ରମାଣ ଦିଏ । ଏହି ପ୍ରସଙ୍ଗ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ମାନସିକ, ବୌଦ୍ଧିକ ଓ ଆତ୍ମିକ ସହସମ୍ବନ୍ଧକୁ ଦୃଢ଼କରେ । ତତସହିତ ସାହିତ୍ୟପ୍ରେମୀଙ୍କ ରୋମାବଳିରେ ଅପୂର୍ବ ପୁଲକ ସୃଷ୍ଟି କରେ । ଏହି ପ୍ରସଙ୍ଗ ଏହା ମଧ୍ୟ ସାବ୍ୟସ୍ତ କରେ ଯେ, ସାହିତ୍ୟ ହେଉଛି ମଣିଷ ସହ ମଣିଷକୁ ଯୋଡ଼ିବାର ଏକ ମାଧ୍ୟମ ଏବଂ ପୂର୍ବକାଳରେ କିପରି ଜାତି-ଧର୍ମ-ବର୍ଣ୍ଣ ନିର୍ବିଚାରରେ ସାହିତ୍ୟ ମେଧାବୀମାନଙ୍କ ମଧ୍ୟରେ ମାଧୁର୍ଯ୍ୟପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ ହୋଇପାରିଥିଲା ।

ପଞ୍ଚଦଶ ଶତକର ଉତ୍ତରାର୍ଦ୍ଧ ଓ ଷୋଡ଼ଶ ଶତକର ପ୍ରଥମାର୍ଦ୍ଧରେ ଜନବସତିରୁ ଦୂରରେ ଚିତ୍ରକୂଟରେ ନିସଙ୍ଗବାସରେ ଥିଲେ ଗୋସ୍ୱାମୀ ତୁଳସୀ ଦାସ । ଇଷ୍ଟ ଶ୍ରୀରାମଙ୍କ ଗାଥା ବର୍ଣ୍ଣନା କରି ସେ ସମୟରେ ସେ 'ଶ୍ରୀରାମଚରିତ ମାନସ' ରଚନା କରୁଥା'ନ୍ତି । ଗ୍ରନ୍ଥର ନିର୍ବିଘ୍ନ ପରିସମାପ୍ତି ନିମନ୍ତେ ସେ ନିଜର ଅବସ୍ଥାନ ଅତ୍ୟନ୍ତ ଗୋପନ ରଖିଥିଲେ । କିନ୍ତୁ ସତ୍‌କର୍ମର ସୁଗନ୍ଧ କେବେ ଲୁଚି ରହିପାରେ ନାହିଁ । 'ଶ୍ରୀରାମଚରିତ ମାନସ' ଗ୍ରନ୍ଥର ପ୍ରଶସ୍ତି ଶୁଣି ପ୍ରତିଭା ଓ ଯୋଗ୍ୟତାର ମୂଲ୍ୟ ବୁଝୁଥିବା ଆକବର ଗୋସ୍ୱାମୀ ତୁଳସୀ ଦାସଙ୍କୁ ଭେଟିବାକୁ ଅତ୍ୟନ୍ତ ବ୍ୟଗ୍ର ହୋଇ ଉଠିଲେ । କିନ୍ତୁ ତୁଳସୀ ଦାସଙ୍କୁ ବାଦ୍‌ଶାହାଙ୍କ ଗୁପ୍ତଚରମାନେ ମଧ୍ୟ ସନ୍ଧାନ କରିପାରୁ ନଥିଲେ ।

ଆକବରଙ୍କ ମନ୍ତ୍ରୀ ବୈରାମ ଖାଁଙ୍କର ପୁତ୍ର ରହିମ୍ ସେ ସମୟର ଜଣେ ଉଚ୍ଚକୋଟୀର ହିନ୍ଦୀ ସାହିତ୍ୟିକ ଥିଲେ । ରହିମ୍‌ଙ୍କ ରଚିତ ଦୋହା ଏବଂ ତାଙ୍କ କାବ୍ୟପ୍ରତିଭା ସମ୍ପର୍କରେ ଆକବର ସଚେତନ ଥିଲେ । ବାଦ୍‌ଶାହାଙ୍କର ମନକୁ ଆସିଲା, ଗୋସ୍ୱାମୀ ତୁଳସୀ ଦାସଙ୍କୁ ରହିମ୍ ହିଁ ଠାବ କରିବାରେ ସମର୍ଥ ହେବେ । ତେଣୁ ଆକବର ଏହି ଦାୟିତ୍ୱ ରହିମଙ୍କୁ ଦେଲେ । ସଂଯୋଗବଶତଃ ସେ ସମୟରେ ବାଦଶାହ ହାତୀପିଠିରେ ବସି ଭ୍ରମଣ କରୁଥିଲେ । ମଝିରେ ମଝିରେ ହାତୀଟି ଥୋରପାହାରରେ ଭୂମିରୁ ଧୂଳି ନେଇ ନିଜ ମଥା ଉପରେ ଢାଳୁଥିଲା । ତାହାକୁ ଲକ୍ଷ୍ୟକରି ରହିମଙ୍କ ମନରେ ଏକ ପ୍ରଶ୍ନମୂଳକ ପଂକ୍ତି ଉଦ୍ରେକ ହେଲା । ସେହି ଆଧାରରେ ସେ ଏକଧାଡ଼ି ବିଶିଷ୍ଟ ଏକ ଦୋହା ରଚନା କରି ଘୋଷଣା କଲେ ଯେ 'ଦୋହାର ଅପର ଧାଡ଼ି ଯେଉଁ ବିଦ୍ୱାନ ପୂରଣ କରିବେ ତାଙ୍କୁ ଏକଶତ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ମିଳିବ । ରହିମ୍ ରଚନା କରିଥିବା ଦୋହାର ପ୍ରଥମ ଧାଡ଼ିଟି ଥିଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ରହିମଙ୍କ ପୂର୍ଣ୍ଣ ବିଶ୍ୱାସ ଥିଲା ଯେ କେବଳ ସନ୍ଥ ତୁଳସୀ ହିଁ ତାଙ୍କ ମନବୋଧ ହେବା ଭଳି ଦ୍ୱିତୀୟ ଧାଡ଼ିଟି ରଚନା କରିପାରିବେ ।

ଏହି ପ୍ରତିଯୋଗିତାର ଖବର ସାରା ଦେଶରେ ପ୍ରଚାରିତ ହୋଇଗଲା । ଅନେକ ବିଦ୍ୱାନ ଆସି ଏହି ପ୍ରଶ୍ନୋତ୍ତର ସମ୍ବଳିତ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ, ମାତ୍ର କେହି ରହିମଙ୍କୁ ସନ୍ତୋଷ କରିପାରିଲେ ନାହିଁ । ଚିତ୍ରକୂଟରେ ଏକ ଗରିବ ବ୍ରାହ୍ମଣ ପରିବାର ବାସ କରୁଥିଲେ । ସେ କାଠ ହାଣି ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କର ଦୁଇଟି କନ୍ୟା ବିବାହଯୋଗ୍ୟା ହୋଇଥିଲେ ମଧ୍ୟ ଅର୍ଥାଭାବରୁ ବିବାହ ସମ୍ପନ୍ନ କରି ପାରୁ ନଥିଲେ । ଦିନେ ବ୍ରାହ୍ମଣ ଜଣକ ମହାତ୍ମା ତୁଳସୀ ଦାସଙ୍କୁ ଆଶ୍ରମରେ ଭେଟି ରହିମ୍‌ଙ୍କ ଦୋହା ଓ ପୁରସ୍କାର ବିଷୟରେ ଜଣାଇ ତାଙ୍କର ସାହାଯ୍ୟ ଭିକ୍ଷା କଲେ । ଦ୍ୱିତୀୟ ଧାଡ଼ିଟି ଲେଖିଦେଲେ ତାହାକୁ ରାଜ ଦରବାରରେ ଉପସ୍ଥାପନ କରି ଏକଶତ ସ୍ୱର୍ଣ୍ଣମୁଦ୍ରା ପାଇପାରିବେ ଏବଂ ସେଥିରେ ତାଙ୍କର କନ୍ୟାମାନଙ୍କର ବିବାହ ସମ୍ପନ୍ନ ହୋଇପାରିବ ବୋଲି ବ୍ରାହ୍ମଣ ମହାତ୍ମା ତୁଳସୀ ଦାସଙ୍କୁ ଅନୁରୋଧ କଲେ । କିନ୍ତୁ ଏହି ପ୍ରତିଯୋଗିତା ପଛରେ କିଛି ଚାଲ ରହିଥିବା ଅନୁମାନ କରି ସନ୍ଥ ତୁଳସୀ ଦାସ କହିଲେ, 'ହେ ବ୍ରାହ୍ମଣ ଦେବତା! ତୁମେ ଯଦି ନିଜେ ଏହି ସମାଧାନ ସୂଚକ ଦୋହାଟି ଲେଖିଛ ବୋଲି କହିବ ତେବେ ଏହା ମୁଁ ତୁମ ପାଇଁ ରଚନା କରିଦେବି ।' ବ୍ରାହ୍ମଣ ଏହି କଥାରେ ରାଜି ହେଲେ ଏବଂ ସନ୍ଥ ବ୍ରାହ୍ମଣଙ୍କ ପାଇଁ ପର ପଦ ଦୋହା ଲେଖିଦେଲେ । ପର ପଦ ଦୋହାଟି ଏମିତି ଥିଲା - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ ।' ଏବେ ସଂପୂର୍ଣ୍ଣ ଦୋହାଟି ଏମିତି ହେଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ? ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ ।'

ବହୁକଷ୍ଟରେ ସେ ଗରିବ ବ୍ରାହ୍ମଣ ବାଦଶାହ ଆକବରଙ୍କ ରାଜସଭାରେ ଦୋହାଟି ସ୍ପଷ୍ଟ ଉପସ୍ଥାପନ କଲେ । ଏହି ପଦଟି ଶୁଣିବା ପରେ ରହିମ ଆନନ୍ଦରେ ଅଧୀର ହୋଇ ଉଠିଲେ । କିନ୍ତୁ ତାଙ୍କ ମନରେ ସନ୍ଦେହ ହେଲା । ରହିମ୍ ଯେତେବେଳେ ବ୍ରାହ୍ମଣଙ୍କୁ ଦଣ୍ଡ ଦେବାର ଭୟ ଦେଖାଇଲେ ସେ ଏହା ସନ୍ଥ ତୁଳସୀ ଦାସଙ୍କ ରଚନା ବୋଲି କହିଲେ । ବ୍ରାହ୍ମଣଙ୍କୁ ଯଥେଷ୍ଟ ଧନ ସମ୍ପଦ ପୁରସ୍କାର ଦିଆଯିବା ପରେ ସେ ବାଦଶାହ ଆକବରଙ୍କ ସହ ସନ୍ଥ ତୁଳସୀ ଦାସଙ୍କର ସାକ୍ଷାତ କରାଇଦେଲେ । ଉଭୟ ରହିମ ଓ ଆକବର ସନ୍ଥ ତୁଳସୀଙ୍କ ଦର୍ଶନ କରି ଖୁସି ହେଲେ, ସେ ତୁଳସୀଙ୍କ ଗ୍ରନ୍ଥ ରଚନାରେ କେହି ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ବୋଲି ଆଶ୍ୱାସନା ଦେଲେ ।

ଏବେ ଏହି ଦୋହାର ଅର୍ଥ ଜାଣିବା । 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ଏହି ଦୋହାରେ ରହିମ କହୁଛନ୍ତି, 'କେଉଁ କାରଣରୁ ଏ ହାତୀ ନିଜ ମସ୍ତକରେ ଧୂଳି ଢାଳୁଛି?' ଦ୍ୱିତୀୟ ଧାଡ଼ି - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ' ରେ ସନ୍ଥ ତୁଳସୀ ଉତ୍ତର ଦେଉଛନ୍ତି, 'ଯେଉଁ ଧୂଳି ସ୍ପର୍ଶରେ ଗୌତମ ମୁନିଙ୍କ ନାରୀ ପଥର ରୂପରୁ ସ୍ୱରୂପ ପ୍ରାପ୍ତ ହୋଇଥିଲେ ସେହି ଧୂଳି ଏହି ଧୂଳି କି ନୁହେଁ ସେ କଥା ପରୀକ୍ଷା କରିବା ପାଇଁ ଗଜ ନିଜ ମଥାରେ ଏ ଧୂଳି ଢାଳୁଛି ।' ଗୋଟିଏ ପଦରେ ରହିମଙ୍କ ପ୍ରଶ୍ନ ଓ ଅପର ପଦରେ ସନ୍ଥ ତୁଳସୀଙ୍କ ସମାଧାନ ଏକ ପାରସ୍ପରିକ ସାରସ୍ୱତ ଯୁଗଳବନ୍ଦୀ ସୃଜନ ଥିଲା, ଯାହା ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନକୁ ପ୍ରଦର୍ଶିତ କରୁଥିଲା ।

(ଦର୍ଶନାଧ୍ୟାପକ,
ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ, କୁରାଳ)

## ବେଙ୍ଗ ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ବେଦ ଉପନିଷଦରୁ ଆରମ୍ଭ କରି ବିଭିନ୍ନ ସଭ୍ୟତା ପର୍ଯ୍ୟନ୍ତ ମଣ୍ଡୁକ ବା ବେଙ୍ଗ ସମ୍ପର୍କିତ ଅନେକ ବର୍ଣ୍ଣନା ରହିଛି । ଅନେକ ଦେଶର ସଂସ୍କୃତି ଓ ପରମ୍ପରାରେ ମଧ୍ୟ ବେଙ୍ଗ ପୂଜନର ବିଧି ପ୍ରଚଳିତ । ଫେଙ୍ଗସୁଇ ତତ୍ତ୍ୱରେ ଆର୍ଥିକ ଉନ୍ନତି ପାଇଁ ବେଙ୍ଗକୁ ବହୁତ ପ୍ରାଧାନ୍ୟ ଦିଆଯାଇଛି । ଭାରତରେ ମଧ୍ୟ ବିଭିନ୍ନ କାର୍ଯ୍ୟର ସିଦ୍ଧି ପାଇଁ ବେଙ୍ଗକୁ ପୂଜାର୍ଚ୍ଚନା କରାଯିବା ସହ ବେଙ୍ଗ ପାଇଁ ସମର୍ପିତ ଗୋଟିଏ ମନ୍ଦିର ମଧ୍ୟ ଅଛି ।

ଉତ୍ତର ପ୍ରଦେଶର ଲଖିମ୍‌ପୁର ଖିରି ଜିଲ୍ଲାସ୍ଥିତ ଓୟଲ୍ ଅଞ୍ଚଳରେ ବେଙ୍ଗ ପାଇଁ ସମର୍ପିତ ଏହି ବିଶେଷ ମନ୍ଦିର ଅଛି । ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏହା ଗୋଟିଏ ବିଶାଳ ପଥର ବେଙ୍ଗର ପିଠି ଉପରେ ଅବସ୍ଥିତ । ବେଙ୍ଗର ମୁଖ ଉତ୍ତର ଦିଗକୁ ରହିଥିବା ବେଳେ ପଛଭାଗ ଦକ୍ଷିଣ ଦିଗକୁ ଅଛି । ଦୁଇଟି ଗୋଡ଼ ପୂର୍ବଦିଗକୁ ଏବଂ ଅନ୍ୟ ଦୁଇଟି ଗୋଡ଼ ପଶ୍ଚିମ ଦିଗକୁ ରହିଛି । ବେଙ୍ଗର ପିଠି ଉପରେ ସୁଉଚ୍ଚ ଅଷ୍ଟକୋଣୀୟ ପିଣ୍ଡି ନିର୍ମାଣ କରାଯାଇଛି, ଯାହାକି ଦେଖିବାକୁ ଶ୍ରୀଯନ୍ତ୍ର ଭଳି । ଗର୍ଭ ଗୃହକୁ ଯିବା ପାଇଁ ସିଡ଼ି ନିର୍ମାଣ ହୋଇଛି । ଗର୍ଭଗୃହରେ ଧଳା ମାର୍ବଲ୍ ପଥରରେ ପ୍ରାୟ ୩ଫୁଟ ଉଚ୍ଚ ଶକ୍ତିସ୍ଥଳ ନିର୍ମାଣ କରାଯାଇଛି, ଯାହା ଉପରେ ଶିବଲିଙ୍ଗ ବିରାଜମାନ ଅଛନ୍ତି । ଉକ୍ତ ଶକ୍ତିସ୍ଥଳରେ ସହସ୍ରଦଳ ପଦ୍ମଫୁଲର ଆକୃତି ଦେଖିବାକୁ ମିଳିଥାଏ । ଗର୍ଭଗୃହର ଦ୍ୱାର ପୂର୍ବ ଦିଗକୁ ରହିଥିବା ବେଳେ ଗର୍ଭଗୃହ ବାହାରେ ପରିକ୍ରମା ମାର୍ଗ ଅଛି । ଶିବଲିଙ୍ଗ ଉପରେ ଅର୍ପିତ ଦୁଗ୍ଧ ଓ ଜଳ ଭୂତଳ ନାଳ ପଟେ ଆସି ବେଙ୍ଗର ମୁହଁରୁ ବାହାରିଥାଏ, ଯାହାକୁ ଭକ୍ତମାନେ ଶିବ ପାଦୁକା ଭାବେ ଗ୍ରହଣ କରିଥା'ନ୍ତି ।

ଏହା ବିଶ୍ୱର ଏକମାତ୍ର ମନ୍ଦିର, ଯେଉଁଠି ମହାଦେବ ବେଙ୍ଗପୃଷ୍ଠରେ ବିରାଜମାନ କରିଛନ୍ତି । ଏହି ମନ୍ଦିରକୁ ଓୟଲ୍‌ର ରାଜା ବଖ୍‌ସ ସିଂ ପ୍ରାକୃତିକ ବିପର୍ଯ୍ୟୟରୁ ରାଜ୍ୟ ଓ ପ୍ରଜାଙ୍କ ସୁରକ୍ଷା ପାଇଁ ନିର୍ମାଣ କରିଥିଲେ । ବିଶ୍ୱାସ ରହିଛି ଯେ, ଏହି ମନ୍ଦିରରେ ପୂଜାର୍ଚ୍ଚନା କଲେ ପ୍ରାକୃତିକ ବିପର୍ଯ୍ୟୟର ବିପଦ ରହେ ନାହିଁ । ଓୟଲ୍ ରାଜବଂଶ ଶୈବ ଉପାସକ ଥିବାରୁ ମନ୍ଦିର ଭିତରେ ପୂଜା ପାଉଥିବା ଶିବଲିଙ୍ଗ ମଣ୍ଡୁକଯନ୍ତ୍ର ଉପରେ ଉପବିଷ୍ଟ ଅଛନ୍ତି । କୁହାଯାଏ ଯେ, ଏହି ମନ୍ଦିରର ବାସ୍ତୁ ପରିକଳ୍ପନା କପିଳା ନାମକ ଜଣେ ମହାନ ତାନ୍ତ୍ରିକଙ୍କ ଦ୍ୱାରା କରାଯାଇଥିଲା । ତେଣୁ ମାଣ୍ଡୁକ୍ୟ ତନ୍ତ୍ର ଦ୍ୱାରା ମନ୍ଦିରର ନିର୍ମାଣ ଶୈଳୀ ଯୋଗୁଁ ଭକ୍ତ ଆକର୍ଷିତ ହୋଇ ଆସିଥା'ନ୍ତି । ସାଧାରଣ ଦିନ ଅପେକ୍ଷା ଦୀପାବଳି ଏବଂ ଶିବରାତ୍ରି ଦିନ ଏହି ମନ୍ଦିରରେ ଅଧିକ ଜନଗହଳି ଦେଖାଯାଏ । ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏହି ଶିବଲିଙ୍ଗର ରଙ୍ଗ ଗୋଟିଏ ଦିନରେ ଦୁଇଥର ପରିବର୍ତ୍ତନ ହୋଇଥାଏ । ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ଅନ୍ୟ ଶୈବପୀଠରେ ନନ୍ଦୀ ବସିଥିବା ଅବସ୍ଥାରେ ଦେଖିବାକୁ ମିଳୁଥିବା ବେଳେ ଏଠାରେ ଥିବା ନନ୍ଦୀଙ୍କ ମୂର୍ତ୍ତି ଦଣ୍ଡାୟମାନ ସ୍ୱରୂପରେ ନିର୍ମାଣ କରାଯାଇଛି । ତନ୍ତ୍ର ଅନୁସାରେ ବେଙ୍ଗ ହେଉଛି ସମୃଦ୍ଧି, ସୌଭାଗ୍ୟ, ପ୍ରଜନନ ଓ କ୍ଷମତାର ପ୍ରତୀକ । ତେଣୁ ଏହି ବେଙ୍ଗ ମନ୍ଦିର ଓୟଲ୍ ରାଜବଂଶର ପୂଜାର୍ଚ୍ଚନାର କେନ୍ଦ୍ରସ୍ଥଳୀ ଥିଲା । ବର୍ତ୍ତମାନ ଏହି ମନ୍ଦିରକୁ ଉତ୍ତର ପ୍ରଦେଶର ନର୍ମଦେଶ୍ୱର ମନ୍ଦିର ବୋଲି କୁହାଯାଉଛି ।

ବର୍ତ୍ତମାନ ସମୟରେ ଭକ୍ତମାନେ ଆର୍ଥିକ କଷ୍ଟ ଦୂର, ଋଣମୁକ୍ତ ହେବା ଓ ନୂତନ ବ୍ୟବସାୟରେ ଆର୍ଥିକ ଉନ୍ନତି କାମନା କରି ଏହି ମନ୍ଦିରକୁ ଆସି ମହାଦେବ ଏବଂ ବେଙ୍ଗକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି । ବିଶ୍ୱାସ ରହିଛି ଯେ, ନିଷ୍ଠାର ସହିତ ପୂଜାର୍ଚ୍ଚନା ପରେ ଖୁବ୍ ଅଳ୍ପଦିନରେ ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଯାଏ । ମହାଦେବଙ୍କ ସହିତ ବେଙ୍ଗ ପୂଜା କଲେ ଅନ୍ୟାନ୍ୟ ମନସ୍କାମନା ମଧ୍ୟ ଅବିଳମ୍ବେ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକମାନଙ୍କ ଅନୁଭବରୁ ଜାଣିବାକୁ ମିଳେ । (କ୍ରମଶଃ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପରଲୋକ

ଡେରାବିଶ/ପଞ୍ଚୁପାଣ୍ଡବ, ୧୫।୧(ସମିସ): ବରୀ-ଡେରାବିଶର ପୂର୍ବତନ ବିଧାୟକ କୁଳମଣି ରାଉତ (୭୮)ଙ୍କ ଆଜି ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ। ତାଙ୍କ ପରଲୋକରେ ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ବ୍ଲକ ଅଧୀନସ୍ଥ ଚାନ୍ଦୋଳ ଫାଣ୍ଡି ଛକରେ ଅପେକ୍ଷାରତ ଜନସାଧାରଣ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଭିଡ଼ ଜମାଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତକୁ ନିଆଯାଇ ରାତିରେ ବ୍ଲକ୍ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ଶଙ୍କରପୁରସ୍ଥ ତାଙ୍କ ବାସ ଭବନରେ ପହଞ୍ଚିଥିଲା ଓ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



ସ୍ୱର୍ଗତ ରାଉତ କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ବନ୍ଧୁ ବତ୍ସଳ, ପରୋପକାରୀ, ଅମାୟିକ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ତତ୍କାଳୀନ ବରୀ-ଡେରାବିଶ ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୁଖୀ କାର୍ଯ୍ୟ କରିଥିଲେ। ଆଜି ତାଙ୍କ ବିୟୋଗ ଖବର ପାଇ ବରିଷ୍ଠ ବିଜେଡି ନେତା ରବି ସାମଲ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର ସିଂହ, ରାଜେଶ ପଣ୍ଡା, ଡେରାବିଶ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ଶରତ କର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସୁନା ବ୍ୟବସାୟୀଙ୍କୁ ଆୟକର ବିଭାଗର ଜେରା

କଟକ,୧୫।୧(ସମିସ): କଟକ ସୁନା ବଜାରରେ ଆୟକର ବିଭାଗର ବଡ଼ଧରଣର ଚଢ଼ଉ କରିଛି। ଗତକାଲି ପୁରୀଘାଟ ଥାନା ସମ୍ମୁଖସ୍ଥ ଚେକିଂରେ ୪୦ ଲକ୍ଷ ଟଙ୍କା ଜବତ ମାମଲାରେ ସୁନା ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ପୁରୀଘାଟ ଥାନା ପରିସରରେ ଆୟକର ବିଭାଗର ଏକ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍ କୋଲକାତାର ବ୍ୟବସାୟୀ ମିଲନ ଆଦିକଙ୍କୁ ଦୀର୍ଘ ସମୟ ଧରି ଜେରା କରିଛନ୍ତି। ଏହି ଘଟଣାରେ କଟକର ବିଭାଗକୁ ଖବର ଦେଇଥିଲା। ଏହି ମାମଲାରେ ସବୁଠାରୁ ରହସ୍ୟଜନକ ଦିଗ ହେଉଛି ବ୍ୟବସାୟୀ ତାରକନାଥ ସାହାଙ୍କ ଆଭିମୁଖ୍ୟ। ଆୟକର ବିଭାଗ ପକ୍ଷରୁ ତାଙ୍କୁ ହାଜର ହେବା ପାଇଁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ହେଁ, ସେ ଏପର୍ଯ୍ୟନ୍ତ ତଦନ୍ତରେ ସହଯୋଗ କରିନାହାନ୍ତି କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦେଖା ଦେଇନାହାନ୍ତି। ଏହି ନିରବତା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସେ କ'ଣ ନିଜର ବେଆଇନ କାରବାର ଧରାପଡ଼ିବା ଭୟରେ

### ୪୦ ଲକ୍ଷ ଜବତ ମାମଲା: ଅଭିଯୁକ୍ତକୁ ହସ୍ତାନ୍ତର କଲା ପୁରୀଘାଟ ଥାନା ପୁଲିସ




ତାରକନାଥ ସାହାଙ୍କୁ ପୁଲିସ କିମ୍ବା ଆୟକର ବିଭାଗ ଧରି ପାରିନାହିଁ।

ସୂଚନା ମୁତାବକ, ମିଲନ ଆଦିକ କୋଲକାତାରୁ ସୁନା ଆଣି କଟକର ପ୍ରତିଷ୍ଠିତ ବ୍ୟବସାୟୀ ତାରକନାଥ ସାହାଙ୍କୁ ହସ୍ତାନ୍ତର କରିଥିଲେ। ଏହାର ପ୍ରତିବଦଳରେ ସେ ୪୦ ଲକ୍ଷ ଟଙ୍କାର ନଗଦ ଅର୍ଥ ନେଇ ଫେରୁଥିବା ବେଳେ ପୁରୀଘାଟ ପୁଲିସର ନିୟମିତ ଯାଞ୍ଚ ସମୟରେ ଧରାପଡ଼ିଥିଲେ। ପୁଲିସ ଯେତେବେଳେ ଏତେ ପରିମାଣର ଅର୍ଥ ପାଇଁ ବୈଧ କାଗଜପତ୍ର ମାଗିଥିଲା, ମିଲନ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଫଳରେ ପୁଲିସ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖି ଆୟକର ଲୁଚିଛନ୍ତି କି? କୋଲକାତାରୁ କଟକକୁ ହେଉଥିବା ଏହି ସୁନା ପରିବହନ କ'ଣ ବେଆଇନ ଉପାୟରେ ହେଉଛି? ଆୟକର ବିଭାଗ ଏବେ କେବଳ ଏହି ୪୦ ଲକ୍ଷ ଟଙ୍କା ଉପରେ ନୁହେଁ, ବରଂ ତାରକନାଥଙ୍କ ପୁରା ବ୍ୟବସାୟିକ ସାମ୍ରାଜ୍ୟ ଉପରେ ନଜର ରଖିଛି। ଟିକସ ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମିଲନ ଆଦିକଙ୍କ ବୟାନରେ ଥିବା ଅସଙ୍ଗତି ବିଭାଗର ସନ୍ଦେହକୁ ଆହୁରି ଦୃଢ଼ କରିଛି। ଯଦି ସୁନା ବ୍ୟବସାୟୀ ଶୀଘ୍ର ହାଜର ନହୁଅନ୍ତି, ତେବେ ଆଗାମୀ ଦିନରେ ତାଙ୍କ ବାସଭବନ ଓ ପ୍ରତିଷ୍ଠାନ ଉପରେ ଚଢ଼ଉ ହେବାର ସମ୍ଭାବନା ରହିଛି।

■ ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା

## ରାଜ୍ୟ ଗୃହ ବିଭାଗକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୫ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଦାୟର ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ପ୍ରତିପକ୍ଷ ରାଜ୍ୟ ଗୃହ ବିଭାଗ, କେନ୍ଦ୍ରାଞ୍ଚଳ ଆଇଜି, ସୁବର୍ଣ୍ଣପୁର ଏସପିଙ୍କ ସମେତ ଚୟନ ତାଲିକାରେ ସ୍ଥାନିତ ୧୩ ପ୍ରାର୍ଥୀଙ୍କୁ ହାଇକୋର୍ଟ ନୋଟିସ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆକାଶ ସ' ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଦୁଇ ମାମଲାର ଏକତ୍ର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଏହି ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ମାମଲାର ଚୂଡାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଫେବ୍ରୁଆରୀ ୨୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ସୁବର୍ଣ୍ଣପୁର ଜିଲ୍ଲାରେ ୯୨ଟି ଗୃହରକ୍ଷୀ ପଦ ପୂରଣ ପାଇଁ ୨୦୨୫, ମେ ୧୯ ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଣେ ପ୍ରାର୍ଥୀ କେବଳ ଗୋଟିଏ ଥାନାରେ ଖାଲିଥିବା ପଦରେ ନିଯୁକ୍ତି ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ଆବେଦନକାରୀ ସୋନପୁର ଥାନାରେ ଖାଲିଥିବା ୩୦ ପଦ ପାଇଁ ଦରଖାସ୍ତ କରି ଲିଖିତ ପରୀକ୍ଷାରେ ଆବେଦନକାରୀ ଯୋଗ୍ୟତା ଅର୍ଜନ କରିଥିବା ନେଇ ଡିସେମ୍ବର ୩ରେ କର୍ତ୍ତୃପକ୍ଷ ଅବଗତ କରିଥିଲେ। ଆବେଦନକାରୀ ଶାରୀରିକ ପରୀକ୍ଷା ଓ ସାକ୍ଷାତକାର ଦେଇଥିଲେ। ୨୦୨୬, ଜାନୁଆରୀ ୫ରେ ଚୂଡାନ୍ତ ଚୟନ ତାଲିକାରେ ଆବେଦନକାରୀ ସ୍ଥାନ ପାଇ ନଥିଲେ। ସୋନପୁର ଥାନାଞ୍ଚଳ ବାହାରର ୧୩ଜଣ ପ୍ରାର୍ଥୀଙ୍କୁ ଏହି ଥାନାରେ ଖାଲି ଥିବା ପଦ ପାଇଁ ଚୟନ କରାଯାଇଥିବା ଆବେଦନକାରୀ ଅଭିଯୋଗ କରିବା ସହ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସହସ୍ରାଂଶୁ ସୌରଭ ଓ ନିରଞ୍ଜନ ହୋତା ମାମଲା ପରିଚାଳନା କରୁଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIIBBS2025031, ତା.14.08.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ.01)- ତା.27.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.16.02.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-232/CI/25-26


## ଗଛରେ ପିଟିହେଲା ବାଇକ୍; ୨ ଯୁବକ ମୃତ

ଖଲ୍ଲିକୋଟ,୧୫ ।୧(ସମିସ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମୁକୁନ୍ଦପୁର ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜୀବନ ଯାଉଛି। ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହେବାରୁ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା କେଶପୁର ପାଟଣା ସାହିର ଶୁଭମ୍ ସାହୁ ଓ ଅମିତ୍ ସାହୁ।

ଗୁରୁବାର ସନ୍ଧ୍ୟାରେ ଶୁଭମ୍ ଓ ଅମିତ୍ ଏକ ବାଇକ୍‌ରେ ସାନଘାଟି ପଟୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ମୁକୁନ୍ଦପୁର ଛକରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ବାଇକ୍‌ଟି ପିଟି ହୋଇଥିଲା। ଦୁହେଁ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନ ମୁହାଁ...

ଏହାପୂର୍ବରୁ ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ ଦକ୍ଷିଣ ଚୀନ ସାଗରରେ ରୁଟିନ ଅପରେସନ କରୁଥିଲା। ଏହି ଗ୍ରୁପ୍‌ରେ ଏକ ସୁପରକ୍ୟାରିୟର, ୩-୬ ବିଧ୍ୱଂସକ, ୧-୨ ବୁଡ଼ାଜାହାଜ, ୭ରୁ ୮ ହଜାର ସୈନ୍ୟ, ୬୫-୭୦ ବିମାନ (ଏଫ୍-୩୫ଏସ୍, ଏଫ/ଏ-୧୮ ଏସ୍) ସାମିଲ ଥିଲା।

ଇତିମଧ୍ୟରେ ତେହରାନରୁ ମିଳିଥିବା ରିପୋର୍ଟ ଅନୁଯାୟୀ ସେଠାରେ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଛି। ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିକ୍ଷୋଭକାରୀମାନଙ୍କୁ ଦମନ ପାଇଁ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ୫ ହଜାରରୁ ଅଧିକ ଲୋକ ନିହତ ହୋଇଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସମେତ ଅନେକ ଦେଶ ସେମାନଙ୍କ ନାଗରିକମାନଙ୍କୁ ଇରାନରୁ ଫେରାଇ ଆଣିବାରେ ଲାଗିଛନ୍ତି।

### ସୁପ୍ରିମ କୋର୍ଟରେ ବି...

ଦରକାର। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩ରେ ହେବ ବୋଲି ତାରିଖ ଧାର୍ଯ୍ୟ କରାଯାଇଛି। ଇଡି ଚଢ଼ଉ ବେଳର ସିସିଟିଭି ଫୁଟେଜ ସୁରକ୍ଷିତ ରଖିବା ଲାଗି ସୁପ୍ରିମ କୋର୍ଟ ମମତା ବାନାର୍ଜୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ବେଙ୍ଗଲ ପୁଲିସ ଡିଜି ରାଜୀବ କୁମାର, କୋଲକାତା ପୁଲିସ କମିସନର ମନୋଜ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କୁ ସସପେଣ୍ଡ କରିବା ସହିତ ଏହି ମାମଲାର ସିବିଆଇ ଦ୍ୱାରା ତଦନ୍ତ ପାଇଁ ଇଡି ପକ୍ଷରୁ ଯେଉଁ ପିଟିସନ ଦାଖଲ କରାଯାଇଛି, ସେସଂପର୍କରେ କେନ୍ଦ୍ର ସରକାର ଓ ପଶ୍ଚିମ ବଙ୍ଗ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ ଜାନୁଆରୀ ୮ରେ ଇଡି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଆଇଟି ମୁଖ୍ୟ ଓ ରାଜନୈତିକ ପରାମର୍ଶଦାତା ସଂସ୍ଥା (ଆଇ- ପ୍ୟାକ୍)ର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ଘର ଓ କମ୍ପାନୀ ପରିସରରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ପୁଲିସ ଅଧିକାରୀମାନଙ୍କ ସହ ସେଠାରେ ପହଞ୍ଚିଥିଲେ ଓ ପ୍ରମାଣ ସମ୍ପର୍କିତ ଫାଇଲଗୁଡ଼ିକୁ ସେଠାରୁ ନେଇଯାଇଥିଲେ। ଅନ୍ୟପକ୍ଷରେ ମମତା ଅଭିଯୋଗ କରିଥିଲେ ଯେ ଆଇପାକ୍ ଅଫିସରୁ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତି ଫାଇଲ ଚୋରି କରିବା ଉଦ୍ଦେଶ୍ୟରେ ଇଡି ଚଢ଼ଉ କରିଥିଲା। କୋଇଲା ଦୁର୍ନୀତି ମାମଲାରେ ଦୁଇ ବର୍ଷ ତଳେ ଚଢ଼ଉ ନକରି ଇଡି ଏବେ କାହିଁକି ଚଢ଼ଉ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

କୋର୍ଟରେ ସିଲିସିଟିର ଜେନେରାଲ ତୁଷାର ମେହେଟା ଓ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁ ଇଡି ତରଫରୁ ଆଜି ପକ୍ଷ ରଖିଥିଲେ। ସେହିପରି ବରିଷ୍ଠ ଓକିଲ କପିଲ ସିବଲ ପଶ୍ଚିମବଙ୍ଗ ସରକାର ତରଫରୁ ଦଲିଲ ଉପସ୍ଥାପନ କରିଥିଲେ। ପୂର୍ବରୁ ଏହି ମାମଲାରେ ପଶ୍ଚିମବଙ୍ଗ ସରକାର ଦାଏର କରିଥିବା ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଥିଲେ। ଏହି ଚଢ଼ାଉରେ କିଛି ଜବତ କରାଯାଇ ନଥିଲା ବୋଲି ଇଡି କୋର୍ଟରେ ସ୍ପଷ୍ଟ କରିଥିଲା।

### ବିଧାୟକ ସନା ମହାକୁଡ଼...

ମିଶ୍ର କହିଛନ୍ତି ଯେ ଦଳର ନେତା ତଥା ବିଧାୟକଙ୍କ ଗତିବିଧି ନେଇ ସମସ୍ତ ରିପୋର୍ଟ ନବୀନ ପଟ୍ଟନାୟକଙ୍କ ନିକଟରେ ରହିଛି। ଯିଏ ବି ଦଳ ବିରୋଧରେ ଷଡ଼ଯନ୍ତ୍ର କରିବ, ଦଳକୁ ଦୁର୍ବଳ କରିବା ପାଇଁ ପ୍ରୟାସ କରିବ ସେମାନଙ୍କ ବିରୋଧରେ କଠୋରରୁ କଠୋରତମ ନିଷ୍ପତ୍ତି ନେବାରେ କ୍ଷମତା ମଧ୍ୟ ନବୀନଙ୍କ ନିକଟରେ ରହିଛି। ସେ ସବୁକିଛି ଦୃଷ୍ଟିରେ ରଖି ଓ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି। ଉଭୟ ବିଧାୟକ ଦଳକୁ ଦୁର୍ବଳ କରିବାକୁ ପ୍ରୟାସ କରିଥିବା ଦଳର ସଭାପତିଙ୍କ ନିଷ୍ପତ୍ତିରୁ ସ୍ପଷ୍ଟ ବୋଲି ସେ କହିଛନ୍ତି।

ବିଜେଡିର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ସମାନ କଥା ଦୋହରାଇଛନ୍ତି। ଆମେ ଏନେଇ ସଭାପତିଙ୍କ ନିକଟରୁ ଅବଗତ ହୋଇଛୁ। ଉଭୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ସଭାପତି ସେମାନଙ୍କୁ ସୂଚନା ଦେଇଛନ୍ତି ବୋଲି ଶ୍ରୀ ବେହେରା କହିଛନ୍ତି।

### ଲୋକଙ୍କୁ ଭୁଆଁ...

ଟୋଲ୍‌ଗେଟ୍ ଗୁଡ଼ିକରେ ଏସ୍‌ଟିଏ ପକ୍ଷରୁ ଇ-ଡିଟେକ୍ସନ ବ୍ୟବସ୍ଥା ଲଗାଯାଇଛି। ଏହି ବ୍ୟବସ୍ଥାରେ ଲୋକଙ୍କ ଫାସଟ୍ୟାଗକୁ ରିଡିଂ କରି ଯାହାର କୌଣସି ବୈଧ କାଗଜପତ୍ର ନ ଥିବ ସେମାନଙ୍କୁ ଚାଲାଣ କରାଯାଉଛି। ତେବେ ଏହି ବ୍ୟବସ୍ଥାକୁ ନେଇ ତୀବ୍ର ଜନ ଅସନ୍ତୋଷ ଦେଖାଯିବା ପରେ ଇ-ଡିଟେକ୍ସନ ବ୍ୟବସ୍ଥାକୁ ଆସନ୍ତା ଏପ୍ରିଲ୍ ମାସ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବିଭାଗୀୟ ମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶ ସତ୍ତ୍ୱେ ଏବେ ବି ରାଜ୍ୟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଟୋଲ୍‌ଗେଟ୍‌ଠାରେ ଲୋକଙ୍କୁ ମୋଟା ଅଙ୍କର ଜରିମାନା କରାଯାଉଛି। ଅନ୍ୟପଟେ ନିୟମ ଉଲ୍ଲଂଘନକାରୀଙ୍କ ସହ ଏଠାରେ ଗାଡ଼ିର ସମସ୍ତ କାଗଜ ପତ୍ର ବୈଧ ଥିବା ସତ୍ତ୍ୱେ ମଧ୍ୟ ଜରିମାନା କରାଯାଉଛି।

ସତ୍ୟଜିତ ମଲ୍ଲିକ ନାମକ ଜଣେ ବ୍ୟକ୍ତି ତାଙ୍କ କାର ନଂ ଓଡି୩୩ଏଏଲ୍୬୧୫୩ର ଇନ୍‌ସ୍ୟୁରାନ୍ସ ଅବଧି ଗତ ୧୦ ତାରିଖରେ ଶେଷ ହେବାର ଥିଲା। ଏହା ପୂର୍ବରୁ ସେ ଗତ ୮ ତାରିଖରେ ନିଜ ଗାଡ଼ି ଇନ୍‌ସ୍ୟୁରାନ୍ସ ନବୀକରଣ କରାଇଥିଲେ। ଏହାସତ୍ତ୍ୱେ ଗତ ୧୦ ତାରିଖରେ ଗୁରାପଲ୍ଲୀ ଟୋଲଗେଟ୍, ୧୧ ଓ ୧୨ ତାରିଖରେ ଗୁଡ଼ିପଡ଼ା ଟୋଲ୍‌ଗେଟରୁ ମୋଟ୍ ୩ ଟା ଚାଲାଣ କରାଯାଇଛି। ଇନ୍‌ସ୍ୟୁରାନ୍ସ ନ ଥିବା ଦର୍ଶାଇ ୪ ହଜାର ଲେଖାଏ ୩ ଟି ଚାଲଣରେ ମାଲିକଙ୍କ ପାଖକୁ ୧୨ ହଜାର ଟଙ୍କାର ଚାଲାଣ ଆସିଛି। ଏହାକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ବୈଧ ଇନ୍ସ୍ୟୁରାନ୍ସ ଥିବା ସତ୍ତ୍ୱେ କିପରି ଚାଲାଣ କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟ ଏକ ଘଟଣାରେ ସୁରେଶ ସାହୁ ନାମକ ଜଣେ ବ୍ୟକ୍ତି ନିଜ ଟ୍ରକ୍‌ର ଇନସ୍ୟୁରାନ୍ସ ଅବଧି ଗତ ୯ ତାରିଖରେ ଶେଷ ହେବା ପୂର୍ବରୁ ନବୀକରଣ କରାଇଥିଲେ। ଏମ୍-ପରିବହନରେ ମଧ୍ୟ ଇନସ୍ୟୁରାନ୍ସ ନବୀକରଣ ନେଇ ତଥ୍ୟ ଅପଡେଟ୍ ହୋଇସାରିଥିଲା। ଏହା ସତ୍ତ୍ୱେ ୧୦-୧୨ ତାରିଖ ମଧ୍ୟରେ ୩ ଟି ଚାଲାଣ ତାଙ୍କୁ ପଠାଯାଇଛି। ଯାହାକୁ ନେଇ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କୁ ବଦନାମ କରିବା ପାଇଁ ପରିବହନ ବିଭାଗ ଏମିତି କାମ କରୁଥିବା ଅଭିଯୋଗ ଆଣିଛନ୍ତି। ନିକଟରେ ପ୍ରାଣ ହରାଇଥିବା ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ମୃତ୍ୟୁ ପାଇଁ ଟୋଲଗେଟରୁ ଏଭଳି ଅତର୍କିତ ଚାଲାଣ ବ୍ୟବସ୍ଥାକୁ ଦାୟୀ କରାଯାଉଛି। କାରଣ ତାଙ୍କର କାର୍ ଥିବା ସତ୍ତ୍ୱେ ପିୟୁସିସି ନ କରିପାରି ଥିବା ଯୋଗୁଁ ସେ ପୁରୀକୁ ସ୍କୁଟି ଧରି ଯିବାକୁ ବାଧ୍ୟ ହୋଇଥିଲେ। ରାସ୍ତାରେ ଗଦା ହୋଇଥିବା ବାଲିରେ ପଡ଼ି ତାଙ୍କ ସମେତ ଦୁଇ ଜଣଙ୍କ ଜୀବନ ଯାଇଥିଲା। ଏତେ ସବୁ ଘଟଣା ପରେ ଏହି ବ୍ୟବସ୍ଥାକୁ ଏପ୍ରିଲ୍ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ମନ୍ତ୍ରୀ ବିଭୂତି ଭୂଷଣ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କାହିଁକି ଏହାକୁ ଏସ୍‌ଟିଏ ବନ୍ଦ କରୁନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


**ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆମ ହସ୍‌ପିଟାଲ୍ କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ, ୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର ର ରୋଗୀମାନଙ୍କର ଚିକିତ୍ସା ଜନିତ ନଥିପତ୍ର, ୦୧/୦୪/୨୦୧୯ ଠାରୁ ୩୧/୦୩/୨୦୨୦ ପର୍ଯ୍ୟନ୍ତ ନଷ୍ଟ କରି ଦିଆଯିବ। ଯେଉଁ ରୋଗୀମାନେ ଏହି ସମୟସୀମା ମଧ୍ୟରେ ହସ୍‌ପିଟାଲ୍‌କୁ ଚିକିତ୍ସା ପାଇଁ ଆସିଥିବେ, ସେମାନଙ୍କର ଯଦି କୌଣସି ଅଭିଯୋଗ ଥାଏ, ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ପରବର୍ତ୍ତୀ ସମୟରେ ଉପରୋକ୍ତ ସମୟସୀମା ମଧ୍ୟରେ ନଥିପତ୍ର ପାଇଁ ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିର୍ଦ୍ଦେଶକ
କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ
୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର

C-2905

**OFFICE OF THE MUNICIPAL COUNCIL, TALCHER**

**'e' – Procurement Notice**

Tender Reference No.TCRM-10/2025-26
Bid Identification No. 2026_ORULB_124488
No. 152/Dt. 12.01.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

1) Name of the Work :- Civil work as mentioned in the website.
2) No. of works :- 1 No.
3) Estimated Cost :- Rs.60.39 lakhs
4) Period of Completion :- As per DTCN
5) Date & time of availability of Bid document in the portal :- dt.13.01.2026 at 4.00 PM
6) Last date & time for receipt of Bid in the portal :- dt.27.01.2026 at 5.00 PM
7) Date of Opening (technical bid) Bid :- dt.28.01.2026 at 11.00 AM
8) Name & Address of the Officer inviting the bid :- Executive Officer, Talcher Municipality
9) The bidders have to participate in ONLINE bidding only.

Further details can be seen from the procurement portal i.e. www.tendersorissa.gov.in

OIPR-

Executive Officer
Talcher Municipality

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର H-51

**OFFICE OF THE REGULATED MARKET COMMITTEE: NABARANGPUR**
AT/ GANDHINAGAR, PO/DIST-NABARANGPUR-764059. (Odisha)
FAX/ Tel.No.06858-222105 E.Mail-ID- awmornab@gmail.com

No. 400/RMC Dated 12.01.2026

**E-Procurement (Invitation for BIDS)**
Tender Call Notice No.394/RMC Dated. 12.01.2026
Bid Identification No. 01 e-Procurement Notice No. 01 of 2025-26

The Regulated Market Committee, Nabarangpur invites tender from the approved contractors of appropriate Class for Development Works of different Markets. Detailed Tender Call Notice along with conditions of contract and notice inviting tender may be seen and download from the website. www.tenderorissa.gov.in and www.nabaranagpur.odisha.gov.in the date availing of tender online is form 11.00 A.M. of 13.01.2026 to 31.01.2026, up to 5 P.M. the tender will be opened on 03.02.2026 at 11.00 A.M.

OIPR-

Sub Collector cum Chairman
RMC, Nabarangpur

C-1948

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
Phone – 06811 263909- FAX – 06811 263950 - E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement

**1st Corrigendum dated.13.01.2026**
To Bid Identification No. 65/ 03 / SPH(C) / 2025-26 dt. 31.12.2025
Tender Id. 2026_PHEO_124210_1

Name of work- Procurement , installation, testing and commissioning of Multijet water meter at consumer end of Chatrapur NAC under AAP- 2025-26 -SUJAL

| Sl.No | As uploaded in the tender | Revised as per Corrigendum |
|---|---|---|
| 1 | Availability of Bid Documents for online bidding Dt.14.01.2026 at 17.30 Hrs | Availability of Bid Documents for online bidding Dt.21.01.2026 at 17.30 Hrs |
| 2 | Last date of seeking clarification on dt.13.01.26 at 17.30 Hrs | Last date of seeking clarification on dt.20.01.26 at 17.30 Hrs |
| 3 | Opening of Technical Bid on Dt.15.01.2026 at 01.00 PM | Opening of Technical Bid on Dt.22.01.2026 at 01.00 PM |

All other terms and conditions in the DTCN remains unaltered.

OIPR-

Additional Chief Engineer (PH)
P.H. Division, Bhanjanagar
at Chatrapur

**SALE**

(1) JCB 3 DX Backhoe Loader, Model - 2022, Registration No-OD-33-AF-4895, in as is where is condition (2) TATA Hitachi Ex-70, Model 2022, Machine Sl No-P070-20168 , in as is where is condition, Contact: M/S Sundaram Finance Limited, BHUBANESWAR BRANCH, Ph:0674-2544772 within 7 days.

**AFFIDAVIT**

By virtue of an affidavit sworn before Executive Magistrate Padampur on Dated 25th September 2025, I, Mr. Rabindra Kumar Bhoi, Address S/o-Pruthwiraj Bhoi, At- Gyan, Po-Gyan, Dist- Bargarh, PIN- 768049, Odisha, declare that I have changed the name of my Son from "Ariyan Bhoi" to "Premraj Bhoi". Henceforth, He shall be known as "Premraj Bhoi" for all purposes.

Rabindra Kumar Bhoi

**AFFIDAVIT**

By virtue of an affidavit before Notary Public Bhubaneswar, on 24.12.2025. I Dhananjaya Panda resident of At- Aliha, Po- Singiri, Ps- Aul, Dist-Kendrapara, Odisha, PIN-754215, declare that I have change my name from Dhanarjay Panda to Dhananjaya Panda. Henceforth I shall be known as DHANANJAYA PANDA for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 12/01/2026, I, Sibu Mistri, S/O Nimain Mistri, At- Ram Nagar, Ram Nagar, Kendrapara, Odisha, Pin- 754224, declare that I have changed my owned name Madan Mohan Besra to Sibu Mistri. Henceforth, I shall be known as new name Sibu Mistri for all purposes.

Sibu Mistri

**AFFIDAVIT**

I, Anita Panigrahi, aged about 61 years, W/o-Bichitrananda Panigrahi, resident of Plot No-963, Lewis Road, Samantrapur, Ps- Lingaraj, Bhubaneswar, Dist- Khurda, Pin-751002, Odisha do hereby declare by this affidavit No.111, dtd-15/01/2026, that now onwards I shall be known as RUBY PANIGRAHI for all future purposes.

**AFFIDAVIT**

By virtue of an affidavit no. 3689/2026 sworn before In The Court Of The Executive Magistrate, Pallahara, Dtd 09-01-20261, KHAGESWAR SAHU S/O- PANCHANANA SAHU At-Hatighincha, Po-Phapand P.S-Pallahara, Dist.- Angul declare that I have changed my name from KASTU SAHU to KHAGESWAR SAHU. Henceforth, I Shall be known as KHAGESWAR SAHU for all purposes.

KHAGESWAR SAHU

**AFFIDAVIT**

I, Jagmohan Angarai, resident of Village Mirigichara, PO Gobarghati, PS Kalinganagar, Dist. Jajpur, Odisha – 755026, do hereby declare that the name of my minor son has been changed from "Kosher Kumar Angarai" to "Kishor Kumar Angarai" as per affidavit no.3184 sworn before the Executive Magistrate, Sukinda, Jajpur on dtd.29.12.2025. Henceforth, my minor son shall be known and identified as Kishor Kumar Angarai for all purposes.

**AFFIDAVIT**

By virtue of an affidavit no.59 before the Executive Magistrate, Nabarangpur, dtd.15.01.2026, I, Lakshi Bhatra, Vill- Bamuni, PO Mokiya, PS- Papadahandi, Dist-Nabarangpur do hereby declare that my name has been incorrectly mentioned as "Lakhi Bhatra" instead of "Lakshi Bhatra" in my State Bank of India records. That both the names "Lakhi Bhatra" & "Lakshi Bhatra" is one and the same person i.e. myself. Henceforth, I shall be known as Lakshi Bhatra for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kanas, No-4706, dated-23/12/2025. I, Sri Balaram Baliyarsingh, resident At-Dhuanla, PO- Kesharpur, Block- Kanas, PS- Kanas, Dist- Puri, Odisha, Pin- 752019 declare that I have changed the name of my son's from Biswajit Baliyarsingh to Abhiram Baliyarsingh. Henceforth, he shall be known as Abhiram Baliyarsingh for all purposes.

Balaram Baliyarsingh

**AFFIDAVIT**

Monalisa Martha, W/o: Army No- 10535798L, Rank: HAV, Name: Dinabandhu Martha residing of Village Hatasahi, Dalaisahi, Po-Manikagoda, Ps-Bolagarh, Dist- Khordha. I want to change my name from Manolisa Martha to Monalisa Martha wrongly written in my husband's service records vide affidavit No.1383, Dt.-06.12.2025.

**LOST**

I, Bauribandhu Tad, S/o Sadasiba Tad, resident of Village/P.O- Ratapat, P.S-Badamba, Dist- Cuttack Odisha do hereby declare that, on 12/01/2026 while I am going from my residence to sub-register office my original documents bearing sale deed RSD ID No. 1245, dtd- 24/05/1993 has been lost in somewhere. If anyone finds it kindly Contact to 9937875541.

**AFFIDAVIT**

By virtue of an affidavit sworn before Executive Magistrate, Odagaon on dt. 15/01/2026 I Laxmidhar Jena @ Iswar Jena, S/o-Baikuntha Jena @ Gnjeya Jena At- Bilamanpur, Po/Ps-Odagaon, Dist-Nayagarh, declare that my name has been mentaioned as Laxmidhara Jena, S/o- Baikuntha Jena in My Adhar Card. Where as in the ROR vide Khata no- 69/88 Under JayamangalaPrasada My name has been mentioned as Iswar Jena, S/o- Ganjeya jena. Now I will be known as Laxmidhar Jena, S/o-Baikuntha Jena for all future purposes.

**AFFIDAVIT**

By Virtue of an affidavit Before the Executive Magistrate, Jagatsinghpur. I Laxmipriya Samantasinghar, aged about 57 years, W/o: Niranjan Samantasinghar, of Vill: Orissagarh (Purunagarh), P.O.: Ashrampatana, P.S./Dist.: Jagatsinghpur, Odisha have changed my name from Renubala Samantasinghar to Laxmipriya Samantasinghar. Henceforth, I shall be known as Laxmipriya Samantasinghar for all purposes. Laxmipriya Samantasinghar and Renubala Samantasinghar is one and same person and there in no other person residing in the said name in the above said address/village except me.

जसमीत कौर उर्फ बिन्नी पुत्री दलजीत सिंह छाबड़ा निवासी डेलीमार्केट नियर नागपुर होटल जयभवन निवासी राउरकेला पिन-769001
H-C-J-Part III 2 (नमूना काबिल फरोख्त)
**सम्मन वास्ते कराराबाद तनकोह तलब** (आर्डर कायदा 1 व 5) नम्बर मुकदमा 291/2020 न्यायालय प्रधान न्यायाधीश परिवार न्यायालय संत कबीर नगर 1 मुदई मनप्रीत सिंह उर्फ शानू बनाम जसमीत कौर उर्फ बिन्नी मुद्दाअलेह साकिन ने आपके नाम नालिश बावत हरगाह के दायर की है लिहाजा आपको हुक्म होता है बतारीख 05/02/2026 माह सन् ई0 बावत बजे दिन के अदालत या मारफत वकील के जो मुकदमा के हालात से करार वाकई वाकिफ किया गया हो और कुछ उपूर अहम मतअल्लिका का जबाव दे सके या जिसके साथ कोई और शक्श हो कि जबाव सवालात दे सके हाजिर हो दावा करे और आपको लाजिम है कि उसी राज जुमला के दस्तदाला करना चाहता हो। आपको इत्तला दी जाती है अगर बरोज मजकूर आप हाजिर न होंगे तो मुकदमा बगैर हाजिर आपको मसमुआ और फैसला होगा। शक्त मेरे दस्तखत और मुहर अदालत आज ब 22 तारीख माह 12 ई0 2025 जारी किया। नाम अदालत-नम्बर मुकदमा-नाम फरीकैन-**इत्तिला** (1) अगर आपको यह अन्देशा हो कि आपके प्रवाह अपनी मर्जी से हाजिर न होगे तो आप अदालत हाजा से सम्मन नमुराद जारी करा सकते है कि गवाह हाजिर हो। वह जबरन हाजिर कराया जाय और जिन दस्तावेज को किसी से पेश कराने का आप इस्पेकाल रखते है वह उससे पेश कराई बशर्ते कि आप खर्चा जरूरी अदालत में दाखिल करके इस अस्त्र को दरख्वास्त गुजरावें। (2)अगर आप मुतालवा मुद्दई की तस्लीम करते तो आपका लाजिम है कि खाना खर्चा नालिश अदालत में दाखिल करें ताकि कार्यवाही इजेराय डिग्री के आपका जान व माल दोनो पर हो न करना पड़े। न्यायालय प्रधान न्यायाधीश परिवार न्यायालय संत कबीर नगर।

**AFFIDAVIT**

By an affidavit CF No.35/ Dtd.12.01.2026 sworn before Executive Magistrate, Bhubaneswar. I, Muna Nayak, S/o- Syam Nayak, R/o Qr No.-140, Kedarpalli Basti, Near Mangala Temple, Bapuji Nagar, Bhubaneswar, Dist.- Khordha, Pincode- 751009 declare that in Aadhaar my name is mentioned as Muna Nayak but in LIC Policy No.598324072 my name is wrongly mentioned as Sunil Nayak instead of Muna Nayak. Hence, I have changed from my wrong name Sunil Nayak to correct name Muna Nayak, for all future purposes. I declare that Muna Nayak and Sunil Nayak is one and same person.

# ଡିଆଇଇଟି ଅନୁଗୋଳରେ ଜାତୀୟ ସେମିନାର

ଛେଣ୍ଡିପଦା,୧୫ ।୧(ସମିସ)




ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅନୁଗୋଳ ଦ୍ୱାରା ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଉନ୍ନତି ପାଇଁ ଅଭିନବ ପେଡ଼ାଗୋଜିର ପ୍ରୟୋଗ ଶୀର୍ଷକ ଦୁଇଦିନିଆ ଜାତୀୟ ସେମିନାର ଆୟୋଜିତ ହୋଇଛି । ଏହି ସେମିନାର ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷକ ପ୍ରଶିକ୍ଷଣର ଗୁଣବତ୍ତା ବୃଦ୍ଧି ଓ ଶିକ୍ଷାରେ ନବୀନତା ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଚିହ୍ନଟ ହୋଇଛି । ସେମିନାରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶିକ୍ଷକ ଶିକ୍ଷାବିତ୍, ଗବେଷକ, ଡିଆଇଇଟିର ଅଧ୍ୟାପକ ଓ ଗୁରୁଛାତ୍ରମାନେ ଯୋଗଦେଇ ଶିକ୍ଷାର ପରିବର୍ତ୍ତନଶୀଳ ପନ୍ଥା ଉପରେ ଆଲୋଚନା କରିଥିଲେ । ସେମିନାରର ପ୍ରଥମ ଦିନ ପୂର୍ବାହ୍ନରେ ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଡିଆଇଇଟି ଅନୁଗୋଳର ଅଧକ୍ଷ ଓ ସେମିନାରର ପାଟ୍ରନ୍ ଶ୍ରୀ ବିକ୍ରମ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରି କହିଥିଲେ ଯେ ଏପରି ଜାତୀୟ ସ୍ତରର ଶିକ୍ଷାଭିତ୍ତିକ ମଞ୍ଚ ଶିକ୍ଷକ ପ୍ରଶିକ୍ଷଣକୁ ସମୟୋପଯୋଗୀ ଓ ଉଚ୍ଚମାନ ସମ୍ପନ୍ନ କରିବାରେ ସାହାଯ୍ୟ କରେ । ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଡ଼. ଅଭିଲାଷ ନାୟକ ତାଙ୍କ ଭାଷଣରେ ଶିକ୍ଷାରେ ନବୀନ ପେଡ଼ାଗୋଜିର ଆବଶ୍ୟକତା, ଶ୍ରେଣୀକକ୍ଷରେ ଛାତ୍ରଙ୍କ ସକ୍ରିୟ ଅଂଶଗ୍ରହଣ ଓ ଶିକ୍ଷକଙ୍କ ପରିବର୍ତ୍ତିତ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ ଆଜିର ଶିକ୍ଷା ପ୍ରଣାଳୀର ମୂଳ ଲକ୍ଷ୍ୟ ହେଉଛି ଛାତ୍ରମାନଙ୍କୁ ଜୀବନମୁଖୀ କୌଶଳରେ ସଶକ୍ତ କରିବା । ଏହି ଅବସରରେ କୀନୋଟ୍ ସ୍ପିକର ଡ଼. ଅଜୟ କୁମାର ସ୍ୱାଇଁ ତାଙ୍କ ମୂଳ ଭାଷଣରେ ଜାତୀୟ ଶିକ୍ଷା ନୀତି ୨୦୨୦ର ପ୍ରଚଳନ, ସର୍ଟିଫିକେଟ୍ ଭିତ୍ତିକ ଶିକ୍ଷାରୁ କ୍ଷମତା ଭିତ୍ତିକ ଶିକ୍ଷା ପ୍ରତି ସ୍ଥାନାନ୍ତର, ଏବଂ ସହଯୋଗ, ସୃଜନଶୀଳତା, ସମାଲୋଚନା,କ ଚିନ୍ତନ ଓ ସଂଯୋଗ ଭଳି ୨୧ଗ୍ସଗ୍ସ ମରଭଗ୍ସଙ୍କକ୍ସଛ ଗ୍ସଲସକ୍ଷକ୍ଷଗ୍ସ ଉପରେ ଗଭୀର ଆଲୋକପାତ କରିଥିଲେ । ତାଙ୍କ ଭାଷଣ ଅଂଶଗ୍ରହୀମାନଙ୍କ ମଧ୍ୟରେ ଗଭୀର ପ୍ରେରଣା ସୃଷ୍ଟି କରିଥିଲା ।ଏହି ସେମିନାରରେ ଡ଼. ଜିତେନ୍ଦ୍ର କୁମାର ପାଟିଦାର, ସହକାରୀ ପ୍ରଫେସର, ଶିକ୍ଷକ ଶିକ୍ଷା ବିଭାଗ, ଏନ୍ସିଇଆରଟି, ନୂଆଦିଲ୍ଲୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶିକ୍ଷାରେ ଅନୁଭବାଧାରିତ ଓ ଅଭିନବ ପେଡ଼ାଗୋଜି ପ୍ରଚଳନ ଉପରେ ତାଙ୍କ ମତ ରଖିଥିଲେ । ମମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ପ୍ରଥମ ଦିନ ଅପରାହ୍ଣ ଓ ଦ୍ୱିତୀୟ ଦିନ ବିଭିନ୍ନ ଟେକ୍ନିକାଲ୍ ସେସନ୍ ଆୟୋଜିତ ହୋଇଥିଲା । ଏଥିରେ ଶିକ୍ଷାରେ ନବୀନ ପେଡ଼ାଗୋଜି, ଡିଜିଟାଲ୍ ଟୁଲ୍ସର ସଠିକ୍ ବ୍ୟବହାର, ଖେଳାଧାରିତ ଓ କାର୍ଯ୍ୟମୂଳକ ଶିକ୍ଷା, ଅନୁଭବାଧାରିତ ଶିକ୍ଷା ପ୍ରଣାଳୀ ଉପରେ ୧୯ଟି ଗବେଷଣା ପତ୍ର ଉପସ୍ଥାପିତ ହୋଇଥିଲା ।ଶ୍ରୀ ମଦନ ସୁନ୍ଦର ପ୍ରଧାନ, ସଂଯୋଜକ, ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମନ୍ୱୟ କରିଥିଲେ । ଦୁଇ ଦିନର ସବିଶେଷ ସେମିନାର ରିପୋର୍ଟ ଶ୍ରୀ ରାମକୃଷ୍ଣ ପରିଚ୍ଛା ପ୍ରସ୍ତୁତ କରିଥିଲେ । ଟେକ୍ନିକାଲ୍ ବ୍ୟବସ୍ଥାପନାରେ ଶ୍ରୀ ଛୋଟୋରାୟ ଟୁଡୁ ଓ ଶ୍ରୀ ଜ୍ଞାନୀ ଦୁଷ୍ମନ୍ତ ବେହେରା ଗୁରୁତ୍ୱପୂର୍ଣ୍ଣ ସହଯୋଗ ଯୋଗାଇଥିଲେ ।ସେମିନାରର ସମାପନୀ ଅଧିବେଶନରେ ମୁଖ୍ୟଅତିଥି ଶ୍ରୀ ଧର୍ମରାଜ ତ୍ରିପାଠୀ ଉପସ୍ଥିତ ରହି ଏପରି ଜାତୀୟ ସେମିନାର ଶିକ୍ଷାର ଗୁଣବତ୍ତା ବୃଦ୍ଧିରେ ସହାୟକ ବୋଲି କହିଥିଲେ । ଗୌରବମୟ ଅତିଥି ଡ଼. ସଚ୍ଚିଦାନନ୍ଦ ମିଶ୍ର ମଧ୍ୟ ତାଙ୍କ ଉଦ୍‌ବୋଧନରେ ଶିକ୍ଷାରେ ନବୀନତା ଓ ଗବେଷଣାମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ ।ଉଦଯାପନ ଅବସରରେ ଅଧକ୍ଷ ଶ୍ରୀ ସାହୁ ସମସ୍ତ ଅତିଥି, ସାଧନ କର୍ମୀ,ଗବେଷକ, ଶିକ୍ଷକ ଓ ଛାତ୍ର ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇ ସେମିନାରକୁ ସଫଳ କରିଥିବା ସମସ୍ତଙ୍କ ଅବଦାନକୁ ସ୍ମରଣ କରିଥିଲେ ।

## ରାଧାମାଧବ ବିଦ୍ୟାଳୟର ବାର୍ଷିକ ଉତ୍ସବ




କିଶୋରନଗର,୧୫ ।୧(ସମିସ): ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମ ପିଏମଶ୍ରୀ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଜିତ ଖଡ଼ିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବରିବେଷଣ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଆଠମଲ୍ଲିକ ବିଇଓ ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ବିଶିଷ୍ଟ ଅତିଥି ଭାବେ ଡା. ରାଜେଶ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ସମ୍ମାନିତ ଅତିଥି ଭାବେ ଜୟକୃଷ୍ଣ ପ୍ରଧାନ, କୈବଲ୍ୟ କଅଁର, ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ ଯୋଗଦେଇଥିଲେ । ଶିକ୍ଷକ ଶଶିଭୂଷଣ ସାହୁ, ରୁଦ୍ରପ୍ରସାଦ ମହାରଣା, ସଲିମ ମେହେର, ଗଦାଧର ବେହେରା, ବିଷ୍ଣୁପ୍ରସାଦ ହେନ୍ତାଲିଆ, ସୌମ୍ୟରଞ୍ଜନ କଅଁର, ନରେନ୍ଦ୍ର ସାହୁ, ପ୍ରସନ୍ନ କୁମାର ପ୍ରଧାନ, ବିଜୟ କୁମାର ସିଂହ, ଅରୁଣ କୁମାର ନାୟକ, ବିନ୍ଦୁସାଗର ମହାନ୍ତି, ପପୁରଞ୍ଜନ ସାହୁ, ସୌରଭ ସରକାର, ଗଲେଖାବିହାରୀ ସାହୁ, କ୍ଷିତୀଶ କୁମାର ନାୟକ, ଅନିଲ କୁମାର ନାୟକ, ସହ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଓ ରେଣୁକା ମାଝୀ ସହଯୋଗ କରିଥିଲେ ।

## ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବଇଣ୍ଡା,୧୫ ।୧(ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଡା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଗୁରୁବାର ବଇଣ୍ଡା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସନାତନ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ମଞ୍ଚର ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା । ଉକ୍ତ ମଞ୍ଚକୁ ଜିଲ୍ଲା ପ୍ରଶାସନ ଗୁରୁବାର ରେଜିଷ୍ଟ୍ରେସନ ଅନୁମତି ଦେଇଥିବା ବେଳେ ମଞ୍ଚ ପକ୍ଷରୁ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଯାଇଛି । ଆଗକୁ କିପରି ମଞ୍ଚ ପକ୍ଷରୁ ବିଭିନ୍ନ ସାମାଜିକ କାମ କରାଯିବ ଓ ସାଧାରଣତନ୍ତ୍ର ଦିବସ ପାଳନ ହେବ ସେ ନେଇ ଆଲୋଚନା କରାଯାଇଥିଲା । ଏଥିରେ ବିଚିତାନନ୍ଦ ସାହୁ, ଅର୍ଜୁନ କୁମାର ସାହୁ, ଚିନ୍ତାମଣି ସାହୁ, ଶରତ ଚନ୍ଦ୍ର ସାହୁ, ସୁକାନ୍ତ ରଣା, ଚନ୍ଦ୍ର ମଣି ପ୍ରଧାନ, ବସନ୍ତ ନାୟକ, ଶ୍ରୀଧର ବେହେରା, କୃପାସିନ୍ଧୁ ନାୟକ, ଅନାମ ଚରଣ ସାହୁ, ବୃନ୍ଦାବନ ପ୍ରଧାନ, କବିରାଜ ପ୍ରଧାନ, ସୁରେଶ ପ୍ରଧାନ, କିଶୋର ପଟ୍ଟନାୟକ, ରମେଶ ମିଶ୍ର, କୈଳାସ ପାତ୍ର, ସୂରଥ ନାୟକଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

## ମକର ସଂକ୍ରାନ୍ତିରେ ଦେବଦେବୀ ମନ୍ଦିରରେ ଭିଡ଼



ତାଳଚେର,୧୫ ।୧(ସମିସ): ମକର ସଂକ୍ରାନ୍ତି ଅବସରରେ ସହରଠାରୁ ଗ୍ରାମାଞ୍ଚଳ ବିଭିନ୍ନ ଦେବଦେବୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା । ଶ୍ରଦ୍ଧାଳୁ ସ୍ୱଚ୍ଛ ପୋଷାକ ପରିଧାନ କରି ଭଗବାନଙ୍କୁ ପ୍ରାର୍ଥନା କରିବା ସହ ଫୁଲ, ଧୂପ, ଦୀପ, ସିନ୍ଦୂର, ଅରୁଆ ଚାଉଳ ଇତ୍ୟାଦି ଥୋଇ ପୂଜାର୍ଚ୍ଚନା କରିଥିଲେ । ତାଳଚେର ଧରମପୁର, କଙ୍କିଳି, ଶୈନାଳୀ, ସାତପାଟିଆ, କାକୁଡ଼ି, ହରିହରପୁର, ବିହାରୀପୁର, ଜଗନ୍ନାଥମନ୍ଦିର, ଆଖଣ୍ଡଳମଣି, ଦକ୍ଷିଣକାଳୀ, କେନ୍ଦୁଆଶୁଣୀ, ମା'ହିଙ୍ଗୁଳା, ମଙ୍ଗଳା, ରାଣୀମନ୍ଦିର, ରାମମନ୍ଦିର, ପଞ୍ଚମୁଖୀ, ବାବା ପଶ୍ଚିମେଶ୍ୱର, ଚିତ୍ରକୂଟ, ବାବା ଗଣେଶ, ସୁନାମୁଖୀ, ତାଳବେଡ଼ା, କଣ୍ଡାଳ, ଚକ୍ରଶିଳା, ବହ୍ଲର, ବନ୍ତୋଲ, ଥର୍ମାଲ, ସାଉଥବଲଣ୍ଡା, ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ମନ୍ଦିର ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ।

## କଣ୍ଟିଆପଶି ହାଇସ୍କୁଲର ୩୧ତମ ବାର୍ଷିକ ଉତ୍ସବ



ଖମାର,୧୫ ।୧(ସମିସ): ଖମାର ନିକଟ ପରାଛାଟ ପଞ୍ଚାୟତ କଣ୍ଟିଆପଶି ଉଚ୍ଚ ବିଦ୍ୟାପୀଠର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ସ୍ଥାନୀୟ ସରପଞ୍ଚ ବବିତା ଘଟୁଆରୀ ମୁଖ୍ୟଅତିଥି, ଶିବପ୍ରସାଦ ପ୍ରଧାନ ମୁଖ୍ୟବକ୍ତା, ରସାନନ୍ଦ ପ୍ରଧାନ, ରଞ୍ଜନ କୁମାର ବିଶ୍ୱାଳ, ଚନ୍ଦ୍ରଶେଖର ସାହୁ, ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ଡ. ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମେଘ କିଶନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବରାଜ ଘଟୁଆରୀ, ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ମଞ୍ଚାସୀନ ଥିଲେ । ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ରାମନାଥ ରାଉଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଦେବେନ୍ଦ୍ର ଗଡ଼ନାୟକ ଧନ୍ୟବାଦ ଦେଇଥିଲେ । ମୁଖ୍ୟଅତିଥି ବିଦ୍ୟାଳୟର ସମସ୍ୟାକୁ ଗୁରୁତର ସହ ନେଇ ଆଲୋଚନା ମାଧ୍ୟମରେ ବିଧାୟକ ପାଣ୍ଠି, ପଞ୍ଚାୟତ ସମିତି ଓ ପଞ୍ଚାୟତ ପାଣ୍ଠିରୁ ସମାଧାନ କରିବେ ବୋଲି ଘୋଷଣା କରିଥିଲେ । ବାଳିକା ବର୍ଗରେ ସୁନୀତା ପେଣ୍ଟୋଇ ଓ ବାଳକ ବର୍ଗରେ ପ୍ରୀତମ ଦେହୁରୀ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ । ପରେ ଦେବେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଅଜୟ ସାହୁ, ସୁନୀଲ ଗଡ଼ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ନୀଳକଣ୍ଠ ବେହେରା, ଶିକ୍ଷୟିତ୍ରି ରୀନା ମହାନ୍ତି, ସୌଦାମିନୀ ସାମଲ, ଅଯୋଧ୍ୟା ବେହେରା, କର୍ମଚାରୀ କଳାକାର ସାହୁ, ରମେଶ ବେହେରା, ପ୍ରତାପ ସାମଲ ସହଯୋଗ କରିଥିଲେ ।

## ୫୦ତମ ବେଦ ପାରାୟଣ ଯଜ୍ଞ




କଣିହାଁ,୧୫ ।୧(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ବେଦ ଭବନର ୫୦ତମ ବେଦ ପାରାୟଣ ଯଜ୍ଞ ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହୋଇଛି । ୧୨ ତାରିଖ ପ୍ରତ୍ୟୁଷରେ ଜାଗରଣ ମନ୍ତ୍ର ପରେ ଓମ୍ ଧ୍ୱଜା ଉତ୍ତୋଳନ କରାଯାଇଥିଲା । ପ୍ରତ୍ୟହ ଦିନ ୧୦ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବେଦ ପାରାୟଣ ଯଜ୍ଞ ଓ ଭାଜନୋପଦେଶ ସହ ସନ୍ଧ୍ୟାରେ ସନ୍ଧ୍ୟା ଉପାସନା ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବେଦଭବନ ଓ ଦୟାନନ୍ଦ ବୈଦିକ ସାଧନା ଆଶ୍ରମର ସଞ୍ଚାଳକ ସ୍ୱାମୀ ଶ୍ରୀସତ୍ୟ ସରସ୍ୱତୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଯଜ୍ଞରେ ଶିବାନନ୍ଦ ତପୋଭୂମିର ବିଦ୍ୱାନ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ୱାମୀ ବେଦଶ୍ରବା ସରସ୍ୱତୀ, ଶ୍ରୀକାନ୍ତ ବ୍ରହ୍ମଚାରୀଜୀ ପ୍ରମୁଖ ଯୋଗଦେଇ ବେଦ ପାରାୟଣ ଯଜ୍ଞ, ପ୍ରବଚନ ଓ ବେଦପାଠ କାର୍ଯ୍ୟ ସମ୍ପନ୍ନ କରିଥିଲେ । ୧୪ ତାରିଖ ୨୦୦ କୁଣ୍ଡୀୟ ସାମୂହିକ ଯଜ୍ଞ ଓ ଚତୁର୍ବେଦ ପାରାୟଣ ଯଜ୍ଞର ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା । ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା ରେଙ୍ଗାଳି ଡ୍ୟାମର ପ୍ରତିଷ୍ଠାତା ମୁଖ୍ୟଯନ୍ତ୍ରୀ ଦିବାକର ମିଶ୍ର ପରିବାର ସହ ଏଥିରେ ଯୋଗଦେଇଥିଲେ । ବୈଦିକ କମିଟି ପକ୍ଷରୁ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ବେଦଭବନ ସଭାପତି ଅଧିକ୍ଷଣ ଯନ୍ତ୍ରୀ ସମରେନ୍ଦ୍ର ବେହେରା, ସମାଜସେବୀ ଭରତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଦୁଷ୍କର୍ମ ମାମଲାରେ ଦୋଷୀକୁ ୫ ବର୍ଷ ଜେଲ୍

ଅନୁଗୋଳ,୧୫ ।୧(ସମିସ): ଜଣେ ୫୦ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ ମାମଲାରେ ଅନୁଗୋଳ ଏଡିଜେ ବଅଁରପାଳ ଥାନା ନଳଚନ୍ଦ୍ରପୁର ଗ୍ରାମର ହାଡ଼ିବନ୍ଧୁଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ ୨୦୨୧ ଅକ୍ଟୋବର ୨୪ରେ ହାଡ଼ିବନ୍ଧୁ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ପୁଲିସ ମାମଲା ରୁଜୁ କରି ହାଡ଼ିବନ୍ଧୁଙ୍କୁ କୋର୍ଟଚାଲାଣ କରିଥିଲା । ଗୁରୁବାର ମାମଲାର ରାୟ ପ୍ରକାଶ ପାଇଛି । ଏଡିଜେ ବିରଞ୍ଚି ନାରାୟଣ ମିଶ୍ର ହାଡ଼ିବନ୍ଧୁଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରୀ ଓକିଲ ରଞ୍ଜନ ପାତ୍ର, ପ୍ରଶାନ୍ତ କୁମାର ରଥ ଏହି ମାମଲା ପରିଚାଳନା କରିଥିଲେ ।

## ଦେବେନ୍ଦ୍ରଙ୍କ ସ୍ମୃତିରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ପରାମର୍ଶ



ଖମାର,୧୫ ।୧(ସମିସ): ପାଲଲହଡ଼ା ବ୍ଲକ୍ ପେଟାମୁଣ୍ଡି ପଞ୍ଚାୟତ ଲକ୍ଷ୍ମୀପ୍ରିୟାପୁର ଗ୍ରାମରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଏଥିରେ ବନର ଗ୍ରାମର ଭଲିବଲ କ୍ଲବ୍ ଚାମ୍ପିଅନ ଓ ଗୋଲାବନ୍ଧ କ୍ଲବ୍ ରନର୍ସଅପ୍ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଇଂ ଅବନୀକାନ୍ତ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଅବସରପ୍ରାପ୍ତ ଖେଳ ଶିକ୍ଷୟିତ୍ରୀ ରଞ୍ଜିତାରାଣୀ ନାଥ, ଶାନ୍ତିଲତା ପଲେଇ, ଶିକ୍ଷକ ରାଜକିଶୋର ଗଡ଼ନାୟକ, ଫଣିଭୂଷଣ ପଲେଇ, ଗ୍ରାମ କମିଟି ସଭାପତି, ମନ୍ଦିର କମିଟି ସଭାପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଇଂ ସାହୁ ଗରିବ, ଅସହାୟ, ନିରାଶ୍ରୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ । ନିଜ ଅଭିଭାଷଣରେ ସେ କହିଲେ, ଯେହେତୁ କ୍ରିକେଟ୍ ଖେଳ ବହୁ ଆଗରେ ଅଛି, ଭଲିବଲ ଖେଳ ବହୁ ପଛରେ ପଡ଼ିଯାଇଛି । ଭଲିବଲ ଖେଳକୁ ଆଗକୁ ନେବା ପାଇଁ ବ୍ଲକ୍ ସ୍ତରରେ ଖେଳ ଆୟୋଜନ କରିବା ଜରୁରୀ । କଣିହାଁ ଓ ପାଲଲହଡ଼ା ବ୍ଲକରେ ଯେତେ ଭଲ ଖେଳାଳି ଅଛନ୍ତି ସେମାନଙ୍କୁ ଏକଜୁଟ କରି ଖେମଳା ପଡ଼ିଆରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆଞ୍ଚଳିକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ସେ ପରାମର୍ଶ ଦେଇଥିଲେ । ଏଥିପାଇଁ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ଖଇରମୁଣ୍ଡା ଗ୍ରାମରେ ୧୨୪ତମ ମକରଯାତ୍ରା

କିଶୋରନଗର,୧୫ ।୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଖଇରମୁଣ୍ଡା ଗ୍ରାମରେ ବୁଧବାର ୧୨୪ତମ ମକରଯାତ୍ରା ପାଳିତ ହୋଇଛି । ପୂର୍ବାହ୍ନ ସାଢ଼େ ୧୦ଟାରେ ହରଗୌରୀଙ୍କ ପୂଜା ଆରମ୍ଭ ହୋଇଥିଲା । ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ପଡ଼ିଥିଲା । ପୂଜକ ଦୟାନିଧି ଦାସ ଯଜ୍ଞ ପରିଚାଳନା କରିଥିଲେ । କର୍ତ୍ତା ଭାବେ ଅକ୍ଷୟ ପ୍ରଧାନ ଓ ତାଙ୍କ ସହଧର୍ମିଣୀ ମମତା ପ୍ରଧାନ କାର୍ଯ୍ୟ ନିର୍ବାହ କରିଥିଲେ । କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଗ୍ରାମ ସଭାପତି ପ୍ରସନ୍ନ ବେହେରା, ସମ୍ପାଦକ ବାସୁଦେବ ଧଳଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ହୋଇଥିଲା ।

## ● ତାଳଚେର ପରିବହନ ବିଭାଗ ପକ୍ଷରୁ ରକ୍ତଦାନ ଶିବିର
## ୧୧୫ ୟୁନିଟ୍ ରକ୍ତ ସଂଗୃହୀତ



ତାଳଚେର,୧୫ ।୧(ସମିସ): ତାଳଚେର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଡ଼କ ସୁରକ୍ଷା ଜୀବନ ରକ୍ଷାର ସଚେତନତା କରାଯିବା ସହ ଲୋକଙ୍କୁ ଗାଡ଼ି ଚାଳନାର ସଠିକ୍ ମାର୍ଗଦର୍ଶନ କରାଇବା ଏହାର ମୂଳଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ଓଡ଼ଶୀ ମୋଟର୍ସର କମଚାରୀ ଓ ତାଳଚେରରେ ରହିଥିବା ବିଭିନ୍ନ ଘରୋଇ କମ୍ପାନୀର କର୍ମଚାରୀମାନେ ରକ୍ତଦାନ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟରେ ରକ୍ତଦାନ କରିବା ସହ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଶିବିରରେ ତାଳଚେର ମଣ୍ଡାପାଳ ସରକାରୀ ଡାକ୍ତରଖାନାର ଡାକ୍ତର ଓ ରକ୍ତଭଣ୍ଡାରର କର୍ମଚାରୀମାନେ ଉପସ୍ଥିତ ରହି ୧୧୫ ୟୁନିଟ୍ ରକ୍ତ ସଂଗୃହୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ତାଳଚେର ପରିବହନ ବିଭାଗ ଅଧିକାରୀ ଇଞ୍ଜିନିଅର ନିଖିଳ ପଟ୍ଟନାୟକ, ଏମଭିଆଇ ତପନ ବେଟିଙ୍କ ନେତୃତ୍ୱରେ ମୁଖ୍ୟଅତିଥିଭାବେ ତାଳଚେର ଏସ?ପିଓ ଭରତଚନ୍ଦ୍ର ସାହୁ ଓ ପରିବହନ ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଧଉରାପାଲ୍ଲୀ ସମିତିରେ ଧାନମଣ୍ଡି ଉଦଘାଟିତ



କିଶୋରନଗର,୧୫ ।୧(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ସେବା ସମବାୟ ସମିତି ରେ ଆଜି ଧାନମଣ୍ଡି ଉଦଘାଟିତ ହୋଇଯାଇଛି ।ଏଥିରେ ସମବାୟ ସମିତିର ସଭାପତି ଇନ୍ଦ୍ରମଣି ପ୍ରଧାନ ଯୋଗଦେଇ ପୂଜାର୍ଚ୍ଚନା କରାଯାଇ ଏହାର ଉଦଘାଟନ କରିଛନ୍ତି ।ଏଥିରେ ଆର ଏମସି ର କ୍ୱାଲିଟି ଆନାଲିସିସ୍ କର୍ମଚାରୀ ଲିପସାମୟୀ ସାହୁ,ରାଜେଶ ପ୍ରଧାନ, ରଞ୍ଜନ କୁମାର ବେହେରା, ସମିତିର ଭାରପ୍ରାପ୍ତ ସମ୍ପାଦକ ଜିତେନ୍ଦ୍ର ସାହୁ, କୃଷି ବିଭାଗ ଭିଏଡବ୍ଲ୍ୟୁ ଜଗନ୍ନାଥ ଦେହୁରୀ ପ୍ରମୁଖଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଯୋଗଦେଇଥିଲେ । ପ୍ରଥମ ଦିନରେ ୧୭ ଜଣ ଚାଷୀ ଧାନବିକ୍ରି କରିଛନ୍ତି । ସେହିପରି ହିମିତିରା ସେବାସମବାୟ ସମିତିରେ ସଭାପତି ବବ୍ରୁବାହାନ ବେହେରାଙ୍କ ଦ୍ୱାରା ଧାନମଣ୍ଡି ଉଦଘାଟିତ ହୋଇଛି ।

## ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଜୟନ୍ତୀ

ଅନୁଗୋଳ,୧୫ ।୧(ସମିସ)




ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଜିଲ୍ଲା ପାଠାଗାର ପରିସରରେ ବ୍ୟାସକବି ଫକୀର ମୋହନଙ୍କ ୧୮୪ତମ ଜୟନ୍ତୀ ପାଳିତ ହୋଇଛି । ସଂସଦ ସଭାପତି କୁମୁଦ ଚନ୍ଦ୍ର ଦାଶ ବ୍ୟାସକବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଏହାକୁ ଉଦଘାଟନ କରି ନିଜ ବକ୍ତବ୍ୟରେ ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ଫକୀରମୋହନଙ୍କ ତୁଳନାତ୍ମକ ଅଧ୍ୟୟନ ଉପସ୍ଥାପନ କରିବା ସହ ବ୍ୟାସକବିଙ୍କ ଗଳ୍ପ ଓ ଉପନ୍ୟାସରେ ଓଡ଼ିଆ ଜୀବନଧାରା କିଭଳି ପ୍ରତିଫଳିତ ହୋଇଥିଲା ତାହା ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ରୂପେ ଅନୁଗୋଳ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁରେଶ ଚନ୍ଦ୍ର ରାଜହଂସ ଯୋଗଦେଇ ଫକୀରମୋହନ କିଭଳି ସମକାଳ ଉପନିବେଶବାଦ, ଅନ୍ଧବିଶ୍ୱାସ, ଶୋଷଣ ଆଦି ବିରୋଧରେ କଲମ ଉଠାଇଥିଲେ ତାହା ବର୍ଣ୍ଣନା କରିଥିଲେ । ଫକୀରମୋହନଙ୍କୁ କ୍ରାନ୍ତିକାରୀ ପୁରୁଷ ଓ ଭାଷା ଆନ୍ଦୋଳନର ସାରଥି ବୋଲି ଉଲ୍ଲେଖ କରିବା ସହ ଉନବିଂଶ ଶତାବ୍ଦୀରେ ତାଙ୍କର କବିତା, ଗଳ୍ପ, ଉପନ୍ୟାସ ସାଂସ୍କୃତିକ ଚେତନାକୁ ଉଦବୁଦ୍ଧ କରିଥିଲା ବୋଲି କହିଥିଲେ । ସଂସଦର ଉପ ସଭାପତି ଅନୁଗୋଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶାନ୍ତନୁ କୁମାର ସର ଅତିଥି ପରିଚୟ ପ୍ରଦାନ କରିବା ସହ ଫକୀରମୋହନଙ୍କ ସାହିତ୍ୟରେ ପରିବାରବାଦ ଓ ନାରୀ ଚରିତ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସ୍କୁଲସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଏସଭିଏମ୍ ନାଲକୋନଗର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଡିଏଭି ସାବିତ୍ରୀ ଜିନ୍ଦଲ ରନର୍ସଅପ୍ ହୋଇଥିଲା । ଅତିଥିମାନେ ସେମାନଙ୍କୁ ପ୍ରଶଂସାପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ପ୍ରାଧ୍ୟାପକ ଦଧିବାମନ ପ୍ରଧାନ ଏବଂ ଅଧ୍ୟାପକ ମନୋଜ କୁମାର ବେହେରା ସାଧାରଣ ଜ୍ଞାନ ପ୍ରତିଯୋଗିତା ପରିଚାଳନାରେ ସହାୟତା କରିଥିଲେ । ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକୀର ମୋହନଙ୍କ ଜୟନ୍ତୀ ପାଳିତ

କିଶୋରନଗର,୧୫ ।୧(ସମିସ): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରେବତୀ ଏକ ନିଷ୍କଳଙ୍କ ପ୍ରତିଭା । ନାରୀଶିକ୍ଷାର ପ୍ରସାର ଦିଗରେ ଏହି ଗଳ୍ପ ସେ ସମୟରେ ଜାଗରଣ ଆଣିପାରିଥିଲା ବୋଲି କିଶୋର ସାହିତ୍ୟ ସଂସଦ ତରଫରୁ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି । ସାହିତ୍ୟ ସଂସଦ ସଭାପତି ଅଧକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରାକ୍ତନ ଅତିରିକ୍ତ ବିଡିଓ ରାହାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରୂପେ ପୂର୍ବତନ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ସମ୍ମାନିତ ଅତିଥି ରୂପେ ଏବିଇଓ ରମଣୀ ରଞ୍ଜନ ସାହୁ ଯୋଗଦେଇଥିଲେ । ସଂସଦର ସମ୍ପାଦକ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ସାହୁ ସଭା ପରିଚାଳନା କରିଥିଲେ ।

# ଶିକାର ପାଇଁ ଖଞ୍ଜାଯାଇଥିବା ବୋମା ଖାଇ ବଳଦ ଗୁରୁତର

ପରଜଙ୍ଗ,୧୫ ।୧(ସମିସ): ପରଜଙ୍ଗ ଥାନା ବସୁଲେଇ ପଞ୍ଚାୟତ ନିମଡିହ ସାହିରେ ବାରାହା ଶିକାର ପାଇଁ ଖଞ୍ଜାଯାଇଥିବା ବୋମା ଖାଇ ଏକ ବଳଦ ଗୁରୁତର ହୋଇଛି। ମହାବିରୋଡ ବନାଞ୍ଚଳ ରଙ୍ଗଥଳୀ ବିଟ୍ ଅନ୍ତର୍ଗତ ବସୁଲେଇ, କୁଲେଇ, ଧଳପୁର, ନିମଡିହି ଗ୍ରାମକୁ ଲାଗି ରହିଥିବା ଜଙ୍ଗଲ ତଥା ଆଖପାଖ ଧାନବିଲରେ ଶିକାରୀମାନେ ବିଭିନ୍ନ ସମୟରେ ବାରାହା ଶିକାର ପାଇଁ ବୋମା ଖଞ୍ଜିଥାନ୍ତି। ନିମଡିହ ସାହିର ଦୁଷ୍ମନ୍ତ ସାହୁଙ୍କ ବଳଦ ସବୁଦିନ ପରି ମଙ୍ଗଳବାର ପାଖ ବିଲକୁ ଚରିବାକୁ ଯାଇ ଏକ ବୋମା ଖାଇ ଦେଇଥିଲା। ଫଳରେ ବୋମା ଫାଟିଯିବାରୁ ବଳଦର ମୁହଁ ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା। ବୁଧବାର ସକାଳେ ଦୁଷ୍ମନ୍ତ ଗୁରୁତର ଅବସ୍ଥାରେ ବଳଦକୁ ଠାବ କରିଥିଲେ। ଖବର ପାଇ ରଙ୍ଗଥଳୀ ବିଟ୍ ବନରକ୍ଷୀ ପାର୍ଥସାରଥି ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ବଳଦର ଚିକିତ୍ସା କରାଇଛି। ଏ ନେଇ ବନରକ୍ଷୀ ଶତପଥୀ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିବା ସହ ଶିକାରୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେବାକୁ ଅନୁରୋଧ କରିଛନ୍ତି।

## ଗ୍ରାମ୍ୟ ଉନ୍ନୟନ ରାସ୍ତାକାର୍ଯ୍ୟ ନିମ୍ନମାନର



ପରଜଙ୍ଗ,୧୫ ।୧(ସମିସ): ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ କିଛିଦିନ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାର ମରାମତି କାର୍ଯ୍ୟ ଜାରି ରହିଛି। ମାଣକିମରା ପଞ୍ଚାୟତ କାଦୁପଡ଼ାଠାରୁ ପଥରପଡ଼, କୁଆଁଲୋଠାରୁ ପରମହଂସପୁର, ମହନପଶି ଗ୍ରାମ ପୁରୁଣା ରାସ୍ତା ଉପରେ କିଛିଦିନ ତଳେ ନୂଆ ପିଚୁ ପଡ଼ିଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାରୁ ଗୋଡ଼ି ମଧ୍ୟ ବାହାରି ଯାଉଥିବା ଦେଖିବାକୁ ମିଳିଛି। ଉଚ୍ଚ ଅଧିକାରୀ ଦୃଷ୍ଟିଦେଇ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ପାନୀୟ ଜଳଯୋଗାଣ କରିବାକୁ ଦାବି



ଢେଙ୍କାନାଳ,୧୫ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ପଞ୍ଚାୟତ ଡେଙ୍ଗବୋରେଇ ଗ୍ରାମରେ ଥିବା ପମ୍ପ ହାଉସରୁ ଯୋଗାଣ ହେଉଥିବା ପାଣି ଯଥେଷ୍ଟ ହେଉ ନ ଥିବାରୁ ବିକଳ୍ପ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପମ୍ପ ହାଉସରେ ୨ଟି ବୋରୱେଲ ଦ୍ୱାରା ପାଣି ଯୋଗାଇ ଦିଆଯାଉଛି। ତେବେ ତାହା ଯଥେଷ୍ଟ ହେଉ ନ ଥିବାରୁ ତିନି ଦିନରେ ଥରେ ପାଣି ଯୋଗାଇ ଦିଆଯାଉଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଲା କୂପ ଖୋଳି ଜଳ ଯୋଗାଣ କରିବାକୁ ଗ୍ରାମବାସୀ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଭୂଷଳରେ ଧାନମଣ୍ଡି ଉଦ୍‌ଘାଟିତ



ଭୁବନ,୧୫ ।୧(ସମିସ): ଭୁବନ ବ୍ଲକ ଭୂଷଳ ସେବା ସମବାୟ ସମିତିରେ ବ୍ଲକର ପ୍ରଥମ ଧାନମଣ୍ଡି ଉଦଘାଟନ କରିଛନ୍ତି ବିଧାୟକ ଶତ୍ରୁଘ୍ନ ଜେନା। ସଭାପତି ସହଦେବ ପରିଡ଼ା, ସରପଞ୍ଚ ଉତ୍ତମ ପଣ୍ଡା, ପୂର୍ବତନ ସମିତି ସଭ୍ୟ ବିମଳ ପଣ୍ଡା, ଚାଷୀ ପ୍ରତିନିଧି ଶୁଭେନ୍ଦୁ ମିଶ୍ର, ଭକ୍ତବନ୍ଧୁ ଦାସ, ବିଜୟ ମହାନ୍ତ, ଅଶୋକ ଦାସ, ସୌମ୍ୟରଞ୍ଜନ ଦାସ, ଭୁବନ ସମବାୟ ସମିତିର ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ସମ୍ପାଦକ ସୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୮ ଚାଷୀ ୧୯୨ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ମା' ସରସ୍ୱତୀ ରାଇସ ମିଲ ଧାନ ଉଠାଣ କରିଛି।

## ଜୟ ଭୀମ କ୍ଲବ ପକ୍ଷରୁ କ୍ରିକେଟ ମ୍ୟାଚ୍



କାମାକ୍ଷାନଗର,୧୫ ।୧(ସମିସ): କାମାକ୍ଷାନଗର ଏନଏସି ଆଳତୁମା କ୍ରିକେଟ ପଡ଼ିଆରେ ଜୟ ଭୀମ କ୍ରିକେଟ କ୍ଲବ ତରଫରୁ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ସାଇ ଶ୍ରଦ୍ଧା କ୍ରିକେଟ ଟିମ ସହିତ ଲିଟିଲ କ୍ରାଷ୍ଟା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ମୁଖ୍ୟଅତିଥି ଭାବେ ରାକେଶ ନାଥ, ସମ୍ମାନିତ ଅତିଥି ଭାବେ ଦୀନେଶ ସାହୁ, ମୁନା ପାତ୍ର, ଡୁଗୁଆ ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

**ଜିଲ୍ଲାରେ ୧୮୨ ପ୍ରାଥମିକ ବିଦ୍ୟାଳୟ ବନ୍ଦ**

# ୨୪ ସ୍କୁଲ ପୁନର୍ବାର ଖୋଲିବାକୁ ପ୍ରସ୍ତୁତି ଆରମ୍ଭ

ଢେଙ୍କାନାଳ,୧୫ ।୧(ସମିସ)

ଢେଙ୍କାନାଳ ଜିଲ୍ଲାରେ ୧୮୨ ପ୍ରାଥମିକ ବିଦ୍ୟାଳୟ ଦୀର୍ଘବର୍ଷ ହେବ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ତନ୍ମଧ୍ୟରୁ ୨୪ଟି ସ୍କୁଲକୁ ପୁନର୍ବାର ଖୋଲାଯିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜଙ୍ଗଲ, ଜନ୍ତୁ, ବିପଦସଙ୍କୁଳ ରାସ୍ତା ଦେଇ କୁନି କୁନି ପିଲାମାନେ ପ୍ରତ୍ୟେକ ଦିନ ଦୂର ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି।

ଜିଲ୍ଲାର ୮ ବ୍ଲକରେ ୮୮୭ଟି ପ୍ରାଥମିକ ବିଦ୍ୟାଳୟ, ୬୯୫ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ୨୭୬ଟି ମାଧ୍ୟମିକ ବିଦ୍ୟାଳୟ ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧ଲକ୍ଷ ୨୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ସାକ୍ଷରତା ହାର ୭୮.୮ ପ୍ରତିଶତ ରହିଛି। ତେବେ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଡିଣ୍ଡିମ ପିଟାଯାଉଥିବା ବେଳେ ଗୋଟିଏ ପରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିଦିଆଯାଉଛି। ଜିଲ୍ଲାରେ ୧୮୨ ବିଦ୍ୟାଳୟ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ସଦର ବ୍ଲକରେ ୨୩ଟି, ଢେଙ୍କାନାଳ ପୌରାଞ୍ଚଳରେ ୧୧ଟି, ଗଁଦିଆ ବ୍ଲକରେ ୧୨ଟି, ଓଡ଼ାପଡ଼ାରେ ୨୦ଟି, ହିନ୍ଦୋଳ ବ୍ଲକରେ ୨୭ଟି, ହିନ୍ଦୋଳ ଏନଏସିରେ ଗୋଟିଏ, କାମାକ୍ଷାନଗର ବ୍ଲକରେ ୧୯ଟି, ଏନଏସିରେ ୪ଟି, ପରଜଙ୍ଗରେ ୨୦ଟି, କଙ୍କଡ଼ାହାଡ଼ରେ ୯ଟି ଏବଂ ଭୁବନରେ ୧୧ଟି ବିଦ୍ୟାଳୟ ବନ୍ଦ ହୋଇଛି। ଫଳରେ କୁନିକୁନି ଛାତ୍ରଛାତ୍ରୀମାନେ ବନ୍ୟଜନ୍ତୁ, ହାତୀ, ବାରହା ପଲଙ୍କ ଭୟ ସହ ବିପଦସଙ୍କୁଳ ରାସ୍ତା ଦେଇ ଦୂର ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ଏଭଳି ସ୍ଥିତିରେ

**ବନ୍ଦ ବିଦ୍ୟାଳୟଗୁଡ଼ିକରେ ଅସାମାଜିକଙ୍କ ଆଡ୍ଡା**

ଅଭିଭାବକମାନେ ଛାତ୍ରଛାତ୍ରୀଙ୍କୁ ବର୍ଷା ହେଲେ କିମ୍ବା ନିଜେ ନ ରହିଲେ ବିଦ୍ୟାଳୟକୁ ଛାଡୁନାହାନ୍ତି। ଗୋଟିଏ ଗୋଟିଏ ବିଦ୍ୟାଳୟ ଗ୍ରାମଠାରୁ ୫ କିଲୋମିଟର ଦୂରରେ ମଧ୍ୟ ରହିଛି। ଏହାମଧ୍ୟରେ ଅଧିକ ୧୮୨ଟି ବିଦ୍ୟାଳୟ ପୁଣି ବନ୍ଦ କରିବା ପାଇଁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଯେଉଁ ବିଦ୍ୟାଳୟଗୁଡ଼ିକରେ ୨୦ରୁ କମ ଉପସ୍ଥାନ କିମ୍ବା ୨୦ ଛାତ୍ରଛାତ୍ରୀ ରହିଛନ୍ତି ସେ ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯିବ। ସଦର ବ୍ଲକରେ ୯ଟି ବିଦ୍ୟାଳୟରେ ଉପସ୍ଥାନ କମ ରହିଥିବା



ବେଳେ ୧୪ଟି ମିଶ୍ରଣ ପାଇଁ ଏବଂ ପୌରାଞ୍ଚଳରେ ୫ଟି ବନ୍ଦ ଏବଂ ୬ଟି ମିଶ୍ରଣ, ଗଁଦିଆ ବ୍ଲକରେ ୭ଟି ବନ୍ଦ ୫ଟି ମିଶ୍ରଣ ପାଇଁ, ଓଡ଼ାପଡ଼ାରେ ୧୦ଟି ବନ୍ଦ ଏବଂ ୧୦ଟି ମିଶ୍ରଣ ପାଇଁ, ହିନ୍ଦୋଳରେ ୧୭ଟି ବନ୍ଦ ଏବଂ ୯ଟି ମିଶ୍ରଣ ପାଇଁ, ହିନ୍ଦୋଳ ଏନଏସିରେ ଗୋଟିଏ, କାମାକ୍ଷାନଗରରେ ୧୩ଟି ବନ୍ଦ ଏବଂ ୬ଟି ମିଶ୍ରଣ ପାଇଁ ଏନଏସିରେ ୩ଟି, ପରଜଙ୍ଗରେ ୧୫ଟି ବନ୍ଦ ଏବଂ ୫ଟି ମିଶ୍ରଣ ପାଇଁ, କଙ୍କଡ଼ାହାଡ଼ରେ ୯ଟି ଏବଂ ଭୁବନରେ ୪ଟି ବନ୍ଦ ଏବଂ ୭ଟି ମିଶ୍ରଣ ପାଇଁ ନିର୍ଦ୍ଦେଶ ରହିଛି। ଏହାକୁ ନେଇ ପୁଣି ୨୫ଟି ବିଦ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ହୋଇଥିବା ବେଳେ ଅନ୍ୟ ୨୩ଟି ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ଜିଲ୍ଲା ଶିକ୍ଷାବିଭାଗ ତରଫରୁ ଓସେପାକୁ ପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ ରହିଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ବନ୍ଦ ବିଦ୍ୟାଳୟଗୁଡ଼ିକ ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାପଡ଼ିଛି।

## ଏମ୍‌ଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; କଙ୍କିଳି ଚାମ୍ପିଅନ



କଙ୍କଡ଼ାହାଡ଼,୧୫ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ଗ୍ରାମ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏମଏମସିସି ଗଡ଼ପଳାଶୁଣି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ୩୪ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ କଙ୍କିଳି ଏକାଦଶ ଓ ବିରିବୋଲେଇ ଦଳ ମଧ୍ୟରେ ଖେଳାଯାଇଥିଲା। କଙ୍କିଳି ବିଜୟୀ ହୋଇ ଚାମ୍ପିଅନ ହୋଇଛି। ବିରିବୋଲେଇ ଦଳ ପ୍ରଥମେ ବ୍ୟାଟିଂ କରି ୫୨ ରନ କରିଥିଲା। ଜବାବରେ କଙ୍କିଳି ଦଳ ୧୩ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା। ସୁବ୍ରତ ବେହେରା ଏବଂ ସୁରେଶ ପାତ୍ର ଖେଳ ପରିଚାଳନା କରିଥିଲେ। ରଞ୍ଜିତ ସାହୁ, ବାବୁଲା ସେଠ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଦଳର ମାନସ ସାମଲ, ବାଦଲ ସାମଲ, ଅଜିତ ସେଠ, ରାଜୁ ସେଠ, ଚିନ୍ମୟ ସେଠ, ବସନ୍ତ ସେଠ, ଜିଲୁ ବେହେରା, ଲିପୁନ ଜେନା, ଦେବେନ୍ଦ୍ର ସେଠ, ପ୍ରଦୀପ ସେଠ, ରାହୁଲ ସାମଲ, ଟୁବୁ ସେଠ, ଚଗି ବେହେରା ସହଯୋଗ କରିଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର, ସମ୍ମାନିତ ଅତିଥି ଭାବେ ବାପୁଜୀ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟାପକ ଦାମୋଦର ବେହେରା, ଦଶିପୁର ସରପଞ୍ଚ ସୁଧୀର ପାଲ, ପଡ଼ାତିରା ସରପଞ୍ଚ କରୁଣାକର ସାହୁ, ବାମର ସରପଞ୍ଚ ଫକିର ମୋହନ ମହାନ୍ତି, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ସାମ୍ବାଦିକ ଚଗଲା ଦେହୁରୀ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଦଳକୁ ୨୫ ହଜାର ଟଙ୍କା ଓ ରନର୍ସଆପ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

## ମାଣିକଘାଗି ମକର ମେଳା ଟୁସୁ ପରବ ଉତ୍ସବ



କଙ୍କଡ଼ାହାଡ଼,୧୫ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତ ମାଣ୍ଡିଆପଡ଼ା ଗ୍ରାମରେ କୁଡୁମି ସମାଜର ଜନସାଧାରଣ ମିଶି ମାଣିକଘାଗି ମକର ମେଳା ଟୁସୁ ପରବ ଧୁମଧାମରେ ପାଳନ କରିଛନ୍ତି। ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ କୁଡୁମି ସମ୍ପ୍ରଦାୟର ଟୁସୁ ଦେବୀଙ୍କୁ ସ୍ମରଣ କରିବା ପାଇଁ ସମାଜର ଜନସାଧାରଣ ଏକତ୍ରିତ ହୋଇଥାନ୍ତି। କିମ୍ବଦନ୍ତୀ ଅଛି ଯେ ଟୁସୁ ଦେବୀ ସାହସୀ ଥିଲେ ଓ ନିଜ ଜାତି ପାଇଁ ଜୀବନ ବଳି ଦେଇଥିଲେ। ଓଡ଼ିଶା କୁଡୁମି ସମାଜ ବ୍ଲକ ସମ୍ପାଦକ ଉମେଶ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ସମାଜର ଏହି ନିଆରା କାର୍ଯ୍ୟକ୍ରମରେ ସାମିଲ ହୋଇ ଆନନ୍ଦିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ସନ୍ତୋଷ କୁମାର ସାହୁ, ପୂର୍ବତନ ସରପଞ୍ଚ ମିଶ୍ର ମହାନ୍ତ, ଆଶୁତୋଷ ପଣ୍ଡା, ହୃଦାନନ୍ଦ ବେହେରା, ପୂର୍ବତନ ସମିତି ସଦସ୍ୟ ମୋହନ ସିଂହ, ସମାଜର ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସମାଜର ଲୋକମାନେ ଟୁସୁ ଦେବୀଙ୍କ ୧୫ଟି ଆକର୍ଷଣୀୟ ମେଢ଼ ଆଣି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସମାଜର ପୁରୁଷ ଓ ମହିଳା ପାରମ୍ପରିକ ନୃତ୍ୟ ଝୁମର ଏବଂ ଟୁସୁ ଗୀତ ଗାଇଥିଲେ। ମେଲଣ ପଡ଼ିଆରେ ଝୁମର ନୃତ୍ୟ ଓ ଟୁସୁ ଗୀତରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୁଡୁମି ସମାଜ ବ୍ଲକ ସଭାପତି ଯୁଗଳ କିଶୋର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ଟାଟା ଷ୍ଟିଲ ୟାଟ୍ସରେ ଢେଙ୍କାନାଳ ଓ ତାଳଚେର ଛାତ୍ରଛାତ୍ରୀଙ୍କ ବାଜିମାତ**

## ଇସ୍ରୋ ଯିବେ ଆୟୁଷୀ, ଶତାକ୍ଷୀ ଏବଂ ଓମପ୍ରକାଶ



ଢେଙ୍କାନାଳ,୧୫ ।୧(ସମିସ): ଢେଙ୍କାନାଳ ଜିଲ୍ଲା ମେରାମଣ୍ଡଳୀ ଟାଟା ଷ୍ଟିଲ ୟାଟ୍ସ ଟାଟା ଷ୍ଟିଲ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣରେ ଅଂଶଗ୍ରହଣ କରି ତାଳଚେର ଏବଂ ଢେଙ୍କାନାଳର ଛାତ୍ରଛାତ୍ରୀମାନେ ବାଜିମାତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ୭୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ତାଳଚେର ଏବଂ ଢେଙ୍କାନାଳର ୩ ବିଦ୍ୟାର୍ଥୀ ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଫଳରେ ସେମାନେ ଇସ୍ରୋ ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ବ୍ରାହ୍ମଣୀ ପବ୍ଲିକ ସ୍କୁଲର ଆୟୁଷୀ ସାମଲ, ଜିଏମଆର ଭରଲକ୍ଷ୍ମୀ ଡିଏଭି ସ୍କୁଲର ଶତାକ୍ଷୀ ଦ୍ୱିବେଦୀ ଓ ତାଳଚେର ପଡ଼ିଆଭଙ୍ଗା ପଶ୍ଚିମାଞ୍ଚଳ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଓମପ୍ରକାଶ ବେହେରା କୃତିତ୍ୱ ହାସଲ କରିଛନ୍ତି। ଆୟୁଷୀଙ୍କ କହିବା ଅନୁସାରେ ସେ ମହାକାଶ ବିଜ୍ଞାନ ପ୍ରତି ଆଗ୍ରହୀ ଥିବାବେଳେ ଭବିଷ୍ୟତରେ ମହାକାଶ ଅଭିଯାନରେ ଯୋଗଦେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଶତାକ୍ଷୀ ପ୍ରଧାନ ଇସ୍ରୋ ଭ୍ରମଣ ତାଙ୍କୁ ପ୍ରତିରକ୍ଷା ଗବେଷଣା ଏବଂ ବିଜ୍ଞାନ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ବୋଲି କହିଛନ୍ତି।

## ଦୁଇଦିନିଆ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ



ଢେଙ୍କାନାଳ,୧୫ ।୧(ସମିସ): ସ୍ଥାନୀୟ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ସଭାଗୃହରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆର୍ଥିକ ସହଯୋଗରେ ସଂସ୍କୃତ ଅଧ୍ୟୟନ କେନ୍ଦ୍ର ଓ ଏନ୍‌ଏଏସି ବିଭାଗର ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂସ୍କୃତ ବିଭାଗ ମୁଖ୍ୟ ଉଦ୍ଧବ ମଲ୍ଲିକଙ୍କ ଆବାହକତ୍ୱ, ସଂସ୍କୃତ ଶିକ୍ଷକ ଅରିନ୍ଦମ ପାରୁଇଙ୍କ ତତ୍ତ୍ୱାବଧାନ, ଅଧ୍ୟକ୍ଷ ଡ. ଶକୁନ୍ତଳା ଜେନାଙ୍କ ପୌରୋହିତ୍ୟ, ପ୍ରଶାସନିକ ମୁଖ୍ୟ ଭୁବନେଶ୍ୱର ମୁଦୁଲିଙ୍କ ସହଯୋଗ ତଥା ସତ୍ୟନାରାୟଣ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଡ. ରଞ୍ଜିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ଜ୍ଞାନ ପରମ୍ପରାରେ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ସେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ନିର୍ମଳ ସୁନ୍ଦର ମିଶ୍ର ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଜ୍ଞାନବିଜ୍ଞାନର ଭିତ୍ତିଭୂମି ଓ ଏହାର ପରିବ୍ୟାପ୍ତିତା ସୁଦୂରପ୍ରସାରୀ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିକାଶ ରଞ୍ଜନ ରଣା, ଡ. ଶିଶିର କୁମାର ସେଠୀ, ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଉଦ୍ଧବ ମଲ୍ଲିକ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ।

ଦ୍ୱିତୀୟ ଦିନରେ ଆଲୋଚନା ସଭା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂସ୍କୃତ ନାଟକ, ସଂସ୍କୃତ ଗୀତ, ସଂସ୍କୃତ ରିଲ୍ସ ଏବଂ ସଂସ୍କୃତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଅର୍ଚ୍ଚନା ବେହେରା, ଅଧ୍ୟାପକ ନେତ୍ରାନନ୍ଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବସ୍ମିତା ପାଲୌର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସ୍କୃତ ଅଧ୍ୟୟନ କେନ୍ଦ୍ର ସଞ୍ଚାଳକ ତଥା ଶିକ୍ଷକ ଅରିନ୍ଦମ ପାରୁଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାରଳା କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଢେଙ୍କାନାଳ,୧୫ ।୧(ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ରତ୍ନପ୍ରଭା ଦେବୀ ଷ୍ଟାଡିୟମ୍‌ରେ ଶାରଳା କ୍ଲବର ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଗୁଣ୍ଡିଚାପଡ଼ା ଗ୍ରାମ ସଭାପତି ମୀନକେତନ ସାହୁ ତଥା ସମ୍ପାଦକ ସୁଲେମାନ ଅଲ୍ଲୀ ଖାଁ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଫୁଟବଲ୍ ଆସୋସିଏସନ ସଭାପତି ପୁରୁଷୋତ୍ତମ ରାଉତ, ଶାରଳା କ୍ଲବ୍ ପରିଚାଳକ ମହିଉଦ୍ଦିନ ଖାଁ, ବାବା ଚନ୍ଦ୍ରଶେଖର ଫୁଟବଲ ଆସୋସିଏସନ ଉପଦେଷ୍ଟା ଗଙ୍ଗାଧର ରାଉତ, ପୂର୍ବତନ ଖେଳାଳି ଅନିଲ୍ ନନ୍ଦ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ୍‌ରେ ମୁକ୍ତାଦେଇପୁର ଅହମଦିୟା ଫୁଟବଲ୍ କ୍ଲବ୍ ବଳରାମପୁର ବଳଦେବଜୀଉ ଫୁଟବଲ୍ କ୍ଲବ୍‌କୁ ୧-୦ ଗୋଲରେ ପରାସ୍ତ କରିଛି। ରେଫରୀ ମଣ୍ଟି ସ୍ୱାଇଁ, ଅମୂଲ୍ୟ ସାମଲ ଓ ମନୋଜ ସେଠୀ ଖେଳ ପରିଚାଳନା କରିଥିଲେ। ସ୍ୱରୂପ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ୨୨ ତାରିଖ ଫାଇନାଲ୍ ଖେଳ ଅନୁଷ୍ଠିତ ହେବ ବୋଲି ପରିଚାଳକ ମହିଉଦ୍ଦିନ ଖାଁ ସୂଚନା ଦେଇଛନ୍ତି।

**ଜଙ୍ଗଲରୁ ଶିଶୁପୁତ୍ର ପାଇଥିଲେ ନିଃସନ୍ତାନ ଦମ୍ପତି**

# ମାସକ ପରେ ଉଠାଇନେଲେ ଶିଶୁ ବିକାଶ ଅଧିକାରୀ

ଢେଙ୍କାନାଳ,୧୫ ।୧(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ବାଛୁରୀବାଙ୍କ ଗ୍ରାମର ନିଃସନ୍ତାନ ଦମ୍ପତି ଜଙ୍ଗଲରୁ ଏକ ଶିଶୁପୁତ୍ରକୁ ଉଦ୍ଧାର ନିଜ ଘରେ ଲାଳନପାଳନ କରୁଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଶିଶୁ ବିକାଶ ଅଧିକାରୀ ଶିଶୁପୁତ୍ରକୁ ନେଇଯାଇଛନ୍ତି। ଶିଶୁପୁତ୍ରକୁ ଫେରାଇ ଦେବାକୁ ଦମ୍ପତି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଶିଶୁପୁତ୍ରକୁ ପାଇବା ପାଇଁ ମହିଳା ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି।

ବାଙ୍ଗୁରୁସିଂହ ପଞ୍ଚାୟତ ବାଛୁରୀବାଙ୍କ ଗ୍ରାମର ମୃଷା ନାଏକଙ୍କ ଅଭିଯୋଗ ଅନୁସାରେ ଗତ ଡିସେମ୍ବର ୧୨ ତାରିଖ ସେ ଜଙ୍ଗଲରେ ଛେଳି ଚରାଉଥିବା ବେଳେ ଏକ ବୁଦାମୂଳରୁ ଶିଶୁପୁତ୍ରକୁ ପାଇଥିଲେ। ଏ ସମ୍ପର୍କରେ ମୃଷା ଗ୍ରାମବାସୀଙ୍କୁ ଜଣାଇବା ପରେ ସମସ୍ତଙ୍କ ସହଯୋଗରେ ଶିଶୁର ଲାଳନପାଳନ କରିବା ସହିତ ନାମକରଣ ଉତ୍ସବ ପାଳନ କରି ଶିଶୁର ନାମ ବିଷ୍ଣୁପ୍ରସାଦ ନାଏକ ରଖାଯାଇଥିଲା। କିନ୍ତୁ ଜାନୁଆରୀ ୧୩ ତାରିଖ ହଠାତ ଶିଶୁ ବିକାଶ ଅଧିକାରିଣୀ, ମହିଳା ବିକାଶ ଅଧିକାରୀ, ସରପଞ୍ଚ, ମୋଟଙ୍ଗା ଥାନା ଅଧିକାରୀ, ଆଶାକର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତରେ ଶିଶୁପୁତ୍ରକୁ ତା'ର ପାଳିତ ମାଆ ବାସନ୍ତୀ ନାଏକଙ୍କଠାରୁ ନେଇଯାଇଥିଲେ। ଘଟଣାକୁ ନେଇ ସେ ବିଧାୟିକା, ସାଂସଦ, ବିଡିଓଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଛୁଆକୁ ନେବା ପାଇଁ ଜିଲ୍ଲାପାଳ ଅଫିସରେ କାନ୍ଦି କାନ୍ଦି ଗଡ଼ିବା ସହ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଛୁଆଟିକୁ ପାଳିଥିବା ମୃଷା ନାଏକ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ନାଏକ ଶିଶୁପୁତ୍ରକୁ ନେବା ପାଇଁ ଜିଦରେ ଅଡ଼ି ବସିଛନ୍ତି। ସୂଚନାଯୋଗ୍ୟ, ଗତ ୩୦ ବର୍ଷ ହେବ ଦମ୍ପତିଙ୍କର ବାହାଘର ହୋଇଥିଲେ ମଧ୍ୟ ତାଙ୍କର ପିଲାଛୁଆ ନ ଥିବାରୁ ପାଇଥିବା ଶିଶୁକୁ ନିଜ ଛୁଆ ଭାବି ଲାଳନପାଳନ କରିଆସୁଥିଲେ।



**ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ**

**ବୀର ବେନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ସେମିଫାଇନାଲରେ ଝାଡ଼ଖଣ୍ଡ




ପରଜଙ୍ଗ,୧୫ ।୧(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ଉର୍ଜା ଟ୍ରଷ୍ଟ ଏବଂ ପରଜଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବୀର ବେନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଝାଡ଼ଖଣ୍ଡ ୟୁନିୟନ ସ୍ପୋର୍ଟିଂ କ୍ଲବ ଓ ବ୍ରହ୍ମପୁର ଆଲଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଝାଡ଼ଖଣ୍ଡ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବ୍ରହ୍ମପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ୨୦ ଓଭରରେ ଦଳ ୧୨୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଝାଡ଼ଖଣ୍ଡ ଦଳ ୧୭.୫ ଓଭରରେ ୩ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅଭିଷେକ ସାହୁ ଓ ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରେମାନନ୍ଦ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବ୍ୟାଟର ଭାବେ ଝାଡ଼ଖଣ୍ଡର ନିତୀନ କୁମାର ଓ ବେଷ୍ଟ ବୋଲର ଭାବେ ସୁରବୀର ଚନ୍ଦ୍ର ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଇଞ୍ଜିନିୟର ମଧୁସୂଦନ ସାହୁ, ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ଜିତେନ୍ଦ୍ର କୁମାର ମହାରଣା, ସମାଜସେବୀ ସରୋଜକାନ୍ତ ବେହେରା, ପୂର୍ବତନ ଖେଳାଳି ମନୋରଞ୍ଜନ ବିଶ୍ୱାଳ, ଉର୍ଜା ଟ୍ରଷ୍ଟ ଅଧ୍ୟକ୍ଷ ଦୀପକ ଗୋଛୟତ, ସଦସ୍ୟ ହରୀଶ ଚନ୍ଦ୍ର ବେହେରା, ବଦ୍ରିନାରାୟଣ ଦଳବେହେରା ଯୋଗଦେଇଥିଲେ। ଖେଳ ଜାରି ରହିଥିବା ବେଳେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଏବଂ ଜିଏମ୍‌ଆର ପ୍ଲାଣ୍ଟର ସୁଶୀଳ ଚୌଧୁରୀ ପହଞ୍ଚି ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

# କେବେ ସରିବ ତାଳଚେର-ବିମଳାଗଡ଼ ରେଳପଥ କାମ?

ଖମାର,୧୫ ।୧(ସମିସ)

ଭଗବାନଙ୍କ ଭରସାରେ ତାଳଚେର-ବିମଳଗଡ଼ ରେଳପଥ କାମ। ୬୦ ଦଶକର ଏହି ପ୍ରକଳ୍ପ କେବେ ସରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ଦାବି ଆନ୍ଦୋଳନ ପରେ ୨୦୦୨-୦୩ରେ ଏହି ପ୍ରକଳ୍ପକୁ ଅନୁମୋଦନ ମିଳିଥିଲା। ଇତିମଧ୍ୟରେ ୨୩ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ରେଳପଥରେ ଆଜିପର୍ଯ୍ୟନ୍ତ ଗୋଟିଏ ବି ପାସେଞ୍ଜର ଟ୍ରେନ ଗଡ଼ିପାରିଲା ନାହିଁ।

୨୦୨୦ ଜାନୁଆରୀରେ ସୁନାଖଣି ଷ୍ଟେସନ ଓ ୨୦୨୪ ମାର୍ଚ୍ଚରେ ସମଲ ଷ୍ଟେସନ ପର୍ଯ୍ୟନ୍ତ ସୁରକ୍ଷା ଯାଞ୍ଚ ଶେଷ କରିସାରିଛି ରେଳ ବିଭାଗ। ୨୦୨୪ ମେ ମାସରେ ପରୀକ୍ଷାମୂଳକ ଭାବେ ଏକ ଇଞ୍ଜିନ ପରାବିଲ ପର୍ଯ୍ୟନ୍ତ ଆସିଥିଲା। ପରାବିଲ ଷ୍ଟେସନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଶେଷ




ହୋଇସାରିଥିଲେ ମଧ୍ୟ ରେଳ ବିଭାଗ କାହିଁକି କୌଣସି ପାସେଞ୍ଜର ଟ୍ରେନ ଗଡ଼ାଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ଏହି ଲାଇନରେ ପରାବିଲ ଷ୍ଟେସନ ପର୍ଯ୍ୟନ୍ତ ଲୋକଙ୍କ ହିତ ଦୃଷ୍ଟିରୁ ତାଳଚେର ପାସେଞ୍ଜର ଟ୍ରେନ ତୁରନ୍ତ ସମ୍ପ୍ରସାରଣ କରିବାକୁ ସାଧାରଣରେ ଦାବି ଉଠିଛି। ଏହି ଲାଇନର କାର୍ଯ୍ୟ ଶେଷ ହୋଇଥିବା ସୁନାଖଣି, ସମଲ ଓ ପରାବିଲ ଷ୍ଟେସନ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ଯାଉଥିବାରୁ ବିଧାୟକ ଅଶୋକ ମହାନ୍ତି ତଥା ଏହି ଅଞ୍ଚଳର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲୋକେ ଦାବି କରିଛନ୍ତି।

୧୪୯ କିମି ଦୀର୍ଘ ଏହି ରେଳ ଲାଇନ ପାଇଁ ଅନୁଗୋଳ ଜିଲ୍ଲାର ୬୭, ଦେବଗଡ଼ ଜିଲ୍ଲାର ୧୯, ସୁନ୍ଦରଗଡ଼ ଜିଲ୍ଲାର ୨୯ଟି ଗ୍ରାମରୁ ମୋଟ ୨୧୫୩.୫୩ ଏକର ଜମି ଅଧିଗ୍ରହଣ ଆବଶ୍ୟକ। ଏହି ୩ ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ଶେଷ ହୋଇପାରିନାହିଁ। ଅନୁଗୋଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ଜମି ଅଧିଗ୍ରହଣ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି କିନ୍ତୁ ଦେବଗଡ଼ ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଜମି ଅଧିଗ୍ରହଣ ପାଇଁ ପ୍ରତି ମାସରେ ଥରେ ରାଜସ୍ୱ ବିଭାଗୀୟ କମଶନର, ସମ୍ବଲପୁର ସମୀକ୍ଷା ବୈଠକ କରିଥିଲେ। ମାତ୍ର ୨୦୨୩ରୁ ତାହା ବନ୍ଦ ହୋଇଯାଇଛି। ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ ପାଇଁ ରେଳ ବିଭାଗ ଯେଉଁ ଆନ୍ତରିକତା ଦେଖାଉଛି ତାହା ଏହି ଲାଇନ ପାଇଁ ଦେଖାଉନାହିଁ। ଏହି ଲାଇନ କେବେ ଶେଷ ହେବ ତାହାର ଉତ୍ତର କାହା ପାଖରେ ନାହିଁ। ଏହି ଲାଇନ ପାଇଁ ରେଳ ବିଭାଗ, ରେଳମନ୍ତ୍ରୀ, ରାଜ୍ୟ ସରକାର ସମସ୍ତେ ଚୁପ୍। ପୂର୍ବ ସରକାର ସମୟରେ ରେଳ ବିଭାଗ ଗୋଟିଏ ଦୋଷ ଦେଇଆସୁଥିଲା ଯେ ସରକାର ଆମକୁ ଜମି ଦେଉନାହାନ୍ତି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିଲେ ମଧ୍ୟ ଜମି ଅଧିଗ୍ରହଣ କାହିଁକି ଶେଷ ହେଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଚୋରି ଅଭିଯୋଗରେ ଜଣେ ଗିରଫ

କିଶୋରନଗର,୧୫ ।୧(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରେ ବୁଧବାର ସୁଭଦ୍ରା ସାହୁଙ୍କ ଘରେ ଘଟିଥିବା ଚୋରି ଘଟଣାରେ ପୁଲିସ ୨୪ ଘଣ୍ଟା ନ ପୂରୁଣୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ମନମୋହନ ପ୍ରଧାନ (୩୧)। ପୁଲିସ ତାଙ୍କୁ ହଣ୍ଡପା ଅଞ୍ଚଳର ଏକ ଜଙ୍ଗଲରୁ ଗିରଫ କରିଛି। ମନମୋହନ ପୁଲିସକୁ ଚକମା ଦେଇ ରାଜ୍ୟ ବାହାରକୁ ପଳାଇବା ପାଇଁ ଯୋଜନା କରୁଥିଲେ। ତେବେ ପୁଲିସ ଅତ୍ୟାଧୁନିକ ତଦନ୍ତ କୌଶଳରେ ତାହା ଜାଣି ଚଢ଼ଉ କରିଥିଲା। ଥାନାର ଏସ୍‌ଆଇ ମନୋଜ କୁମାର ବେହେରା ତାଙ୍କୁ ମାଡ଼ିବସିଥିଲେ।

ଅଭିଯୁକ୍ତ ବିରୋଧରେ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ଜଣେ ପେସାଗତ ଅପରାଧୀ ଓ ତାଙ୍କ ନାମରେ ପୂର୍ବରୁ ଅନେକ ଚୋରି ମାମଲା ରହିଛି। ଏକ ମନ୍ଦିର ଚୋରି ଘଟଣାରେ ମଧ୍ୟ ସେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କ ପାଖରୁ ଚୋରି ହୋଇଥିବା ସମସ୍ତ ସୁନାରୁପା ଗହଣା, ଟଙ୍କା ସହ ମାରଣାସ୍ତ୍ର ଜବତ କରାଯାଇଥିବା ପୁଲିସ ସୂଚନା ଦେଇଛି।

## ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ଡେରାବିଶ,୧୫।୧(ସମିସ): ହରିଅଙ୍କ ପଞ୍ଚାୟତ ପାଣିଓଳାସ୍ଥ ଶ୍ରୀରାମଙ୍କ ମନ୍ଦିର ପ୍ରାଙ୍ଗଣରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ସମାଜସେବୀ ପ୍ରାଧ୍ୟାପକ ଅଜୟ ରାଉତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପଣ୍ଡିତ ହୃଷିକେଶ ରଥ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମନୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ ଜେନା ଓ ସୁରେନ୍ଦ୍ର ନାଥ ସ୍ୱାଇଁ ଯୋଗ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ପ୍ରଶାନ୍ତ ଶତପଥୀ, ପ୍ରଶାନ୍ତ ମଣ୍ଡଳ, ଶରତ ପ୍ରଧାନ, ପତିତପାବନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷାବିତ୍ ମନୋଜ ପ୍ରଧାନ ଓ ଡାକ୍ତର ରାଜକିଶୋର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ରମେଶ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସରପଞ୍ଚ କନକଲତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦିଲ୍ଲୀପ ପରିଡ଼ା, ବଳରାମ ପରିଡ଼ା, ଗୌତମ ସ୍ୱାଇଁ, ସୁଶାନ୍ତ ବଳ ପ୍ରମୁଖ ପରିଚାଳନା କରିଥିଲେ।

## କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଦିବସ

ଡେରାବିଶ,୧୫।୧(ସମିସ): ଗୁଆଳସିଂ ପଂଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ଭାରତର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପଳିତ ହୋଇଯାଇଛି। ଅଧକ୍ଷା ଆଦ୍ୟାରଶ୍ମୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର, ମେରା ଯୁବ ଭାରତର ଜିଲ୍ଲା ଅଧିକାରୀ ଗୋଲି ତିରୁପତି ରେଡ୍ଡି ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି ଓ ଲକ୍ଷ୍ମୀକାନ୍ତ ଜେନା ପରିଚାଳନା କରିଥିବାବେଳେ ରାଜ ମଲିକ, ଅଙ୍କିତା ମିଶ୍ର, ଜଗନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

ଡେରାବିଶ, ୧୫।୧(ସମିସ): ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ଆଜି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ବିପିନ ସାହୁ, ମାତୃଦତ୍ତ ମହାନ୍ତି, ଶଶୀପ୍ରସାଦ ମହାରଣା, ରୁଦ୍ରନାରାୟଣ କର ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶନରେ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଥିଲେ। ଇଂ ପ୍ରଦୀପ୍ତ ସ୍ୱାଇଁ, ନିହାରିକା ସାମଲ, ଶୁଭମ ଦାସ ଓ ଅକ୍ଷୟ କାଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ରାଜନଗର,୧୫।୧(ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଆଲୋଚନା କରି ତାଙ୍କ ପ୍ରେରଣା, ଚେତନା ଓ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୋଇ ଆଗକୁ ବଢିବା ପାଇଁ ମାର୍ଗଦର୍ଶନ କରିଥିଲେ। ରାଜନୀତି ବିଭାଗ ଅଧ୍ୟାପକ ପ୍ରତାପ ସ୍ୱାଇଁ ସଭା ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଭିମନ୍ୟୁ ରାଉତ, ଅଧ୍ୟାପକ ପର୍ଶୁରାମ ନାଥ, ସନ୍ଦୀପ ମହାପାତ୍ର, ରତ୍ନାକର ନାୟକ, ଅଧ୍ୟାପିକା ମିତା ରାଉତ ଯୋଗ ଦେଇଥିଲେ। ଏ ଅବସରରେ ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଯୁବ ଦିବସ

ରାଜନଗର, ୧୫।୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଦେବୀ ମଣ୍ଡପରେ ନଗର ସମ୍ପାଦକ ସୁକୁମାର ମାନ୍ନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ମୁଖ୍ୟଅତିଥି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଓଡ଼ିଶା ପୂର୍ବ ରାଜ୍ୟ ସହ ସମ୍ପାଦିକା ତୁଳସୀ ମଲ୍ଲିକ ସମ୍ମାନିତ ଅତିଥି ଓ ଦୀପ୍ତିମୟୀ ପଢିହାରୀ ମୁଖ୍ୟବକ୍ତା ଓ ଅତିଥି ଭାବେ ରାଜନଗର ନଗର ସଭାନେତ୍ରୀ ଅଧ୍ୟାପିକା ତନୁଶ୍ରୀ ମିଶ୍ର ଯୋଗ ଦେଇଥିଲେ।

ଏହି ଅବସରରେ ହଜାରେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ମହିଳା ରାଜନଗର ବଡଦାଣ୍ଡରୁ ଶୋଭାଯାତ୍ରାରେ ବାହାରି ରାଜନଗର ଗାଁ ଓ ବଜାର ପରିକ୍ରମା କରି ଦେବୀମଣ୍ଡପ ଛକରେ ପହଞ୍ଚିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଆ ଫୁଲ ଚନ୍ଦନ ଦେଇ ବନ୍ଦାପନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ହାତରେ ଜାତୀୟ ପତାକା ଓ ୨ଶହ ଫୁଟ ଲମ୍ବର ଜାତୀୟ ପତାକା ଧରିଥିଲେ। ପୂର୍ବରୁ ଖେଲୋ ଭାରତ ଓ ରାଷ୍ଟ୍ରୀୟ କଳାମଞ୍ଚ ଦ୍ୱାରା କରାଯାଇଥିବା କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଞ୍ଚାୟତର ସ୍ୱଚ୍ଛତା କର୍ମୀ ସୁରେନ୍ଦ୍ର ମାହାରୀ, ଯୁବ ବୈଜ୍ଞାନିକ ପ୍ରିୟବ୍ରତ ପ୍ରଧାନ, ଅବସରପ୍ରାପ୍ତ ସେନା ଅଧିକାରୀ ଗଗନ ସ୍ୱାଇଁ, ପୂର୍ବତନ ନଗର ସମ୍ପାଦକ ରଶ୍ମିରଞ୍ଜନ ସେଠୀ, ପୂର୍ବତନ ଛାତ୍ର ସଂସଦ ସଭାପତି ଦୋଳଗୋବିନ୍ଦ ଜେନା, ଆନ୍ତର୍ଜାତିକ ଓଡିଶୀ ନୃତ୍ୟ ଶିଳ୍ପୀ ରୀତା ସେଠୀ, ବିଶ୍ୱମୋହିନୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନଗର ସହସମ୍ପାଦକ ବିବେକାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ହିମାଂଶୁ ଓଝା, ସତ୍ୟ ନାରାୟଣ ସ୍ୱାଇଁ, ଚନ୍ଦନ ବାରିକ, ସୁମିତ୍ରା ଦାସ, ଶୁଭଶ୍ରୀ ବାଗ, ଅଭିନାଶ କୁଣ୍ଡ, ସୁଶୀଲ ମାଝି, ଅଭିମର୍ଦ୍ଦନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବହିର୍ଚିକିତ୍ସା କେନ୍ଦ୍ରରେ ରକ୍ତ ପରୀକ୍ଷା ଶୁଭାରମ୍ଭ

ନାଲକୋ ନଗର,୧୫ ।୧(ସମିସ): ନାଲକୋ ନଗର ପରିସରରେ ପାରିପାର୍ଶ୍ୱିକ ଗ୍ରାମବାସୀଙ୍କ ନିମିତ୍ତ ଥିବା ବହିର୍ଚିକିତ୍ସା କେନ୍ଦ୍ରରେ ନାଲକୋ ପ୍ରଶାସନ ପକ୍ଷରୁ ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ ଓ ଭେଷଜ ବିଭାଗ ପାଇଁ ରକ୍ତ ନମୁନା ପରୀକ୍ଷା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ପୂର୍ବରୁ ଏଠାରେ କ୍ଷତିଗ୍ରସ୍ତ ଗ୍ରାମବାସୀ ଚିକିତ୍ସିତ ହେବା ସହ ମାଗଣାରେ ଔଷଧ ପାଇଆସୁଥିଲେ। ପ୍ରତ୍ୟେକ ଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରକ୍ତ ନମୁନା ପରୀକ୍ଷା କରାଯିବ। ୨୪ଘଣ୍ଟା ମଧ୍ୟରେ ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ପରୀକ୍ଷାଗାର ସଂସ୍ଥାରୁ ରିପୋର୍ଟ ଦିଆଯିବ ବୋଲି ଲ୍ୟାବ ଦାୟିତ୍ୱରେ ଥିବା ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଲକୋ ଇଡି ସଚ୍ଚିଦାନନ୍ଦ ଜେନା ଯୋଗଦେଇ ରକ୍ତ ପରୀକ୍ଷା ଗୃହକୁ ଫିତାକାଟି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ, ରାଜାରାମ ମିଶ୍ର, ଲୋକସମ୍ପର୍କ ବିଭାଗର ସମୀର ଶୀତଳ ମାଝିଙ୍କ ସମେତ ନାଲକୋ ଫାଉଣ୍ଡେସନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୫ ।୧(ସମିସ): ଅନୁଗୋଳ ଜିଲ୍ଲା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲା ମହୋତ୍ସବର ସଫଳ ଆୟୋଜନ ନିମନ୍ତେ ଆଲୋଚନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ଅନୁଗୋଳ ଷ୍ଟାଡିୟମରେ ୪ ଦିନ ଧରି ଜିଲ୍ଲା ମହୋତ୍ସବ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଏହା ପୂର୍ବରୁ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବା ନିମନ୍ତେ ସ୍ଥିର ହୋଇଛି। ମଶାଲ ଶୋଭାଯାତ୍ରାରେ ଜିଲ୍ଲାର ପାଲଲହଡ଼ା ଖୁଲୁଡ଼ି ଶୈବପୀଠ, ଆଠମଲ୍ଲିକ ଦେଉଳଝରୀ, ଟିକରପଡ଼ା ଶିବମନ୍ଦିର ଓ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର, ଛେଣ୍ଡିପଦାର ବାୟାଣୀ



ପୀଠରୁ ମଶାଲ ଆସି ବିଭିନ୍ନ ବ୍ଲକ୍ ପରିକ୍ରମା କରି ତାଳଚେର ମା' ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହେବା ପରେ ଶୈଳଶ୍ରୀକ୍ଷେତ୍ର ମନ୍ଦିରଠାରେ ସ୍ଥାପିତ ହେବେ ବୋଲି ସ୍ଥିର କରାଯାଇଛି। ମହୋତ୍ସବରେ ଜିଲ୍ଲାର କଳାକାରଙ୍କୁ ପ୍ରଦର୍ଶନ ପାଇଁ ପ୍ରାଥମିକତା ଦିଆଯିବ। ସେହିପରି ଜନସାଧାରଣଙ୍କୁ ପ୍ରାଥମିକତା ଦିଆଯାଇ ଅଧିକରୁ ଅଧିକ ସ୍ଥାନ ସାଧାରଣ ଲୋକଙ୍କ ପାଇଁ ରଖାଯିବ। କୌଣସି ପାସ୍ ବ୍ୟବସ୍ଥା ରହିବ ନାହିଁ। ଜିଲ୍ଲା ମହୋତ୍ସବ ସମୟରେ କବିତା ପାଠୋତ୍ସବ, ଲେଖକ ସମ୍ମିଳନୀ, ଯୋଗ ପ୍ରାଣାୟମ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯିବ। ୬ ଦିନ ଧରି ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ ଏବଂ ଜିଲ୍ଲାର ଐତିହ, ସଂସ୍କୃତି, ପରମ୍ପରା, ଲୋକକଳା, ହସ୍ତଶିଳ୍ପ ସହିତ ସ୍ୱଦେଶୀ ପଦାର୍ଥର ପ୍ରଦର୍ଶନୀ ପାଇଁ ସ୍ୱଦେଶୀ ମେଳାର ଆୟୋଜନ ମଧ୍ୟ କରାଯିବା ନିମନ୍ତେ ବୈଠକରେ ସ୍ଥିର କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିମନ ମଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଜିଲ୍ଲା ସଂସ୍କୃତି ପରିଷଦ ସଭ୍ୟ ତଥା ସାମ୍ବାଦିକ ସଂଗ୍ରାମ ଦାସ, ଆଇନଜୀବୀ ଭବାନୀ ମିଶ୍ର, ଭୂପେଶ ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସକ ଡ. ଧରଣୀଧର ନାଥ ଏବଂ ସୁନାମଧନ୍ୟ ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ୱପ୍ନାରାଣୀ ସିଂହଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ମହୋତ୍ସବ କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା, ରୋଗୀ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୧୫।୧(ସମିସ): ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସଠିକ୍ ସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ହେବ ରୋଗୀ ସେବା ବ୍ୟାହତ ହେବାରେ ଲାଗିଛି। ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ଅଞ୍ଚଳର ରୋଗୀ ଖର୍ଚ୍ଚାନ୍ତ ହୋଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ନଚେତ୍ କଟକ ଓ ଭୁବନେଶ୍ୱରକୁ ଯାଉଥିବା ଅଭିଯୋଗ ହେଉଛି।

ପ୍ରସୂତି ଓ ଗର୍ଭବତୀ ମହିଳା ଚିକିତ୍ସା ପାଇଁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ସେହିପରି ଭେଷଜ ବିଭାଗରେ ଡାକ୍ତର ନ ଥିବାରୁ ସାଧାରଣ ରୋଗୀ ଚିକିତ୍ସାରୁ ବଞ୍ଚିତ ହେଉଛି। ସରକାରଙ୍କ ନିରାମୟ ଯୋଜନା ମଧ୍ୟ ଏଠାରେ ବିପର୍ଯ୍ୟସ୍ତ। ପୂର୍ବରୁ ଏଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ



ବହୁ ବିବାଦୀୟ ହୋଇପଡ଼ିଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ରୋଗୀ କଲ୍ୟାଣ ସମିତି କେବଳ କାଗଜ କଲମରେ ସୀମିତ ରହିଛି। ଜିଲ୍ଲା ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ ଜଣେ ଡାକ୍ତରଙ୍କୁ ଦାୟିତ୍ୱ ଦେଇଥିଲେ। ସେହି ଡାକ୍ତର ସ୍ଥାନାନ୍ତର ହେବା ପରେ ପୁନର୍ବାର ଆଉ ଜଣେ ଡାକ୍ତରଙ୍କୁ ଅସ୍ଥାୟୀ ଭାବେ ପୁନଃନିଯୁକ୍ତ କରାଯାଇଛି। ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଚିକିତ୍ସା ପାଇଁ ଆସୁଥିବାବେଳେ ଡାକ୍ତର ଅଭାବରୁ କେନ୍ଦ୍ରାପଡ଼ା କିମ୍ବା କଟକକୁ ସ୍ଥାନାନ୍ତର କରାଯାଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟାନ୍ୟ ଦିଗ ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ନେଇ ଆଖପାଖ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି। ଦୂରଦୁରନ୍ତରୁ ରୋଗୀ ଚିକିତ୍ସା ଅବହେଳା ଯୋଗୁ ମେଡିକାଲରୁ ମୁହଁ ମୋଡ଼ିବାରେ ଲାଗିବାକୁ ବସିଲେଣି। ଏ ସମ୍ପର୍କରେ ଅଧିକାରୀଙ୍କୁ ପଚାରିବାରୁ ଡାକ୍ତର ଅଭାବରୁ ସମସ୍ୟା ଉପୁଜୁଥିବା କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସହିଦ ବାଜି ରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଅନୁଗୋଳ,୧୫ ।୧(ସମିସ): ଅନୁଗୋଳ ତୁରଙ୍ଗସ୍ଥିତ ଫୁଟବଲ ପଡ଼ିଆରେ ଚତୁର୍ଥ ସହିଦ ବାଜି ରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଗୁରୁବାର ଜିଟିଟିସି ତଳମୂଳ ଏବଂ ଚାନ୍ଦ କ୍ଲବ ଅନୁଗୋଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ସାଂସଦ ରୁଦ୍ରନାରାୟଣ ପାଣି ମ୍ୟାଚକୁ ଉଦଘାଟନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କୁ ଉଚିତ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ସାଂସଦ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ରୋଜାଲିନ ଦାସ, ପ୍ରଶାନ୍ତ ଦାସ, ମହେଶ୍ୱର ଥମ୍ବ, ତୁରଙ୍ଗ ନାଏବ ସରପଞ୍ଚ ପ୍ରତିମା ବେହେରା, ବ୍ରଜବନ୍ଧୁ ସାହୁ, ପ୍ରାକ୍ତନ ସରପଞ୍ଚ ସନ୍ତୋଷ ଥମ୍ବ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



## କିଶୋରନଗର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କିଶୋରନଗର,୧୫ ।୧(ସମିସ): ପିଏମ୍‌ଶ୍ରୀ କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କିଶୋରନଗର ବିଇଓ ଅରୁଣ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ବିଶିଷ୍ଟ ଅତିଥି ଭାବେ ନବକୃଷ୍ଣ ଚୌଧୁରୀ, ଶିକ୍ଷକ-ଶିକ୍ଷା ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଦ୍ରୌପଦୀ ପଟେଲ, ସ୍ୱତନ୍ତ୍ର ଅତିଥି ଭାବେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ନବକୃଷ୍ଣ ଚୌଧୁରୀ,



ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରଫେସର ବିମଳ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କିଶୋରନଗର ଏବିଇଓ ରମଣୀ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ରତ୍ନମଞ୍ଜରୀ ଓ ଦୀପମ ଜ୍ୟୋତି ବେଦମନ୍ତ୍ର ପାଠ କରିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରୀ ତଥା ଭାଷା ସାହିତ୍ୟର ଚାମ୍ପିଅନ ଭାବେ ରତ୍ନମଞ୍ଜରୀ ବାରିକ, ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ମନୀଷରାଜ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ବିତର୍କ, ସମ୍ବାଦ ପଠନ, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରୀ ଶୁଚିସ୍ମିତା, କିଞ୍ଜଲ ଓ ସାଥୀ ଚିତ୍ତାକର୍ଷକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ଭୈରବ କୁମାର ଦେହୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷକ ବିନାୟକ ଦେହୁରୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଛାୟା ବିଧାନସଭା କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା। ଶିକ୍ଷକ ସୁଧୀର କୁମାରଦାର, ଜାଗ୍ରତ ସ୍ୱାଇଁ, ଭରତ ମୁଣ୍ଡା, ହେମନ୍ତ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ପଙ୍କଜିନୀ ସାହ, ହରିପ୍ରିୟା ମାଝୀ, ସନ୍ତୋଷିନୀ ମାଝୀ, ମଞ୍ଜୁ କଅଁର, ଶୁଭଲକ୍ଷ୍ମୀ ସାହୁ, ସଂଗ୍ରାମ କେଶରୀ ନାୟକ, ସତ୍ୟକାମ ପ୍ରଧାନ ଓ ତୁଳସୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଧସନାପାରୀ ବ୍ରିଜ୍ କାମ ନିମ୍ନମାନର ଅଭିଯୋଗ

## ୩୧ କୋଟିର ବ୍ରିଜ୍, ଲାଗୁଛି ୧୨ ଏମଏମ ରଡ୍

ଗରଦପୁର,୧୫।୧(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଗରଦପୁର ବ୍ଲକ୍‌ର ଧସନାପାରୀ-ବନ୍ତଳା ସଂଯୋଗୀ ବ୍ରିଜ୍‌କୁ ନେଇ ଦୁଇ ଗାଁର ଲୋକ ଦେଖିଥିଲେ ବିକାଶର ସ୍ୱପ୍ନ। ଆଜି ସେହି ବ୍ରିଜ ନିଜେ ହୋଇପଡ଼ିଛି ଗଭୀର ପ୍ରଶ୍ନର କେନ୍ଦ୍ରବିନ୍ଦୁ। ୩୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ବ୍ରିଜ୍ ପାଇଁ ୨୦୨୩ରେ ଶିଳାନ୍ୟାସ କରାଯାଇଥିଲା। ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାମ ଅଧା। ତେବେ କାମର ମାନକୁ ନେଇ ଗୁରୁତର ଅଭିଯୋଗ ହେଉଛି। ଏହି ବ୍ରିଜ୍ କାମରେ ୧୨ ଏମ୍‌ଏମ୍ ରଡ୍ ବ୍ୟବହାର ହେଉଛି। ଯାହାକି ବ୍ରିଜ୍‌ର ସ୍ଥାୟୀ ନେଇ ଆଶଙ୍କା କରାଯାଉଛି।

ଏହି ବ୍ରିଜ୍‌କୁ ନେଇ ଧସନାପାରୀ ଓ ବନ୍ତଳା ଅଞ୍ଚଳବାସୀ ସ୍ୱପ୍ନ ଦେଖିଥିଲେ।



ଚିକିତ୍ସା, ଶିକ୍ଷା, ବ୍ୟବସାୟ ସବୁ କ୍ଷେତ୍ରରେ ସୁବିଧା ଆସିବ ବୋଲି ଆଶା ଥିଲା। କିନ୍ତୁ ଆଜି ସେହି ବ୍ରିଜ ନିର୍ମାଣ ଲୋକଙ୍କ ମନରେ ଆଶା ନୁହେଁ, ଭୟ ଭରିଦେଇଛି। ମୂଳଦୁଆରେ ଖେଳ? ଯେକୌଣସି ବ୍ରିଜ ନିର୍ମାଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ମୂଳଦୁଆ। ସମ୍ପୂର୍ଣ୍ଣ ଢାଞ୍ଚାର ଭରସା ଯେଉଁଠି, ସେଠି ଯଦି ଅନିୟମିତତା ହୁଏ, ପରିଣାମ ଭୟାବହ ହେବ। ଯେଉଁଠି ୨୫ ଏମଏମ କିମ୍ବା ତାହାଠାରୁ ଅଧିକ ମୋଟା ରଡ୍ ବ୍ୟବହାର ହେବା କଥା, ସେଠାରେ କେଉଁଠି ୮ ଏମଏମ ଓ କେଉଁଠି ୧୨ ଏମଏମ ରଡ ବ୍ୟବହାର ହେଉଥିବା ଦେଖାଯାଇଛି। ୩୧ କୋଟିର ବ୍ରିଜ କାମରେ ୧୨ ଏମଏମ ରଡରେ ଟିକିବ? ଏହି ପ୍ରଶ୍ନ ଆଜି କେବଳ ଧସନାପାରୀର ନୁହେଁ, ସମଗ୍ର ଜିଲ୍ଲାର ସଚେତନ ନାଗରିକଙ୍କ ମନରେ ରହିଛି। ବିଶେଷଜ୍ଞଙ୍କ ମତରେ, ଡିଜାଇନ୍‌ରେ ନିର୍ଦ୍ଦିଷ୍ଟ ରଡ ପରିବର୍ତ୍ତେ ପତଳା ରଡ ବ୍ୟବହାର କରାଗଲେ ବ୍ରିଜର ଆୟୁଷ ଗୁରୁତର ଭାବେ କମିଯାଏ।

ଠକେଇର ମାଷ୍ଟର ପ୍ଲାନ? କାଗଜରେ ଉଚ୍ଚମାନର ସାମଗ୍ରୀ, କିନ୍ତୁ ବ୍ୟବହାର ହେଉଛି କମ୍ ମୋଟେଇର ରଡ୍। ଯଦି ନିମ୍ନମାନର କାମକୁ ଅଣଦେଖା କରାଯାଏ, ତେବେ ଆଗାମୀ ଦିନରେ ତାହାର ମୂଲ୍ୟ ନିରୀହ ଲୋକଙ୍କୁ ଜୀବନ ଦେବାକୁ ପଡ଼ିପାରେ। ବ୍ରିଜ କାମର ତୁରନ୍ତ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

## ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଡେରାବିଶ, ୧୫।୧(ସମିସ): ଠାକୁରହାଟସ୍ଥ ମଡର୍ଣ୍ଣ ପବ୍ଲିକ ସ୍କୁଲର ୩୧ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ମଣ୍ଡଳୀ ସଭାପତି ଉପେନ୍ଦ୍ର ବିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥ ଠଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ପରିବେଶ ପ୍ରଦୂଷଣରୁ ଦୂରେଇ ରହି ଶୃଙ୍ଖଳିତ ଜୀବନ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କାଙ୍ଗାଳି ଚରଣ ବାରିକ ଯୋଗଦେଇ ଅଭିଭାବକ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରି ଗଢ଼ିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୀତାଞ୍ଜଳି ସେଠୀ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସୁବାସ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ନାରାୟଣ ପାତ୍ର ନିଜର ଅନୁଭୂତିରେ ବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ଓ ସଫଳତାରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅବଦାନ ବୋଲି କହିଥିଲେ। ଅଧକ୍ଷା ପ୍ରମୋଦା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସଫଳତା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି। ବନ୍ଧୁମିଳନ ଯୋଗ ରହିଛି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୬୮୧- ମହାରାଷ୍ଟ୍ରର ରାୟଗଡ଼ କିଲ୍ଲାରେ ଛତ୍ରପତି ଶିବାଜୀଙ୍କ ପୁତ୍ର ଶମ୍ଭାଜୀଙ୍କର ରାଜ୍ୟାଭିଷେକ ହୋଇଥିଲା।
- ୧୭୬୧- ଇଂରେଜମାନେ ଫ୍ରାନ୍ସ କବ୍ଜାରୁ ପଣ୍ଡିଚେରୀକୁ ଛଡ଼ାଇ ନେଲେ।
- ୧୯୩୮- ପ୍ରଖ୍ୟାତ ବଙ୍ଗଳା ସାହିତ୍ୟିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରଲୋକ।
- ୧୯୮୫- ଥାଇଲାଣ୍ଡରେ ଶିକ୍ଷକ ଦିବସ ପାଳନ ଆରମ୍ଭ।
- ୨୦୦୩- ଦ୍ୱିତୀୟଥର ମହାକାଶକୁ ଯାତ୍ରା କଲେ କଳ୍ପନା ଚାୱଲା।

## ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି





ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ 'ପୁଷ୍ପା' ସିରିଜ୍‌ର ସଫଳତା ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇ ଯାଇଛନ୍ତି। ଏବେ ସେ ଏଟ୍ଲିଙ୍କ ଫିଲ୍ମ 'AA22xA6'କୁ ନେଇ ବ୍ୟସ୍ତ ଅଛନ୍ତି। ସାଇନ୍ସ ଫିକ୍ସନ୍ ଉପରେ ଆଧାରିତ ଏହି ଫିଲ୍ମରେ ଅଲ୍ଲୁଙ୍କ ବିପକ୍ଷରେ ଦୀପିକା ପାଦୁକୋନ୍ ଦେଖାଯିବେ। ଇତିମଧ୍ୟରେ ଅଲ୍ଲୁଙ୍କ ହାତକୁ ଆହୁରି ଦୁଇଟି ବଡ଼ ପ୍ରୋଜେକ୍ଟ ଆସିଛି। ଲୋକେଶ କନଗରାଜଙ୍କ ଏକ ଫିଲ୍ମ ପାଇଁ ତାଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଏହାବାଦ୍ ତ୍ରିବିକ୍ରମ ମଧ୍ୟ ତାଙ୍କୁ ଏକ ଫିଲ୍ମ ପାଇଁ ଅଫର୍ ଦେଇଛନ୍ତି। ତେବେ ଅଲ୍ଲୁ ଏଟ୍ଲିଙ୍କ ସହ ଯେଉଁ ଫିଲ୍ମ କରୁଛନ୍ତି ତାହାର ବଜେଟ୍ ୮୦୦ କୋଟିରୁ ଊର୍ଦ୍ଧ୍ୱ ରହିଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୭ ଆରମ୍ଭରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଇଛି। ଏଥିରେ ଏକାଧିକ କଳାକାର ନଜରରେ ଆସିବେ। ଦୀପିକାଙ୍କ ବାଦ୍ ଏଥିରେ ରଶ୍ମିକା ମନ୍ଦାନା, ମୃଣାଳ ଠାକୁରଙ୍କୁ ବି ନେବା ପାଇଁ ଯୋଜନା କରାଯାଉଛି। ଏବେ ଏହି ଫିଲ୍ମରେ କାଜଲଙ୍କୁ ଏଣ୍ଟ୍ରି କରାଇବା ପାଇଁ ଫିଲ୍ମ ନିର୍ମାତା ଯୋଜନା କରିଛନ୍ତି। କାଜଲ ଏଥିରେ ଜଣେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ। ଅବଶ୍ୟ ଏନେଇ 'AA22xA6' ଟିମ୍ ପକ୍ଷରୁ ବିଧିବଦ୍ଧ ଭାବେ କିଛି ସୂଚନା ଆସିନାହିଁ। ଏହାର ପ୍ରଯୋଜନା ଦାୟିତ୍ୱରେ ସନ୍ ପିକଚର୍ସ ରହିଛି।

## କିମ୍‌ଙ୍କ ରହସ୍ୟମୟ ଜୀବନ



ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍‌ଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡ଼ିତ ଅନେକ କଥା କୌଣସି ରହସ୍ୟଠାରୁ କମ୍ ନୁହେଁ। ତାଙ୍କ ବିଷୟରେ ସବୁଠାରୁ ଚର୍ଚ୍ଚିତ ଗୁପ୍ତ କଥା ହେଉଛି ତାଙ୍କର ସ୍ୱିସ୍ ଶିକ୍ଷା। କିଶୋରାବସ୍ଥାରେ ସେ ସ୍ୱିଜରଲ୍ୟାଣ୍ଡରେ ରହି ବର୍ନର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲରେ ପାଠ ପଢ଼ୁଥିଲେ ବୋଲି କୁହାଯାଏ। ଏଠାରେ ସେ ଛଦ୍ମ ନାଁରେ ପାଠ ପଢ଼ୁଥିଲେ। ସହପାଠୀମାନେ ତାଙ୍କୁ ପାକ୍ ଉନ୍ ନାଁରେ ଜାଣିଥିଲେ। ସେ ପାଠପଢ଼ାରେ ସେତେ ବେଶି ଉନ୍ନତ ନ ଥିଲେ, କିନ୍ତୁ ସଙ୍ଗୀତ ଏବଂ ବାସ୍କେଟବଲ୍ ପ୍ରତି ତାଙ୍କର ଆଗ୍ରହ ଅଧିକ ଥିଲା। ପାଠପଢ଼ାରେ ତାଙ୍କୁ ଭଲ ଗ୍ରେଡ୍ ନ ମିଳିବାରୁ ସେ ଅଲଗା ସ୍କୁଲକୁ ସ୍ଥାନାନ୍ତରିତ ହୋଇ ଯାଇଥିଲେ। ସେଠାରେ ସେ ଅନ୍ୟ ସାଧାରଣ ଛାତ୍ରଙ୍କ ଭଳି ଜୀବନ ଅତିବାହିତ କଲେ। ସେହିପରି ଅନେକ ରିପୋର୍ଟରେ ଏକଥା ବି ଦାବି କରାଯାଇଛି ଯେ, ପ୍ରକୃତ ପରିଚୟକୁ ଲୁଚାଇବା ଲାଗି ସେ ଛଦ୍ମ ନାମ ବ୍ୟବହାର କରୁଥିଲେ। ଅନ୍ୟପଟେ ୨୦୧୧ ମସିହାରେ ତାଙ୍କ ପିତା କିମ୍ ଜଙ୍ଗ୍ ଇଲ୍‌ଙ୍କ ମୃତ୍ୟୁ ପରେ, ସେ କୌଣସି ଆନୁଷ୍ଠାନିକ ସାମରିକ ତାଲିମ ବିନା ସର୍ବୋଚ୍ଚ କ୍ଷମତା ଗ୍ରହଣ କରିଥିଲେ। ସେ ଉତ୍ତର କୋରିଆର ତୃତୀୟ ଶାସକ ଭାବେ ଶାସନଭାର ଗ୍ରହଣ କରିଥିଲେ। ତାଙ୍କ ଜେଜେ ବାପା ଦ୍ୱିତୀୟ କିମ୍ ସୁଙ୍ଗ୍ ଉତ୍ତର କୋରିଆର ପ୍ରଥମ ଏକଛତ୍ରବାଦୀ ଶାସକ ଥିଲେ। ଏହାପରେ କିମ୍‌ଙ୍କ ବାପା ଉତ୍ତର କୋରିଆର ଶାସକ ହୋଇଥିଲେ। ତାଙ୍କର ମୃତ୍ୟୁପରେ କିମ୍ ଜୋଙ୍ଗ୍ ଉନ୍ ଶାସନ ଭାର ସମ୍ଭାଳୁଛନ୍ତି। ଏକଥା ବି ଦାବି କରାଯାଏ ଯେ, କିମ୍ ତାଙ୍କ ଜେଜେବାପା ଦ୍ୱିତୀୟ କିମ୍ ସୁଙ୍ଗ୍‌ଙ୍କ ଭଳି ଦେଖାଯିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ। ଜେଜେବାପାଙ୍କ ଲୋକପ୍ରିୟତା ହାସଲ କରିବା ଉଦ୍ଦେଶ୍ୟରେ ସେ ଏପରି କରିଥିବା କୁହାଯାଏ। କିମ୍ ଜୋଙ୍ଗ ଉନ୍ କେଉଁ ମସିହାରେ ଜନ୍ମଗ୍ରହଣ କରିଛନ୍ତି ତାକୁ ନେଇ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ବି ସଠିକ୍ ଉତ୍ତର ଦେଇପାରିନାହାନ୍ତି। ଅନେକ ଗଣମାଧ୍ୟମ ରିପୋର୍ଟରେ ସେ ୧୯୮୩ ମସିହାରେ ଜନ୍ମଗ୍ରହଣ କରିଥିବା ଦାବି କରାଯାଉଥିବାବେଳେ ଆଉ କେତେକରେ ସେ ୧୯୮୪ରେ କରିଛନ୍ତି ବୋଲି କୁହାଯାଏ। ଏଭଳି ପରିସ୍ଥିତିରେ ତାଙ୍କର ବୟସ ନିର୍ଣ୍ଣୟ କରିବା କଷ୍ଟକର ହୋଇଯାଏ। ଆଜି ମଧ୍ୟ ତାଙ୍କ ବ୍ୟକ୍ତିଗତ ଜୀବନ ରହସ୍ୟଘେରରେ ରହିଛି।

## ପରିବାକୁ ପାଣିରେ ନା ବାମ୍ପରେ ସିଝାଇବା ଭଲ

ସୁସ୍ଥ ରହିବା ଲାଗି ସିଝା ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଏ। ସେହିପରି ପନିପରିବାରେ ଭିଟାମିନ୍, ମିନେରାଲ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀର ପାଇଁ ଖୁବ୍ ଉପଯୋଗୀ। ତେବେ ପନିପରିବାକୁ ବାମ୍ପରେ ନା ଗରମପାଣିରେ ସିଝାଇବା ଉଚିତ ସେନେଇ ଅନେକ ଦ୍ୱନ୍ଦ୍ୱରେ ରୁହନ୍ତି। ତେବେ ବାମ୍ପରେ ସିଝାଯାଉଥିବା ପନିପରିବାଗୁଡ଼ିକରେ ଏହାକୁ ପାଣିରେ ବୁଡ଼ାଯାଏ ନାହିଁ। ଫଳରେ ଏଥିରେ ଭିଟାମିନ୍ ସି, ଫୋଲେଟ ଏବଂ ଭିଟାମିନ ବି କମ୍ପ୍ଲେକ୍ସ ଭଳି ପୋଷକ ତତ୍ତ୍ୱ ସୁରକ୍ଷିତ ରହେ। ସେହିଭଳି ପାଳଙ୍ଗ, ଗାଜର, ବ୍ରୋକଲି ଭଳି ପରିବାକୁ ବାମ୍ପରେ ସିଝାଇବା ଦ୍ୱାରା ଏହାର ରଙ୍ଗ ଏବଂ ସ୍ୱାଦରେ କୌଣସି ପ୍ରଭାବ ପଡ଼ି ନ ଥାଏ। ଏଣୁ ଏହାକୁ ଖାଇବା ସହଜ ହୋଇଥାଏ। ଏହାବାଦ୍ ବାମ୍ପରେ ସିଝାଯାଉଥିବା ପରିବାଗୁଡ଼ିକ ଶୀଘ୍ର ହଜମ ହୋଇ ପାଚନତନ୍ତ୍ରକୁ ମଜଭୁତ କରିଥାଏ। ସେହିପରି ପରିବାକୁ ପାଣିରେ ସିଝାଇବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱଗୁଡ଼ିକ ପାଣିରେ ମିଶିଯାଏ। ଅନେକ ଲୋକ ପରିବାକୁ ସିଝାଇବା ପରେ ତା'ର ପାଣିକୁ ଫିଙ୍ଗି ଦିଅନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକତତ୍ତ୍ୱ ପାଣି ଦ୍ୱାରା ବାହାରକୁ ଚାଲିଯାଏ। ଅନେକ ସମୟରେ ଲୋକେ ନ ଘୋଡ଼ାଇ ବି ପରିବା ସିଝାନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକ ତତ୍ତ୍ୱ ବାମ୍ପ ମାଧ୍ୟମରେ ଉଡ଼ିଯାଏ। ତେବେ ଷ୍ଟିମର ନ ଥିଲେ, କୌଣସି ଛଣାରେ ବି ପରିବାରକୁ ବାମ୍ପ ଦେଇ ସିଝାଯାଇ ପାରିବ। ଅନ୍ୟପଟେ ପରିବାକୁ ବେଶି ସମୟ ରାନ୍ଧିବା ମଧ୍ୟ ଅନୁଚିତ। ପାଣିରେ ପରିବାକୁ ସିଝାଉଥିଲେ ଏହି ପାଣିକୁ ନ ଫୋପାଡ଼ି ଏହାକୁ ସୁପ୍, ଡାଲି ଏବଂ ଗ୍ରେଭିରେ ବ୍ୟବହାର କରାଯାଇ ହେବ। ଧିମା ଆଞ୍ଚରେ ପରିବା ରାନ୍ଧିବା ଦ୍ୱାରା ପୋଷକତତ୍ତ୍ୱ ସୁରକ୍ଷିତ ରହେ।



## ସଞ୍ଜୀବନୀ

## କର୍କଟ ନିୟନ୍ତ୍ରଣରେ ଆଧୁନିକ ଚିକିତ୍ସା

କର୍କଟ ସହ ଲଢ଼ିବା ପାଇଁ ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ରହିଛି। ଏହିକ୍ରମରେ ଏବେ କୋରିଆ ଆଡଭାନ୍ସଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(କେଏଆଇଏସ୍‌ଟି)ର ଗବେଷକମାନେ ଏକ ନୂତନ ଚିକିତ୍ସା ପଦ୍ଧତି ବିକଶିତ କରିଛନ୍ତି। ଏହି ନୂତନ ଚିକିତ୍ସା ପଦ୍ଧତି ଦ୍ୱାରା ଲିକ୍ୟୁଡ୍ କ୍ୟାନ୍‌ସର ଯଥା ରକ୍ତ କର୍କଟ ଏବଂ ଲିମ୍ଫୋମାରେ ବିଶେଷ ଫଳ ମିଳୁଛି। ଏଥିରେ ଟ୍ୟୁମରକୁ ସିଧାସଳଖ ଏକ ଔଷଧ (ଲିପିଡ କ୍ଷୁଦ୍ରତମ କଣିକା) ଦିଆଯାଏ। ଏହାଦ୍ୱାରା ଟ୍ୟୁମର ପାର୍ଶ୍ୱରେ ଥିବା ମାକ୍ରୋଫେଜ୍ ଗ୍ରହଣ କରି ନିଜର ରୋଗ ପ୍ରତିରୋଧକ ଶକ୍ତି ଦ୍ୱାରା ଟ୍ୟୁମର କୋଷକୁ ନିୟନ୍ତ୍ରଣ ରଖିଥାଏ। ମାକ୍ରୋଫେଜ୍‌ରେ ହେଉଥିବା ପରିବର୍ତ୍ତନକୁ କାର୍-ମାକ୍ରୋଫେଜ୍ କୁହାଯାଏ। ଏହାଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ କର୍କଟର କୋଷକୁ ନିୟନ୍ତ୍ରଣ କରି କର୍କଟକୁ ବଢ଼ିବାକୁ ଦେଇ ନ ଥାଏ। ଏହା ପାରମ୍ପରିକ ଚିକିତ୍ସା ପଦ୍ଧତିଠାରୁ ଅଧିକ ପ୍ରଭାବୀ। ଏଥିରେ ନିଜସ୍ୱ ରୋଗପ୍ରତିରୋଧକ ଶକ୍ତି ଦ୍ୱାରା କର୍କଟ ନିୟନ୍ତ୍ରଣ ହେଉଥିବାରୁ କମ୍ ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ। ଅନ୍ୟପଟେ ସଲିଡ୍ ଟ୍ୟୁମର ଯଥା ଗ୍ୟାଷ୍ଟ୍ରିକ, ଫୁସ୍‌ଫୁସ୍ ଏବଂ ଯକୃତ କର୍କଟରେ ଏହି ଚିକିତ୍ସା ଅପେକ୍ଷାକୃତ କମ୍ ଗ୍ରହଣୀୟ। କାରଣ ଏହି ସବୁ କୋଷର ବାହ୍ୟ ଆବରଣ ଅପେକ୍ଷାକୃତ କଠିନ। ମାକ୍ରୋଫେଜ୍ ଏହି କଠିନ ଆବରଣକୁ ଭେଦ କରି କ୍ୟାନ୍‌ସର କୋଷକୁ ନଷ୍ଟ କରିବା ଚ୍ୟାଲେଞ୍ଜ ହୋଇଥାଏ। ତେବେ ଆଗାମୀ ଦିନରେ ଏହି ଚିକିତ୍ସା ପଦ୍ଧତି କିପରି ଅଧିକ ଫଳପ୍ରଦ ହେବ ତାହା ଉପରେ ଗବେଷକମାନେ ବିଶେଷ ଧ୍ୟାନ ଦେଉଛନ୍ତି।



## ଆଣ୍ଠୁ ଯନ୍ତ୍ରଣା ଦୂର ପାଇଁ ପଛୁଆ ଚାଲି

ସୁସ୍ଥ ଓ ଫିଟ୍ ରହିବାକୁ ବିଶେଷଜ୍ଞମାନେ ଚାଲିବାକୁ ସୁପାରିସ କରନ୍ତି। ସାଧାରଣତଃ ଦଶ ହଜାର ପାଦ ଚାଲିବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଇଥାଏ। ହେଲେ ଅଫିସ୍, ଘର ତଥା ବିଭିନ୍ନ ଦାୟିତ୍ୱ ଭିତରେ ଲୋକେ ଦଶ ହଜାର ପାଦ ଚାଲିପାରନ୍ତି ନାହିଁ। ଏଥିପାଇଁ ଜଣେ ରେଟ୍ରୋ ୱାକିଂ ବା ପଛକୁ ଚାଲି ପାରିବେ। ଏଥିରେ ଜଣେ ବ୍ୟକ୍ତିଙ୍କୁ ଦିନରେ ୫ରୁ ୧୦ ମିନିଟ୍ ପଛକୁ ଚାଲିବାକୁ ହୋଇଥାଏ। ୧୦୦ଥର ପଛକୁ ଚାଲିବା ପାଖାପାଖି ୧୦୦୦ ସାଧାରଣ ପାଦ ଚାଲିବା ସହିତ ସମାନ। ଆରମ୍ଭରୁ କାନ୍ଥ କିମ୍ବା ରେଲିଂ ସାହାରା ନେଇ ଏହି ଚାଲିବା ଅଭ୍ୟାସ କରାଯାଏ। ପରେ ସମତଳ ସ୍ଥାନ ଯଥା ହଲ୍ ବା ଉଦ୍ୟାନରେ ଚାଲିବାକୁ ହୋଇଥାଏ। ଏହି ଚାଲିବା ଶୈଳୀରୁ ଶରୀରର ବିଭିନ୍ନ ମାଂସପେଶୀ ସକ୍ରିୟ ହୋଇଥାଏ। ଆଣ୍ଠୁଗଣ୍ଠି, ପିଠି ଯନ୍ତ୍ରଣା ଦୂର ହୋଇପାରେ। ମାନସିକ ଏକାଗ୍ରତା ବୃଦ୍ଧି ପାଏ। ଓଜନ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।

## ଶୀତକାଳୀନ ବିଷର୍ଣ୍ଣତା

**ଶୀତଋତୁରେ ଦିନ ଛୋଟ ହୋଇଥାଏ। ସୂର୍ଯ୍ୟାଲୋକର ଅବଧି ହ୍ରାସପାଉଥିବାରୁ ମସ୍ତିଷ୍କରେ କେତେକ ସ୍ୱତନ୍ତ୍ର ପରିବର୍ତ୍ତନ ସଂଘଟିତ ହୋଇଥାଏ। ଏହି ସମୟରେ ମାନସିକ ଅବସାଦ ପ୍ରକାଶ ପାଇଥାଏ। ଏହି ଶୀତକାଳୀନ ବିଷର୍ଣ୍ଣତାକୁ କୁହାଯାଏ 'ଉଇଣ୍ଟର ବ୍ଲୁ'। ଡାକ୍ତରୀ ଭାଷାରେ ଏହା 'ସିଜ୍‌ନାଲ ଆଫେକ୍ଟିଭ ଡିସ୍‌ଅର୍ଡର'। ପୁରୁଷଙ୍କ ତୁଳନାରେ ମହିଳା ବେଶୀ ଆକ୍ରାନ୍ତ ହୋଇଥାନ୍ତି। ବସନ୍ତଋତୁର ଶେଷ କିମ୍ବା ଗ୍ରୀଷ୍ମଋତୁର ଆରମ୍ଭରେ ଏହି ଅସୁସ୍ଥତା ଆପେ ଆପେ ଅପସରିଯାଏ।**

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଶୀତ ଋତୁରେ ମାନସିକ ଅବସାଦଗ୍ରସ୍ତ ଅଧିକ ବିଷର୍ଣ୍ଣ ହୋଇ ଆତ୍ମହତ୍ୟାପ୍ରବଣ ହୋଇ ପଡ଼ନ୍ତି। ଭାରତର ସର୍ବତ୍ର ଏହି ରୋଗୀଙ୍କୁ ଦେଖିବା ପାଇଁ ମିଳିଥାଏ। ଶୀତଦିନେ ଲୋକେ କିଣାକିଣିରେ ବେଶୀ କ୍ରେଡିଟ୍‌କାର୍ଡ ବ୍ୟବହାର କରିଥାନ୍ତି, ଅଧିକ ମଦ୍ୟପାନ କରିଥାନ୍ତି, ଚକୋଲେଟ ଖାଇଥାନ୍ତି। ଆତ୍ମହତ୍ୟା ସହ ଶିଶୁ ନିର୍ଯ୍ୟାତନାର ହାର ବଢ଼ିଯାଏ। ଏହି ଲକ୍ଷଣମାନ ମାନସିକ ଅବସାଦକୁ ସୂଚାଇଥାଏ।

### ଶୀତକାଳୀନ ବିଷର୍ଣ୍ଣତାର ଲକ୍ଷଣ

କ୍ଲାନ୍ତି, ଶାରୀରିକ ସାମର୍ଥ୍ୟରେ ହାନି, କ୍ରୋଧୀ ସ୍ୱଭାବ, ସାମାନ୍ୟ ଯନ୍ତ୍ରଣାରେ ବେଶୀ ଯନ୍ତ୍ରଣାର ଅନୁଭବ, କ୍ଷୁଧାବୃଦ୍ଧି, ମିଠା ପ୍ରତି ଆସକ୍ତି, ଓଜନ ବୃଦ୍ଧି, ସାଧାରଣ ଭାବେ କମ୍ ନିଦ, କିନ୍ତୁ ନିଦ୍ରାର ଅବଧିବୃଦ୍ଧି, ହାତ, ପାଦ ଓଜନିଆ, କାମପ୍ରତି ଅନାଗ୍ରହ, କୋଷ୍ଠକାଠିନ୍ୟ, ଚିଡ଼ିଚିଡ଼ା, ସ୍ଫୁର୍ତ୍ତିଶୀଳତା ହ୍ରାସ ଆଦି ଲକ୍ଷଣ ପ୍ରକାଶ ପାଏ।




### ପ୍ରତିକାର ବ୍ୟବସ୍ଥା

ପ୍ରତ୍ୟହ ୪୫ରୁ ୯୦ ମିନିଟ୍ ଧରି ଖରାରେ ବିତେଇବା, ଶାରୀରିକ ପରିଶ୍ରମ କରିବା, ବେଶୀ ପରିମାଣର ତଟକା ପରିବା ଓ ଫଳ ଖାଇବା ଜରୁରି। ହୃଦୟଖୋଲି ସମସ୍ତଙ୍କ ସହ ମିଶିବା, ଗୀତ ଗାଇବା ଓ ଶୁଣିବା, ଖେଳିବା, ଦୈନିକ ଠିକ୍ ସମୟେ ଖାଦ୍ୟ ଗ୍ରହଣ କଲେ ଏହା ଜୈବଘଡ଼ିକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଏଥିସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ବ୍ୟବହାର କରିବା ଦ୍ୱାରା ମାନସିକ ବିଷାଦରୁ ମୁକ୍ତି ମିଳିପାରେ।

'ଅଭୀପ୍‌ସା'
ସେକ୍ଟର-୬, ପ୍ଲଟ୍ ନଂ-୧୧୩୧
ଅଭିନବ ବିଡ଼ାନାସୀ, କଟକ

## ହୃଦ୍‌ଘାତ ପାଇଁ ସ୍ମାର୍ଟ ମେସିନ୍




ହୃଦ୍‌ଘାତ ପରେ ରୋଗୀଙ୍କ ଯତ୍ନ ନେବାକୁ ଜାପାନ, ଆମେରିକା ଏବଂ ଭାଲେନ୍‌ସିଆର ବୈଜ୍ଞାନିମାନେ ଏକ ସ୍ୱୟଂଚାଳିତ ସ୍ମାର୍ଟ ମେସିନ୍ ତିଆରି କରିଛନ୍ତି। ଏହାର ନାଁ ଏସିଆଇଏସ୍। ଏହି ମେସିନ୍‌ଟି ଡାକ୍ତରଙ୍କ ତତ୍ତ୍ୱାବଧାନରେ କାମ କରିବ। ରୋଗୀଙ୍କୁ ଔଷଧ ଦେବା ସହ ସ୍ୱାସ୍ଥ୍ୟସ୍ଥିତିକୁ ନଜର ରଖିବ। ଡାକ୍ତର ରୋଗୀର ରକ୍ତ ଚାପ କେତେ ରହିବ, ହୃଦ୍‌ଗତି, ଅମ୍ଳଜାନ କେତେ ଆବଶ୍ୟକ ଏହା ଧାର୍ଯ୍ୟ କରନ୍ତି। ମେସିନ୍‌ଟି ପୀଡ଼ିତଙ୍କ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଔଷଧ ମାତ୍ରା ଦେବ। ପ୍ରାୟତଃ ଡାକ୍ତର ରୋଗୀଙ୍କୁ ଔଷଧ ଦେଇ ତାର ପ୍ରଭାବକୁ ନଜର ରଖି ଆବଶ୍ୟକ ହେଲେ ଔଷଧ ବଦଳାନ୍ତି। ଏହି ମେସିନ୍ ପ୍ରତି ମିନିଟ୍‌କୁ ରୋଗୀଙ୍କୁ ନଜର ରଖିବ। ଆବଶ୍ୟକ ହେଲେ ଔଷଧ ବଦଳାଇବ। ମେସିନ୍‌ଟି ସେବିକା ଏବଂ ଡାକ୍ତରଙ୍କ କାମ ସହଜ କରିବ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳଥିବା ରୋଗୀଙ୍କ ପାଇଁ ମେସିନ୍‌ଟି ବରଦାନ ସଦୃଶ। ହୃଦ୍‌ଘାତ ରୋଗୀଙ୍କୁ ଏହା ସାହାଯ୍ୟ କରିବ। ହୃଦ୍‌ଘାତ ପରେ ହୃଦୟ ଉପରେ ଅଧିକ ଚାପ ପଡ଼ିଥାଏ। ମେସିନ୍ ଏହି ରୋଗୀଙ୍କ ଦେଖାଶୁଣା ସହ ଶରୀରର ଅମ୍ଳଜାନକୁ ନିୟନ୍ତ୍ରଣ କରିଥାଏ। ଆଗାମୀ ଦିନରେ ସ୍ମାର୍ଟ ମେସିନ୍ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

## ଓଜନ କମାଇବ ବ୍ରୋକଲି

**ବ୍ରୋକଲିରେ ଭିଟାମିନ୍, ଖଣିଜଦ୍ରବ୍ୟ ଏବଂ ଫାଇବର ରହିଛି। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ଦୂର କରିଥାଏ। ଓଜନ ହ୍ରାସ କରୁଥିବା ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇଥାଏ।**

- ବ୍ରୋକଲିରେ କମ୍ କ୍ୟାଲୋରୀ ଏବଂ ଫାଇବର ଅଧିକ ଥାଏ। ଏହାକୁ ଖାଇବା ଦ୍ୱାରା ପେଟ ଭରି ରହେ। ଓଜନ ନିୟନ୍ତ୍ରଣ ସହିତ ରକ୍ତ ଶର୍କରାକୁ ସନ୍ତୁଳିତ ରଖିବାରେ ଏହା ସାହାଯ୍ୟ କରେ।
- ବ୍ରୋକଲି ରକ୍ତଚାପକୁ ସନ୍ତୁଳିତ ରଖେ। ଖରାପ କୋଲେଷ୍ଟ୍ରଲକୁ କମ୍ କରେ।
- କ୍ୟାଲ୍‌ସିୟମ ଏବଂ ଭିଟାମିନ୍-କେ'ରେ ଭରପୁର ବ୍ରୋକଲି ଅସ୍ଥିକୁ ଶକ୍ତ କରି ଅଷ୍ଟିଓପୋରୋସିସ ପରି ସମସ୍ୟାକୁ କମ୍ କରେ। ଛୋଟ ପିଲା, ମହିଳା ଏବଂ ବୟସ୍କଙ୍କ ପାଇଁ ବ୍ରୋକଲି ସେବନ ହିତକର। ଏଥିରେ ଥିବା ଲୌହସାର ରକ୍ତ ଅଭାବକୁ ପୂରା କରେ।
- ଏହା ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଏ।



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

**ପୁରୁଷ ହକି ଇଣ୍ଡିଆ ଲିଗ୍**

# କାଲିଠୁ କମ୍ପିବ କଳିଙ୍ଗ: ଖେଳାଯିବ ୧୪ ମ୍ୟାଚ୍

## ଘରୋଇ ମାଟିରେ ଦ୍ୱିତୀୟ ଟାଇଟଲ୍ ଲକ୍ଷ୍ୟରେ କଳିଙ୍ଗ



ଭୁବନେଶ୍ୱର, ୧୫ ।୧ (ସମିସ): ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଚଳିତ ୭ମ ସଂସ୍କରଣର ଚେନ୍ନଇ ଓ ରାଞ୍ଚି ଲେଗ୍ ଶୁକ୍ରବାର ଶେଷ ହେବ। ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଶନିବାରଠାରୁ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ପର୍ଯ୍ୟାୟରେ ମୋଟ୍ ୧୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଗ୍ରାଣ୍ଡ ଫାଇନାଲ ସମେତ ୯ଟି ଲିଗ୍, ୨ଟି କ୍ୱାଲିଫାୟର ଏବଂ ଗୋଟିଏ ଲେଖାଏ ଏଲିମିନେଟର୍ ଓ କାଂସ୍ୟ ପଦକ ମ୍ୟାଚ୍ ରହିଛି। ସାଧାରଣତନ୍ତ୍ର ଦିବସରେ ଉଭୟ ସ୍ୱର୍ଣ୍ଣ ପଦକ ଓ କାଂସ୍ୟ ପଦକ ଲାଗି ମ୍ୟାଚ୍ ଅନୁଷ୍ଠିତ ହେବ। ଫଳରେ ଶନିବାରଠୁ ୧୦ ଦିନ ଧରି କମ୍ପିବ କଳିଙ୍ଗ। ବିଶ୍ୱର ଅନେକ ତାରକା ହକି ଖେଳାଳିଙ୍କ କ୍ରୀଡ଼ା କୌଶଳକୁ ଅତି ନିକଟରୁ ପୁଣିଥରେ ଦେଖିବାର ସୁଯୋଗ ପାଇବେ ଓଡ଼ିଶାର କ୍ରୀଡ଼ାପ୍ରେମୀ।

### ପଏଣ୍ଟ ଟେବଲ୍

| ଦଳ | ମ୍ୟାଚ୍ | ବିଜୟ | ସୁ.ବି. | ସୁ.ପ. | ପରାଜୟ | ପଏଣ୍ଟ |
|---|---|---|---|---|---|---|
| କଳିଙ୍ଗ ଲାନ୍ସର୍ସ | ୪ | ୩ | ୧ | ୦ | ୦ | ୧୧ |
| ଏଚ୍ଆଇଏଲ୍ ଜିସି | ୫ | ୩ | ୦ | ୧ | ୧ | ୧୦ |
| ତାମିଲନାଡୁ ଡ୍ରାଗନ୍ସ | ୫ | ୧ | ୨ | ୦ | ୨ | ୭ |
| ରାଞ୍ଚି ରୟାଲ୍ସ | ୪ | ୨ | ୦ | ୦ | ୨ | ୬ |
| ବେଙ୍ଗଲ ଟାଇଗର୍ସ | ୫ | ୨ | ୦ | ୦ | ୩ | ୬ |
| ହାଇଦରାବାଦ | ୫ | ୧ | ୦ | ୨ | ୨ | ୫ |
| ସୁରମା ହକି କ୍ଲବ | ୪ | ୧ | ୧ | ୦ | ୨ | ୫ |
| ଏସ୍‌ଜି ପାଇପର୍ସ | ୪ | ୧ | ୦ | ୧ | ୨ | ୪ |

ବି.ଦ୍ର.: ସୁ.ବି.- ସୁଟ୍ଆଉଟ୍ ବିଜୟ, ସୁ.ପ- ସୁଟ୍ଆଉଟ୍ ପରାଜୟ

### ଅପରାଜେୟ ସହ ଶୀର୍ଷରେ କଳିଙ୍ଗ

ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଚଳିତ ସଂସ୍କରଣରେ ବେଶ୍ ଦମ୍‌ଦାର ପ୍ରଦର୍ଶନରେ ରହିଛି। ବେଲ୍‌ଜିୟମର ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱରେ ଖେଳୁଥିବା କଳିଙ୍ଗ ଦଳ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ୧୧ ପଏଣ୍ଟ ପାଇ ଆଠ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଘରୋଇ ପରିବେଶରେ ଲାନ୍ସର୍ସ ଲିଗ୍ ପର୍ଯ୍ୟାୟର ଆଉ ୩ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଚେନ୍ନଇ ଓ ରାଞ୍ଚିରେ ହାସଲ କରିଥିବା ବିଜୟଧାରାକୁ ଭୁବନେଶ୍ୱରରେ ବଜାୟ ରଖିବାକୁ ଲାନ୍ସର୍ସ ଲକ୍ଷ୍ୟ ରଖିଛି। ଏଚ୍ଆଇଏଲ୍ ଇତିହାସରେ କଳିଙ୍ଗ ଲାନ୍ସର୍ସ ୨୦୧୭ରେ ଥରେ ମାତ୍ର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ତେଣୁ ୯ ବର୍ଷ ପରେ କଳିଙ୍ଗ ଘରୋଇ ପରିବେଶରେ ଏହାର ଦ୍ୱିତୀୟ ଟାଇଟଲ୍ ଜିତିବା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଟର୍ଫକୁ ଓହ୍ଲାଇବ।

### କଳିଙ୍ଗରେ ଟିକଟ ଫ୍ରି

ଓଡ଼ିଶାର କ୍ରୀଡ଼ାପ୍ରେମୀ ଏଥର କଳିଙ୍ଗରେ ଖେଳାଯିବାକୁ ଥିବା ସମସ୍ତ ୧୪ଟି ମ୍ୟାଚକୁ ମାଗଣାରେ ଦେଖିପାରିବେ। ଦର୍ଶକ ବିନା କୌଣସି ଦେୟରେ ନିଜ ନିଜର ଟିକଟ୍ ଅନଲାଇନରେ ବୁକ୍ କରି ଷ୍ଟାଡିୟମରେ ଖେଳ ଉପଭୋଗ କରିବେ। ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ନିକଟରେ ଏହା ଘୋଷଣା କରିଥିଲେ। ଦର୍ଶକମାନେ https://ticketgenie.in/event/Hero-Hockey-India-League-2025-26 ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ।

### କଳିଙ୍ଗ ପର୍ଯ୍ୟାୟର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୧୭ ।୧ | ବେଙ୍ଗଲ ଟାଇଗର୍ସ-ହାଇଦରାବାଦ୍ ତୁଫାନ୍ସ | ସନ୍ଧ୍ୟା ୫ଟା |
| ୧୭ ।୧ | କଳିଙ୍ଗ ଲାନ୍ସର୍ସ-ଏସ୍‌ଜି ପାଇପର୍ସ | ରାତି ୭ଟା ୩୦ |
| ୧୮ ।୧ | ଏସ୍‌ଜି ପାଇପର୍ସ-ବେଙ୍ଗଲ ଟାଇଗର୍ସ | ସନ୍ଧ୍ୟା ୫ଟା |
| ୧୮ ।୧ | କଳିଙ୍ଗ ଲାନ୍ସର୍ସ-ତାମିଲନାଡୁ ଡ୍ରାଗନ୍ସ | ରାତି ୭ଟା ୩୦ |
| ୧୯ ।୧ | ଏଚଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୦ ।୧ | ହାଇଦରାବାଦ୍ ତୁଫାନ୍ସ-ଏଚଆଇଏଲ୍ ଜିସି | ସନ୍ଧ୍ୟା ୫ଟା |
| ୨୦ ।୧ | କଳିଙ୍ଗ ଲାନ୍ସର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୧ ।୧ | ତାମିଲନାଡୁ ଡ୍ରାଗନ୍ସ-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୨ ।୧ | ଏସ୍‌ଜି ପାଇପର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୩ ।୧ | କ୍ୱାଲିଫାୟର-୧ (ପ୍ରଥମ ବନାମ ଦ୍ୱିତୀୟ) | ସନ୍ଧ୍ୟା ୫ଟା |
| ୨୩ ।୧ | ଏଲିମିନେଟର୍ (ତୃତୀୟ ବନାମ ଚତୁର୍ଥ) | ରାତି ୭ଟା ୩୦ |
| ୨୫ ।୧ | କ୍ୱାଲିଫାୟର-୨ (କ୍ୱା.-୧ ପରାଜିତ - ଏ.ବିଜେତା) | ରାତି ୭ଟା ୩୦ |
| ୨୬ ।୧ | କାଂସ୍ୟ ପଦକ ମ୍ୟାଚ୍ | ସନ୍ଧ୍ୟା ୫ଟା |
| ୨୬ ।୧ | ଫାଇନାଲ | ରାତି ୭ଟା ୩୦ |

ସମସ୍ତ ମ୍ୟାଚ୍ ସୋନି ସ୍ପୋର୍ଟ୍ସ ଓ ଡିଡି ସ୍ପୋର୍ଟ୍ସରେ ପ୍ରସାରିତ ହେବ

## ସୁରମା ହକି କ୍ଲବ୍‌ର ବଡ଼ ବିଜୟ

ରାଞ୍ଚି,୧୫।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୩-୧ ଗୋଲରେ ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ୍‌କୁ ହରାଇ ବଡ଼ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ସୁରମା ପକ୍ଷରୁ ପ୍ରଥମ ୩ଟି ଗୋଲ ହୋଇଥିଲା। ଅଧିନାୟକ ହରମନପ୍ରୀତ ସିଂହ ୨ଟି ଓ ଗୁରଜାନ୍ତ ସିଂହ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ସୁର୍‌ମା ୨-୦ ଗୋଲରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ପରେ ୩୮ତମ ମିନିଟ୍‌ରେ ସୁରମା ପକ୍ଷରୁ ହରମନପ୍ରୀତ୍ ଫିଲ୍ଡ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲା। କିନ୍ତୁ ଖେଳ ଶେଷ ହେବାକୁ ଗୋଟିଏ ମିନିଟ୍ ବାକିଥିଲାବେଳେ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ କେନ୍ ରସେଲ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ଆସନ୍ତାକାଲି ସୁରମା ହକି କ୍ଲବ୍ ଓ ରାଞ୍ଚି ରୟାଲ୍ସ ମୁକାବିଲା ସହ ହକି ଇଣ୍ଡିଆର ଲିଗ୍‌ର ରାଞ୍ଚି ଲେଗ୍ ଶେଷ ହେବ। ଏହା ପରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଏଚ୍ଆଇଏଲ୍‌ର ତୃତୀୟ ତଥା ଶେଷ ପର୍ଯ୍ୟାୟ ମୁକାବିଲା ଶନିବାରଠାରୁ ଆରମ୍ଭ ହେବ।

## ଡବ୍ଲ୍ୟୁପିଏଲ୍: ଶେଷରେ ଜିତିଲା ୟୁପି

ନଭି ମୁମ୍ବଇ, ୧୫ ।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ୟୁପି ୱାରିୟର୍ଜ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ମେଗ୍ ଲାନ୍ନିଙ୍କ ୟୁପି ଦଳ ୭ ୱିକେଟରେ ଡିଫେଣ୍ଡିଂ ତଥା ଦୁଇଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ୧୬୨ ରନର ଟାର୍ଗେଟ୍‌କୁ ପିଛା କରିଥିବା ୟୁପି ୧୮.୧ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ହର୍ଲିନ ଦେଓଲ ୧୨ ଚୌକା ବଳରେ ୩୯ ବଲରୁ ୬୪ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଏହି ପ୍ରତୀକ୍ଷିତ ବିଜୟ ଭେଟି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୋଲେ ଟ୍ରିୟନ ଅପରାଜିତ ୨୭, ଅଧିନାୟକ ଲାନ୍ନିଂ ଓ ଫୋଏବ ଲିଚଫିଲ୍ଡ ଉଭୟ ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ଘରୋଇ ମୁମ୍ବାଇର ନାଟାଲୀ ସ୍କିଭର-ବ୍ରଣ୍ଟଙ୍କୁ ୨ଟି ୱିକେଟ୍ ମିଳିଥିଲା। ପୂର୍ବରୁ ନାଟାଲୀଙ୍କ ୬୫ ରନ ବଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୫ ୱିକେଟ୍‌ରେ ୧୬୧ ରନ କରିଥିଲା। ଏଥିସହ ହ୍ୟାଟ୍ରିକ ପରାଜୟ ପରେ ୟୁପି ବିଜୟ ପଏଣ୍ଟ ପାଇଛି। ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ।


■ ଜାତୀୟ ଖୋ ଖୋ'ରେ ଓଡ଼ିଶାକୁ ଡବଲ୍ ପଦକ

## ମହିଳାଙ୍କୁ ରୌପ୍ୟ; ପୁରୁଷ ଜିତିଲେ କାଂସ୍ୟ



ଭୁବନେଶ୍ୱର, ୧୫ ।୧ (ସମିସ): ତେଲଙ୍ଗାନାର କାଜିପେଟସ୍ଥିତ ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିଅର ଚାମ୍ପିଅନସିପ୍‌ର ୫୮ତମ ସଂସ୍କରଣରେ ଓଡ଼ିଶା ଡବଲ୍ ପଦକ ସଫଳତା ପାଇଛି। ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କାଂସ୍ୟରେ ସନ୍ତୁଷ୍ଟ ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ଫାଇନାଲରେ ଓଡ଼ିଶା କଡ଼ା ସଂଘର୍ଷ କରିଥିଲେ ମଧ୍ୟ ମାତ୍ର ୧ ପଏଣ୍ଟ (୨୩-୨୨)ରେ ଶକ୍ତିଶାଳୀ ମହାରାଷ୍ଟ୍ର ନିକଟରୁ ହାରିଯାଇଛି। ଗତ ବର୍ଷ ପୁରୀରେ ଅନୁଷ୍ଠିତ ୫୭ତମ ସଂସ୍କରଣରେ ମଧ୍ୟ ଓଡ଼ିଶାକୁ ହରାଇ ମହାରାଷ୍ଟ୍ର ମହିଳା ଦଳ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ପୁରୁଷ ବିଭାଗରେ ରେଳବାଇ ଦଳ ୨୬-୨୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ୍ ବଜାୟ ରଖିଛି। ପୁରୁଷରେ କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ବିଜୟୀ ହୋଇଛି। ମହିଳା ବିଭାଗରେ ଅର୍ଚ୍ଚନା ମାଝୀ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ଖେଳାଳି ହୋଇଛନ୍ତି। ପଦକ ବିଜୟୀ ଓଡ଼ିଶା ଦଳକୁ ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ନ୍ୟୁଜିଲାଣ୍ଡ ସିରିଜ୍‌ରୁ ସୁନ୍ଦର ବାଦ୍; ବିଶ୍ୱକପ୍‌ରେ ଖେଳିବା ନେଇ ସନ୍ଦେହ



ମୁମ୍ବଇ,୧୫।୧(ଏଜେନ୍ସି): ଆହତ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବିସିସିଆଇ ଏଯାଏ ଅନ୍ୟ କୌଣସି ଖେଳାଳିଙ୍କୁ ସାମିଲ କରିନାହିଁ। ନ୍ୟୁଜିଲାଣ୍ଡ ସିରିଜ୍ ଲାଗି ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ, କିନ୍ତୁ ଜାନୁଆରୀ ୩୦ ସୁଦ୍ଧା ବିଶ୍ୱକପ୍ ଲାଗି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯିବ। ସୂଚନାଯୋଗ୍ୟ ନ୍ୟୁଜିଲାଣ୍ଡ ସହ ବରୋଦାରେ ଜାନୁଆରୀ ୯ ତାରିଖ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବୋଲିଂ କରୁଥିଲାବେଳେ ସୁନ୍ଦର ଆହତ ହୋଇଥିଲେ। ଏହା ପରେ ତାଙ୍କୁ ଅବଶିଷ୍ଟ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଥିଲା। ସ୍କାନ ପରେ ଆହତ ସମସ୍ୟା ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯାଇଛି। ସେ ଖୁବ୍ ଶୀଘ୍ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଯୋଗ ଦେବାକୁ କୁହାଯାଇଛି। ତାଙ୍କ ବଦଳରେ କିଏ ଦଳରେ ସାମିଲ ହେବେ ତାହା ସ୍ଥିର ହୋଇନାହିଁ।

ସେହିପରି ବିଜୟ ହଜାରେ ଟ୍ରଫି ଖେଳୁଥିବାବେଳେ ତିଲକ ବର୍ମା ଆହତ ହୋଇଥିଲେ। ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ଉଭୟଙ୍କ ଆହତ ସମସ୍ୟା ଗୁରୁତର ହୋଇଥିବାରୁ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ନେଇ ସନ୍ଦେହ ରହିଛି।

**୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ: ହେନିଲ ପଟେଲଙ୍କୁ ୫ ୱିକେଟ୍**

# ବର୍ଷାରେ ଭାରତର ବିଜୟ ଅଭିଯାନ



ବୁଲାୱାୟୋ,୧୫।୧(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଆମେରିକାକୁ ୬ ୱିକେଟରେ ପରାସ୍ତ କରି ପ୍ରତିଭାବାନ ଖେଳାଳିମାନଙ୍କୁ ନେଇ ଗଠିତ ଭାରତ ୧୯ ବର୍ଷରୁ କମ୍ ଦଳ ବିଶ୍ୱକପ୍‌ରେ ବିଜୟଅଭିଯାନ ଆରମ୍ଭ କରିଛି। ଜିମ୍ବାୱେର ବୁଲାୱାୟୋସ୍ଥିତ କ୍ୱିନ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୩୫.୨ ଓଭରରେ ୧୦୭ ରନ୍ କରିଥିଲା। ଦଳ ପକ୍ଷରୁ ନୀତୀଶ ସୁଦିନ ସର୍ବାଧିକ ୩୬, ଅଦନିତ ଝାମ୍ବ ୧୮, ସାହିଲ ଗର୍ଗ ଓ ଅର୍ଜୁନ ମହେଶ ୧୬ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ବାମହାତୀ ପେସ୍ ବୋଲର ହେନିଲ ପଟେଲ ୫ଟି ୱିକେଟ ପାଇଥିଲେ।

ଜବାବରେ ୧୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ତୃତୀୟ ଓଭରରେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ହରାଇଥିଲା। ସେ ମାତ୍ର ୨ ରନ୍‌ରେ ପ୍ରତିପକ୍ଷ ପେସ୍ ବୋଲର ରିତଭିକ୍ ଆପିଡିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୪ ଓଭରରେ ୧ ୱିକେଟ ହରାଇ ୨୧ ରନ୍ କରିଥିଲାବେଳେ ବର୍ଷା ଓ ଘଡଘଡି ଯୋଗୁ ଖେଳ ବନ୍ଦ ରହିଥିଲା। ବର୍ଷା ଛାଡିବା ପରେ ମ୍ୟାଚ୍‌କୁ ୩୭ ଓଭର ବିଶିଷ୍ଟ କରାଯାଇଥିଲା ଓ ୩୭ ଓଭରରେ ୯୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟକରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୧୭.୨ ଓଭରରେ ୪ ୱିକେଟ ହରାଇ ୯୯ ରନ୍ କରିବା ସହ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ମ୍ୟାଚ୍ ଜିତିଲା ବେଳକୁ ଅଭିଜ୍ଞାନ କୁଣ୍ଡୁ ୪୨ ଓ କନିଷ୍କ ଚୋହାନ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆୟୁଷ ମାହାତ୍ରେ ୧୯, ବିହାନ ମାଲହୋତ୍ରା ୧୮ ଓ ବେଦାନ୍ତ ତ୍ରିବେଦୀ ୨ ରନ୍ କରିଥିଲେ। ଆପିଡିଙ୍କୁ ୨ଟି ୱିକେଟ ମିଳିଥିଲା। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ବାଂଲାଦେଶ ସହ ଜାନୁଆର ୧୭ରେ ଖେଳିବ।

### ଶୁକ୍ରବାର ବିଶ୍ୱକପ୍ ମୁକାବିଲା

| | |
|---|---|
| ପାକିସ୍ତାନ ବନାମ ଇଂଲଣ୍ଡ | ହରାରେ |
| ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ | ୱିଣ୍ଡୋହକ୍ |
| ଆଫଗାନିସ୍ତାନ- ଦକ୍ଷିଣ ଆଫ୍ରିକା | ୱିଣ୍ଡୋହକ୍ |

### ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

ୱିଣ୍ଡୋହକ୍: ଏହି ବିଶ୍ୱକପ୍‌ର ପ୍ରଥମ ଦିନରେ ଆଉ ୨ଟି ମ୍ୟାଚ୍ ଖେଳାଯାଇଥିଲା। ନାମିବ୍ୟାର ୱିଣ୍ଡୋହକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟରେ ତାଞ୍ଜାନିଆକୁ ପରାସ୍ତ କରିଛି। ସେହିପରି ବର୍ଷା, ଖରାପ ପାଗ ଓ ଓଦା ପଡ଼ିଆ ଯୋଗୁଁ ଘରୋଇ ଜିମ୍ବାୱେ ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ କରାଯାଇଛି। ନାମିବ୍ୟାର ୱିଣ୍ଡୋହେକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାଞ୍ଜାନିଆ ୧୨୨ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୧ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଓପନର ତାନେଜ ଫ୍ରାନସିସ୍ ୫୨ ଓ ଜୁଏଲ ଆଣ୍ଡ୍ର୍ୟୁ ୪୪ ରନ୍ କରିଥିଲେ। କିନ୍ତୁ ତାଞ୍ଜାନିଆ ଇନିଂସରେ ୭ ଓଭରରୁ ୨୩ ରନ୍ ଦେଇ ୨ଟି ୱିକେଟ ନେଇଥିବା ଶାକ୍ୱାନ ବେଲେଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଜାତୀୟ ମହିଳା ଫୁଟ୍‌ବଲ୍ ଦଳରେ ୩ ଓଡ଼ିଆ







କଟକ,୧୫।୧(ସମିସ): ଏଏଫସି ମହିଳା ଏସିଆ କପ୍ ପୂର୍ବରୁ ଭାରତୀୟ ମହିଳା ଫୁଟବଲ ଦଳ ଏକ୍ସପୋଜର ଟୁର୍‌ରେ ତୁର୍କୀ ଯାତ୍ରା କରିଛି। ସେଠାରେ ଏଫସି ମେଟାଲିଷ୍ଟ, ଏଫସି ଜୁରିକ ଏବଂ ଏଫସି ସିଲିରେନ୍ ବିପକ୍ଷରେ ତିନୋଟି ମ୍ୟାଚ୍ ଖେଳିବ। ତେବେ ୨୬ ଜଣିଆ ଭାରତୀୟ ଦଳରେ ତିନି ଓଡ଼ିଆଙ୍କୁ ସ୍ଥାନ ମିଳିଛି। ଏମାନେ ହେଲେ ମିଡଫିଲ୍ଡର ଯଶୋଦା ମୁଣ୍ଡା, ଫରୱାର୍ଡ ପ୍ୟାରୀ ଖାଖା ଏବଂ ଡିଫେଣ୍ଡର ଜୁଲି କିଶାନ। ହରିୟାଣାର ଗୁରୁଗ୍ରାମରେ ତିନି ଦିନିଆ ଅଭ୍ୟାସ ସେସନ ଶେଷ କରିବା ପରେ ତିନିଜଣ ଜାତୀୟ ଦଳ ସହ ତୁର୍କୀ ଯାତ୍ରା କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଟଙ୍କଧର ତ୍ରିପାଠୀ ଏବଂ ସମ୍ପାଦକ ଆଶୀର୍ବାଦ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


**ଦର୍ଶନଙ୍କୁ ୫ ୱିକେଟ; ଅମନଙ୍କ ଶତକ**

## ବିଜୟ ହଜାରେ ଟ୍ରଫି ଫାଇନାଲରେ ବିଦର୍ଭ

ବେଙ୍ଗାଲୁରୁ,୧୫।୧(ଏଜେନ୍ସି): ଦର୍ଶନ ନାଲକାଣ୍ଡେଙ୍କ ଘାତକ ବୋଲିଂ ଓ ଅମନ ମୋଖାଡେଙ୍କ ଶତକ ସହାୟତାରେ ବିଦର୍ଭ ୬ ୱିକେଟରେ କର୍ଣ୍ଣାଟକକୁ ଏଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ପଞ୍ଜାବ ଓ ସୌରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ବିଦର୍ଭ ସହ ଆସନ୍ତା ରବିବାର ୧୮ ତାରିଖରେ ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ଦର୍ଶନ ନାଲକାଣ୍ଡେ ୪୮ ରନ୍‌ରେ ୫ ଓ ଯଶ ଠାକୁର ୬୪ ରନ୍‌ରେ ୨ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ୨୮୦ ରନ୍ କରିଥିଲା। କରୁନ ନାୟାର ୭୬ ଓ କ୍ରିଷନ ଶ୍ରୀଜିତ ୫୪ ରନ କରିଥିଲେ। ଜବାବରେ ଅମନ ମୋଖାଡେଙ୍କ ୧୨୨ ବଲ୍‌ରେ ୧୩୮, କର୍ଣ୍ଣାଟକର ପୂର୍ବତନ ଖେଳାଳି ରବିକୁମାର ସମର୍ଥଙ୍କ ଅପରାଜିତ ୭୬ ଓ ଧ୍ରୁବ ସୋରୀଙ୍କ ୪୭ ରନ୍ ସହାୟତାରେ ବିଦର୍ଭ ୭ ୱିକେଟ ଓ ୩.୪ ଓଭର ଖେଳ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପ୍ରତିପକ୍ଷ ଦଳର ଅଭିଳାଷ ସେଟ୍ଟୀଙ୍କୁ ୩ ୱିକେଟ ମିଳିଥିଲା। ଅମନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

**ବାଂଲା ଖେଳାଳିଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲା ବୋର୍ଡ**

# ତାମିମ୍‌ଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ନଜମୁଲ ବହିଷ୍କୃତ



ଢାକା,୧୫।୧(ଏଜେନ୍ସି): ମୁସ୍ତାଫିଜୁର ରହେମାନ ବିବାଦରେ ବାଂଲାଦେଶର ବିସ୍ଫୋରକ ଓପନର ତାମିମ୍ ଇକବାଲଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ବୋର୍ଡ ନିର୍ଦ୍ଦେଶକ ଏମ୍ ନାଜମୁଲ ଇସ୍‌ଲାମଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ ବହିଷ୍କୃତ କରିଛି। ଏହା ସହ ତାଙ୍କ ଉପରେ ଥିବା ସମସ୍ତ ଦାୟିତ୍ୱକୁ ବୋର୍ଡ ପ୍ରତ୍ୟାହାର କରିନେଇଛି। ତାଙ୍କୁ ମଧ୍ୟ ବୋର୍ଡର ଅର୍ଥନୈତିକ କମିଟିର ଅଧ୍ୟକ୍ଷ ପଦରୁ ବିଦା କରାଯାଇଛି। ଏହା କେବଳ ସମ୍ଭବ ହୋଇଛି ବାଂଲାଦେଶ ଖେଳାଳିଙ୍କ ଯୋଗୁଁ। ଖେଳାଳି କଲ୍ୟାଣ ସଂଘ ଓ ପ୍ରାୟ ସମସ୍ତ ବରିଷ୍ଠ ଖେଳାଳି ତାମିମ୍‌ଙ୍କ ପ୍ରତି ଏପରି ମନ୍ତବ୍ୟକୁ ନାପସନ୍ଦ କରିବା ସହ ତୀବ୍ର ସମାଲୋଚନା କରିଥିଲେ। ସେ (ନାଜମୁଲ) ତାଙ୍କ ମନ୍ତବ୍ୟ ଲାଗି ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ଓ ପରେ ଇସ୍ତଫା ଦିଅନ୍ତୁ ବୋଲି ବାଂଲା ଖେଳାଳି ସଂଘ ଦାବି କରିଥିଲା। କିନ୍ତୁ ନାଜମୁଲ କ୍ଷମା ତ ମାଗି ନ ଥିଲେ, ବରଂ ଭାରତ-ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରି ଆସିଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି ଘୋଷଣା କରି ଆଉ ଏକ ବିବାଦ ସୃଷ୍ଟି କରିଥିଲେ। ଏହାର ପ୍ରଭାବ ଆଜି ଦେଖାଦେଇଥିଲା। ନାଜମୁଲ୍‌ଙ୍କୁ ବହିଷ୍କାର କରାଯିବା ଦାବିରେ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଅଟଳ ରହିଥିଲେ। ଏ ସମ୍ପର୍କରେ ବୋର୍ଡ କିଛି ନିଷ୍ପତ୍ତି ନ ନେବାରୁ ଆଜି ବାଂଲାଦେଶ ପ୍ରିମିୟର ଲିଗ୍‌ରେ ଥିବା ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲେ। ଏହା ଫଳରେ ଆଜି ହେବାକୁ ଥିବା ମ୍ୟାଚ୍ ସମ୍ଭବ ହୋଇପାରି ନ ଥିଲା। ଆଜି ସନ୍ଧ୍ୟାରେ ବାଂଲା କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ନିର୍ଦ୍ଦେଶକ ପଦରେ ଥିବା ନାଜମୁଲଙ୍କୁ ବୋର୍ଡରୁ ବହିଷ୍କାର କରିଛନ୍ତି।

ସୂଚନାଯୋଗ୍ୟ ବାଂଲା ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ଭାରତରେ ହେଉଥିବା ଆଇପିଏଲ୍‌ରୁ ବିଦା କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ରହେମାନଙ୍କୁ ବିଦା କରିବା ପରେ ବାଂଲାଦେଶ ଭାରତରେ ବିଶ୍ୱକପ୍ ଖେଳୁ ବୋଲି ତାମିମ୍ ଇଚ୍ଛା ପ୍ରକାଶ କରିଥିଲେ। ଏଥିଲାଗି ନାଜମୁଲ ତାଙ୍କୁ ଭାରତୀୟ ଏଜେଣ୍ଟ ବୋଲି ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରି ସମାଲୋଚନା କରିଥିଲେ। ଏହା କିନ୍ତୁ ଖେଳାଳିଙ୍କୁ ବହୁତ ବାଧିଥିଲା। ସମସ୍ତ ବରିଷ୍ଠ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଏହାକୁ ଦୃଢ଼ ବିରୋଧ କରିବା ସହ ନାଜମୁଲଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ। ଶେଷରେ ଖେଳାଳିଙ୍କ ଦାବି ଆଗରେ ବୋର୍ଡ ମୁଣ୍ଡ ନୁଆଁଇଥିଲା ଓ ନାଜମୁଲ୍‌ଙ୍କୁ ସମସ୍ତ ପଦରୁ ବହିଷ୍କାର କରିଥିଲା। ଦୀର୍ଘ ୧୭ ବର୍ଷ ଧରି ବାଂଲାଦେଶ ପକ୍ଷରୁ କ୍ରିକେଟ ଖେଳିଥିବା ତାମିମ୍‌ଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଖେଳାଳି ସଂଘ ଗ୍ରହଣ କରିପାରି ନ ଥିଲେ। ପରେ ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରିଗଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି କହିବା ପରେ ନିଆଁରେ ଘିଅ ଢାଳିବା ଭଳି ହୋଇଥିଲା। ଏବେ ସେ ବହିଷ୍କୃତ ହେବା ପରେ ପରିସ୍ଥିତି କ'ଣ ହେବ ତାହା ଦେଖିବାକୁ ବାକି ରହିଛି।

## ଜାତୀୟ ଦୃଷ୍ଟିହୀନ କ୍ରିକେଟ ଶନିବାରରୁ

ଭୁବନେଶ୍ୱର,୧୫।୧(ସମିସ): ସମର୍ଥନମ୍ ଟ୍ରଷ୍ଟ, କ୍ରିକେଟ ଆସୋସିଏସନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ଏବଂ କ୍ରିକେଟ ଆସୋସିଏସନ ଫର ଭିଜୁଆଲୀ ଇମ୍ପେଆରଡ୍ (ସିଏଭିଆଇ)ର ମିଳିତ ସହଯୋଗରେ ଇଣ୍ଡସଇଣ୍ଡ ବରିଷ୍ଠ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତା ଶନିବାରଠାରୁ ଭୁବନେଶ୍ୱରରେ ଆୟୋଜିତ ହେବ। ରାଜଧାନୀ ଉପକଣ୍ଠସ୍ଥ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଜାନୁଆରୀ ୨୨ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୮ ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଦଳଗୁଡିକୁ ୫ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ମଧ୍ୟପ୍ରଦେଶ (ଚାମ୍ପିଅନ), ରାଜସ୍ଥାନ, ତାମିଲନାଡୁ ଓ କେରଳ, ଗ୍ରୁପ୍-ବି'ରେ କର୍ଣ୍ଣାଟକ, ଝାଡଖଣ୍ଡ, ଦିଲ୍ଲୀ ଓ ଗୁଜରାଟ, ଗ୍ରୁପ୍-ସି'ରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର ଓ ଚଣ୍ଡିଗଡ, ଗ୍ରୁପ୍-ଡି'ରେ ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତରପ୍ରଦେଶ, ଗ୍ରୁପ୍-ଇ'ରେ ପଶ୍ଚିମବଙ୍ଗ, ହରିୟାଣା ଓ ଆସାମ ରହିଛନ୍ତି। ହାଇଟେକ୍ ମେଡିକାଲ କଲେଜ୍ ଅଡିଟୋରିୟମ୍‌ରେ ଆସନ୍ତାକାଲି ରାତି ୮ଟା ବେଳେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସିଏଭିଆଇ ସଭାପତି ମହମ୍ମଦ୍ ଜାଫର ଇକ୍‌ବାଲ ଜଣାଇଛନ୍ତି।

## ନୀରଜଙ୍କ ନୂଆ କୋଚ୍

ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ନୂଆ କୋଚ୍ ଜୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ସିଜନ ପୂର୍ବରୁ ଏହି ପ୍ରସ୍ତୁତି ଲାଗି ନୀରଜ ଦକ୍ଷିଣ ଆଫ୍ରିକାର ପୋଶ୍ଚେଷ୍ଟ୍ରମକୁ ପସନ୍ଦ କରିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ନୂଆ କୋଚ୍ ଚୌଧୁରୀଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକାରେ ୩୨ ଦିନିଆ ଏହି ପ୍ରସ୍ତୁତି ଲାଗି ଅନୁମତି ପ୍ରଦାନ କରିଛି। ଏଥିଲାଗି ସାଇ ୧୧.୮୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଗତ ସପ୍ତାହରେ ନୀରଜ ଚେକ୍ ଗଣରାଜ୍ୟର କିମ୍ବଦନ୍ତୀ ଜାଭେଲିନ ଥ୍ରୋ' ପ୍ରଶିକ୍ଷକ ଜାନ୍ ଜେଲେଜ୍ନିଙ୍କଠାରୁ ଅଲଗା ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS